R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୮୯
ତିଥି : ଷଷ୍ଠୀ
୧୪ ଏପ୍ରିଲ ୨୦୨୪, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

ମହାବିଷୁବ ସଂକ ାନ୍ତି
ଉପଲକ୍ଷେ
ହାର୍ଦ୍ଦିକ ଅଭିନନ୍ଦନ

ଅଶାନ୍ତ ହେଉଛି ମଧ୍ୟପ୍ରାଚ୍ୟ ସ୍ଥିତି

ଜାହାଜ ଜବତ କଲା ଇରାନ୍

ନୂଆଦିଲ୍ଲୀ, ୧୩।୪ : ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି । ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ହେବାର ସମ୍ଭାବନା ଦେଖାଦେଇଛି । ଇରାନ ପକ୍ଷରୁ ଆଜି ଇସ୍ରାଏଲ ଅଞ୍ଚଳରେ ଏକ ପଣ୍ୟବାହୀ ଜାହାଜକୁ ଜବତ କରାଯାଇଛି । ଏହି ଜାହାଜଟି ଜିଓ ନିଷ୍ଟ ରିଜିନର ବୋଲି ସୂଚନା ମିଳିଛି । ଏହି ପଣ୍ୟବାହୀ ଜାହାଜରେ ୧୭ ଭାରତୀୟ ଥିବା ଜଣାପଡ଼ିଛି ।

ସୂତ୍ରରୁ ମିଳୁଥିବା ସୂଚନା ଅନୁଯାୟୀ, ଇରାନର ଜଳ ସୀମା ନିକଟରେ ଏହି ଜାହାଜକୁ ଜବତ କରାଯାଇଛି । ଫଳରେ ଏହି ଅଞ୍ଚଳରେ ଏବେ ଉତ୍ତେଜନା ଲାଗି ରହିଛି । ଇରାନକୁ ଏହାର ଫଳ ଭୋଗିବାକୁ ପଡ଼ିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି । ଇରାନ ପକ୍ଷରୁ ଏବେ ଏମ୍‌ଏସ୍‌ସି ଏରିଜ୍‌ରେ ଏହି ଜାହାଜ ଉପରେ ନିୟନ୍ତ୍ରଣ ଆଣିଛି । ଭାରତ ପକ୍ଷରୁ ଇରାନ କର୍ତ୍ତୃପକ୍ଷଙ୍କ ସହ ଏଥିରେ ଭାରତୀୟଙ୍କୁ ମୁକ୍ତ କରିବା ଲାଗି ଆଲୋଚନା ଚାଲିଛି । ତେବେ ଜାହାଜ ଜବତ ଘଟଣାକୁ ନେଇ ଇସ୍ରାଏଲ ସିଧାସଳଖ ଇରାନକୁ ଧମକ ଦେଇଛି । ଏହି ଘଟଣର ପରିଣାମ ଇରାନକୁ ଭୋଗିବାକୁ ପଡ଼ିବ । ସ୍ଥିତିକୁ ଆହୁରି ଖରାପ କରିବା ପାଇଁ ଇରାନର ଏହି ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ । ଇରାନକୁ ଏହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ । ଇରାନର ଗଣମାଧ୍ୟମରେ ସୂଚନା ମିଳିଛି ଯେ ହେଲିବର ଅପରେସନ ଜରିଆରେ ଗୋଟିଏ ପଣ୍ୟବାହୀ ଜାହଜକୁ ଜବତ କରାଯାଇଛି । ନୌସେନାର ସ୍ୱତନ୍ତ୍ର ଫୋର୍ସଗାର୍ଡ଼ମାନେ ଏହାକୁ ଜବତ କରିଛନ୍ତି । ବିଶ୍ୱ ବାଣିଜ୍ୟ କାରବାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା ହୋରମୁଜ ନିକଟରେ ଏହି ଜାହଜକୁ ଜବତ କରାଯାଇଛି । ସମୁଦ୍ର ସୁରକ ା ସହ ଜଡ଼ିତ ଦୁଇଟି ସଂସ୍ଥା ପୂର୍ବରୁ କହିଥିଲେ ଯେ ଇରାନ ସରକାର ୟୁଏଇ ଉପକୂଳରୁ ଗୋଟିଏ ପଣ୍ୟବାହୀ ଜାହାଜକୁ ଜବତ କରିସାରିଛି । ଜାହାଜ ଟ୍ରାକିଂ ୱେବ୍‌ସାଇଟରୁ ଜଣାପଡ଼ିଛି ଯେ ଏଥିରେ ପର୍ତ୍ତୁଗାଲ ପତାକା ଲାଗିଥିଲା । ଜାହାଜର ଶେଷ ଠିକଣା ଗ୍ରୁଫ୍‌ରେ ଥିଲା ।

ଭୟଙ୍କର ପରିଣାମ ଭୋଗିବ ଇରାନ୍ : ଇସ୍ରାଏଲ୍

ବଢ଼ିଲା ତାତି, ଗୁଳୁଗୁଳି କଲା କଲବଲ

ଭୁବନେଶ୍ୱର, ୧୩।୪ (ସବ୍ୟୁ) : ରାଜ୍ୟରେ ତାତି ବଢ଼ିଲା । ୪୦° ନଛୁଇଁଲେ ମଧ୍ୟ ଦିନ ତମାମ ଝାଞ୍ଜି ମାଡ଼ କଲା । ୩୯°ରେ ଲାଗୁଥିଲା ୪୪°ର ଉତାପ । ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବାହାରେ ଗରମ ଅନୁଭୂତ ହେଉଥିଲା । ଆଗକୁ ଆହୁରି ଅସହ୍ୟ ହେବ ତାପମାତ୍ରା । ଆସନ୍ତା ୫ ଦିନ ଭିତରେ ୫ରୁ ୬° ଯାଏଁ ବଢ଼ିବ ପାରଦ । ତେଣୁ ୧୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ପାଣିପାଗ ବିଭାଗ କହିବା ଅନୁଯାୟୀ, ଶନିବାର ବାରିପଦାରେ ସର୍ବାଧିକ ୩୯° ତାପମାତ୍ରା ରେକର୍ଡ଼ କରାଯାଇଥିବା ବେଳେ ଭୁବନେଶ୍ୱରରେ ୩୮.୪°, ଚାନ୍ଦବାଲିରେ ୩୮.୬°, ନୟାଗଡ଼ରେ ୩୮° ତାପମାତ୍ରା ରେକର୍ଡ଼ ହୋଇଛି । ତେବେ ରାଜ୍ୟରେ ଦିନର ତାପମାତ୍ରା ୪୦° ଅତିକ୍ରମ କରି ନଥିଲେ ମଧ୍ୟ ଦିନ ୧୨ଟା ବେଳକୁ ଝାଞ୍ଜି ଅନୁଭୂତ ହୋଇଥିଲା । ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ପବନ ପ୍ରବାହିତ ଯୋଗୁ ରାଜ୍ୟରେ ଉତାପ ବଢ଼ିଛି ।

ଆସନ୍ତାକାଲି (ରବିବାର) କଟକ, ଖୋର୍ଦ୍ଧା, ନୟାଗଡ଼, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଗ୍ରୀଷ୍ମ ଲହରୀ ଏବଂ ଗୁଳୁଗୁଳି ଅନୁଭୂତ ହେବ । ଏଥିପାଇଁ ଏହି ସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ (୯ ପୃଷ୍ଠାରେ)

୧୭ ଯାଏଁ ଅସହ୍ୟ ତାତି
ଗ୍ରୀଷ୍ମ ଲହରୀ ପାଇଁ ୟେଲୋ ୱାର୍ଣ୍ଣିଂ
୫ରୁ ୬° ଯାଏ ବଢ଼ିବ ତାପମାତ୍ରା

ସିଦ୍ଧରମେୟାଙ୍କ ଅଭିଯୋଗ

କଂଗ୍ରେସ ବିଧାୟକଙ୍କୁ ୫୦ କୋଟି ଯାଚୁଛି ବିଜେପି

ନୂଆଦିଲ୍ଲୀ, ୧୩।୪ : କର୍ଣ୍ଣାଟକରେ ଅପରେସନ ଲୋଟସ ଆରମ୍ଭ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଅଭିଯୋଗ କରିଛନ୍ତି । ବିଜେପି ପକ୍ଷରୁ ଲୋକସଭା ନିର୍ବାଚନ ପୂର୍ବରୁ ରାଜ୍ୟ ସରକାରକୁ ଭାଙ୍ଗିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି । ସିଦ୍ଧରମେୟା ଏକ ଘରୋଇ ଟିଭି ଚ୍ୟାନେଲକୁ ସାକ୍ଷାତକାରରେ ଏହା କହିଛନ୍ତି । ବିଜେପି ପକ୍ଷରୁ କଂଗ୍ରେସ ବିଧାୟକମାନଙ୍କୁ ୫୦ କୋଟି ଟଙ୍କା ଲେଖାଏଁ ଯଚାଯାଉଥିବା ନେଇ ସେ ବଡ଼ ଅଭିଯୋଗ ଆଣିଛନ୍ତି ।

ବିଜେପି ପକ୍ଷରୁ ପୂର୍ବରୁ କୁହାଯାଇଥିଲା ଯେ, ରାଜ୍ୟର କଂଗ୍ରେସ ସରକାର ଭାଙ୍ଗିଯିବ । ଆଗାମୀ ନିର୍ବାଚନରେ ଦଳର ପ୍ରଦର୍ଶନ ଖରାପ ହେଲେ ଏହା ଭାଙ୍ଗିଯିବ । ବର୍ଷେ ହେଲାଣି ଆମ ସରକାରକୁ ଭାଙ୍ଗିବା ପାଇଁ ଉଦ୍ୟମ ଆରମ୍ଭ ହେଉଛି । ଆମ ବିଧାୟକମାନଙ୍କୁ ୫୦ କୋଟି ଟଙ୍କା ଲେଖାଏଁ ଯଚାଯାଉଛି । ସେମାନେ ଚେଷ୍ଟା କରୁଛନ୍ତି (୯ ପୃଷ୍ଠାରେ)

ବର୍ଣ୍ଣଭିଟା ହେଲ୍‌ଥ ଡ୍ରିଙ୍କ ନୁହେଁ

ନୂଆଦିଲ୍ଲୀ, ୧୩।୪ : ବର୍ଣ୍ଣଭିଟାକୁ ହେଲ୍‌ଥ ଡ୍ରିଙ୍କ୍‌ରୁ ବାଦ୍ ଦିଆଯାଇଛି । ଏହା ହେଲ୍‌ଥ ଡ୍ରିଙ୍କସ୍ ନାମରେ ବିକ୍ରି ହେବ ନାହିଁ । କେନ୍ଦ୍ରର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ବର୍ଣ୍ଣଭିଟାକୁ ପୋଟାଲ ଏବଂ ପ୍ଲାଟ୍‌ଫର୍ମରେ ହେଲ୍‌ଥ ଡ୍ରିଙ୍କସ୍ ଭାବେ ସୂଚନା ଦିଆଯାଇଥିଲା । ଏହାକୁ ବଜାର ଓ ଇ-କମର୍ସ ସାଇଟ୍‌ରୁ ହଟାଇବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି । ହେଲ୍‌ଥ ଡ୍ରିଙ୍କସ୍‌କୁ ନେଇ ସମସ୍ତ ଇ-କମର୍ସ କମ୍ପାନୀଗୁଡ଼ିକ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି ।

ନ୍ୟାସନାଲ କମିଶନ ଫର ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍ସ୍ ଏନ୍‌ସିପିସିଆର ପକ୍ଷରୁ ଏକ ଅନୁସନ୍ଧାନ କରାଯାଇଥିଲା । ଏଥିରେ ୨୦୦୬ ଏଫ୍‌ଏସ୍‌ଏସ୍ ଆଇନ ଅନୁଯାୟୀ ହେଲ୍‌ଥ ଡ୍ରିଙ୍କ୍‌ର ଯେଉଁ ସଂଜ୍ଞା ନିରୂପଣ କରାଯାଇଥିଲା, ତାହା ଆସୁ ନଥିବା ଜଣାପଡ଼ିଛି । ଅନୁସନ୍ଧାନରୁ ଜଣାପଡ଼ିଛି ଯେ ବର୍ଣ୍ଣଭିଟା ସମେତ ଅନ୍ୟ ଡ୍ରିଙ୍କସ୍‌ଗୁଡ଼ିକ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏଥିରେ ଚିନିର ମାତ୍ରା ଅଧିକ ଥିବା ସହ ଅନେକ ସାମଗ୍ରୀ ରହିଛି । ଏନ୍‌ସିପିସିଆର ପକ୍ଷରୁ ଖାଦ୍ୟ (୯ ପୃଷ୍ଠାରେ)

ସିଇଓଙ୍କୁ ବିଜେଡିର ଫେରାଦ

ସରକାରୀ କର୍ମଚାରୀଙ୍କୁ ଧମକାଉଛନ୍ତି ବିଜେପି ନେତା ପ୍ରାର୍ଥୀ

ଭୁବନେଶ୍ୱର, ୧୩।୪ (ସବ୍ୟୁ) : ସରକାରୀ କର୍ମଚାରୀଙ୍କୁ ବିଜେପି ନେତା ଧମକାଉଛନ୍ତି । ଆଶାଦିଦି, ଅଙ୍ଗନୱାଡି କର୍ମୀଙ୍କୁ ମଧ୍ୟ ଅପମାନ ଦିଆଯାଇ ଧମକାଯାଉଛି । ବିଜେପି ନେତା ପ୍ରଶାନ୍ତ ଜଗଦ୍ଦେବ ଓ ପ୍ରଦୀପ ପାଣିଗ୍ରାହୀ ସରକାରୀ କର୍ମଚାରୀଙ୍କୁ ଧମକ ଦେଉଥିବା ନେଇ ବିଜେଡି ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ।

ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ବିଜେଡିର ଏକ ପ୍ରତିନିଧି ଦଳ କହିଛନ୍ତି ଯେ ଯେଉଁ ସରକାର କର୍ମଚାରୀମାନେ ନିର୍ବାଚନ ପରିଚାଳନାରେ ଅଛନ୍ତି ନିର୍ବାଚନ କମିଶନଙ୍କ ନାମର ଅପବ୍ୟବହାର କରାଯାଇ ସେମାନଙ୍କୁ ବଦଳି ଧମକ ଦିଆଯାଉଛି । ବିଜେପି ନେତା ଓ କେତେକ ପ୍ରାର୍ଥୀ ଏଭଳି କାର୍ଯ୍ୟ କରୁଛନ୍ତି । ବିଜେଡି ପକ୍ଷରୁ ବହୁବାର ଏନେଇ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଛି । ଏହି ଘଟଣାରେ ନିର୍ବାଚନ କମିଶନ ହସ୍ତକ୍ଷେପ କରନ୍ତୁ । (୯ ପୃଷ୍ଠାରେ)

୯ ଲୋକସଭା ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ

ଭୁବନେଶ୍ୱର, ୧୩।୪ (ସବ୍ୟୁ) : ଓଡ଼ିଶାର ୯ ଲୋକସଭା ଆସନ ଲାଗି କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। କେନ୍ଦୁଝର ଲୋକସଭା ଆସନରୁ ମୋହନ ହେମ୍ବ୍ରମ୍‌ଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ବାଲେଶ୍ୱର ଆସନରୁ ଶ୍ରୀକାନ୍ତ ଜେନା, ଭଦ୍ରକରୁ ଅନନ୍ତ ପ୍ରସାଦ ସେଠୀ, ଯାଜପୁରରୁ ଅଞ୍ଜଳ ଦାସ, ଢେଙ୍କାନାଳରୁ ସସ୍ମିତା ବେହେରା, କେନ୍ଦ୍ରାପଡ଼ାରୁ ସିଦ୍ଧାର୍ଥ ସ୍ୱରୂପ ଦାସ, ଜଗତସିଂହପୁରରୁ ରବୀନ୍ଦ୍ର ସେଠୀ, ପୁରୀରୁ ସୁଚରିତା ମହାନ୍ତି ଓ ଭୁବନେଶ୍ୱରରୁ ୱାସିର ନୱାଜଙ୍କୁ ପ୍ରାର୍ଥୀ କରାଯାଇଛି। ପୂର୍ବରୁ କଂଗ୍ରେସ ୮ ଲୋକସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଥିଲା । ଆଉ ୪ ଲୋକସଭା ଆସନ ଲାଗି କଂଗ୍ରେସର ପ୍ରାର୍ଥୀ ଘୋଷଣା ବାକି ରହିଛି ।

ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକରେ ମୋଟ୍ ୧୭ ଲୋକସଭା ଆସନ ଓ ଗୁଜୁରାଟର ୫ ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନ ଲାଗି ପ୍ରାର୍ଥୀ ବୃତ୍ତାନ୍ତ କରାଯାଇଛି।

ସମଲେଶ୍ୱରୀ ମନ୍ଦିରରେ ମାଦକ ଦ୍ରବ୍ୟ ନିଷେଧ

ସମ୍ବଲପୁର, ୧୩।୪ (ସବ୍ୟୁ): ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ମନ୍ଦିର ପରିସରରେ ହନୁମାନ ଜୟନ୍ତୀ ଠାରୁ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ରୋକ ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି । ଏହି ନିଷ୍ପତ୍ତି ନମାନିଲେ ଆର୍ଥିକ ଦଣ୍ଡ ବ୍ୟବସ୍ଥା ରହିଛି । ମନ୍ଦିର ପରିସରର ପବିତ୍ରତା ଓ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା ବେଳେ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ସୂଚନାଯୋଗ୍ୟ, ସମଲେଇ ପ୍ରକଳ୍ପ ଜରିଆରେ ମନ୍ଦିର ଓ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କରାଯାଇଛି । ସେଥିମଧ୍ୟରେ ୫ଟି ପ୍ରବେଶ ଦ୍ୱାର, ଐତିହ୍ୟ ସମ୍ପନ୍ନ ପୁଷ୍କରିଣୀ ଓ ଜଳଫୁଆରା, ୧କିମି ଦୈର୍ଘ୍ୟର ପରିକ୍ରମା ପ୍ରକଳ୍ପ, ପାର୍କିଂ ସ୍ଥାନ, ପାନୀୟ ଜଳ, ଶୌଚାଳୟ, ସୂଚନା କେନ୍ଦ୍ର, ଛୋଟା ଷ୍ଟାଣ୍ଡ, ଭେଣ୍ଡିଂ ଜୋନ୍, ଶୃଙ୍ଖଳିତ ଧାଡି ଦର୍ଶନ ବ୍ୟବସ୍ଥା, ରିଂରୋଡରେ ଫୁଟ୍ ଓଭରବ୍ରିଜ୍, ସ୍ୱତନ୍ତ୍ର ଦୀପ ଘର, ଭୋଗ ମଣ୍ଡପ, ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ, ମହାନଦୀ ଆଳତୀ ଘାଟ, ମିଶନ କାଫେ, ୱାଚ୍ ଟାୱାର, ସେଲଫି ପଏଣ୍ଟ, ଲାଇଟ୍ ଓ ସାଉଣ୍ଡ ବ୍ୟବସ୍ଥା ଏବଂ ମଠ ଓ ମନ୍ଦିର ଆଦିର ମରାମତି (୯ ପୃଷ୍ଠାରେ)

ତ୍ରୀଶଙ୍କୁ ଅବସ୍ଥାରେ ଆଶାୟୀ

ଏବେ ବି ୩ ପ୍ରମୁଖ ଦଳ ଘୋଷଣା କରିନାହାନ୍ତି ୧୬୩ ବିଧାୟକ ପ୍ରାର୍ଥୀ

ଭୁବନେଶ୍ୱର, ୧୩।୪ (ସବ୍ୟୁ) : ନିର୍ବାଚନ ବିଗୁଲ ବାଜି ସାରିଲାଣି । ଗାଁ ଦାଣ୍ଡରେ କର୍ମୀ ଓ ନେତାଙ୍କ ପଟୁଆର ଦେଖିବାକୁ ମିଳିଲାଣି । ସ୍ଲୋଗାନ, ବ୍ୟାନର, ପୋଷ୍ଟର ମଧ୍ୟ ମରାହେଲାଣି । ଯେଉଁମାନେ ପ୍ରାର୍ଥୀ ଭାବେ ବିଭିନ୍ନ ଦଳ ଦ୍ୱାରା ଘୋଷିତ ହୋଇଛନ୍ତି, ସେମାନେ ମୈଦାନରେ । ଏବେବି ୧୬୩ ଆସନରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି ଓ ବିଜେପି ସେମାନଙ୍କ ପ୍ରାର୍ଥୀ ବୃତ୍ତାନ୍ତ କରିପାରି ନାହାନ୍ତି । ଏହି ଆସନରେ ଆଶାୟୀ ଥିବା ନେତା ଏବେ ତ୍ରିଶଙ୍କୁ ଅବସ୍ଥାରେ ଅଛନ୍ତି । ଟିକଟ ମିଳିବ କି ନାହିଁ ସେନେଇ ଦ୍ୱନ୍ଦ୍ୱ ସହ ଆଶା ଓ ଆଶଙ୍କା ଲାଗିରହିଛି । ନା ପ୍ରଚାର କରିପାରୁଛନ୍ତି, ନା ଲୋକଙ୍କୁ ଭେଟୁଛନ୍ତି । ଅଧିକାଂଶ ପ୍ରାର୍ଥୀ ହେବାପାଇଁ ରାଜଧାନୀରେ ଡେରା ପକାଇଥିଲାବେଳେ ଜାତୀୟ ଦଳର ପ୍ରାର୍ଥୀ ଆଶାୟୀମାନେ ଦିଲ୍ଲୀ ଯାଇଛନ୍ତି । ସ୍ଥିତି ଏବେ ଏଭଳି ଲାଗି ରହିଛି ।

ପ୍ରାର୍ଥୀ ଘୋଷଣାରେ ସବୁଠୁ ପଛରେ ରହିଛି ସର୍ବପୁରାତନ ଦଳ କଂଗ୍ରେସ । ଏବେ ସୁଦ୍ଧା ୪ ଲୋକସଭା ଆସନ ଓ ୯୮ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିପାରି ନାହିଁ । ଦଳର ସଭାପତି ଦିଲ୍ଲୀ ଯାଇଛନ୍ତି । ଆସନ୍ତାକାଲି ସିଇସି ବୈଠକ ହେବ ବୋଲି ସୂଚନା ମିଳୁଛି । ବୈଠକ ପରେ ପ୍ରାର୍ଥୀ ବୃତ୍ତାନ୍ତ ହେବେ । ସେହିଭଳି କଂଗ୍ରେସ (୯ ପୃଷ୍ଠାରେ)

ପଣା ସଂକ୍ରାନ୍ତି

ପଣା ସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତିର ସବୁ ଓଡିଆଙ୍କ ପାଇଁ ରହିଛି ସ୍ୱତନ୍ତ୍ର ମହତ୍ତ୍ୱ । ଏହି ଦିନକୁ ଓଡ଼ିଶାର ପୁରପଲ୍ଲୀରେ ଖୁବ ଧୁମଧାମ ଓ ଉତ୍ସାହର ସହିତ ପାଳନ କରିଥାଆନ୍ତି । ଏହା ଓଡିଆ ନବବର୍ଷ ହେବା ସହିତ ପ୍ରଭୁ ଶ୍ରୀହନୁମାନଙ୍କର ଜନ୍ମ ଦିନ ଭାବେ ମଧ୍ୟ ପାଳନ କରାଯାଇଥାଏ । ଏହାକୁ ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତି ନାମରେ ବିବେଚନା କରାଯାଇଥାଏ । ଏହି ଦିନ ସମସ୍ତ ହନୁମାନ ମନ୍ଦିରରେ ଖୁବ ଧୁମଧାମରେ ଶ୍ରୀହନୁମାନଙ୍କର ପୂଜା ଅର୍ଚ୍ଚନା କରିଥାଆନ୍ତି । ହନୁମାନ ଭକ୍ତଙ୍କର ଏହି ଦିନ ମନ୍ଦିରରେ ଭିଡ ଲାଗିଥାଏ । କେବଳ ହନୁମାନ ଜୟନ୍ତୀ ନୁହେଁ ଏହି ଦିନ ଘରେଘରେ ପାଳନ ହୋଇଥାଏ ବିଷୁବ ସଂକ୍ରାନ୍ତି । ଏହି ଦିନ ପୃଥିବୀ ଏକ ନୂଆ ରାଶିକୁ ପ୍ରବେଶ କରନ୍ତି, ସେଥିପାଇଁ ଏହାକୁ ବିଷୁବ ସଂକ୍ରାନ୍ତି ବୋଲି କୁହାଯାଇଥାଏ । ଏହି ଦିନ ପୃଥିବୀ ମୀନ ରାଶି ଅତିକ୍ରମ କରି ମେଷ ରାଶିରେ ପ୍ରବେଶ କରନ୍ତି । ସେହିପରି ଏହି ଦିନ ଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ, ତେଣୁ ତାପ ପ୍ରଖର ହୋଇଥାଏ । ସେହିଭଳି ବିଷୁବ ସଂକ୍ରାନ୍ତିର ମୁଖ୍ୟ ଆକର୍ଷଣ ହୋଇଥାଏ ଦଣ୍ଡ ଯାତ୍ରା । ଚୈତ୍ରମାସ ମୀନ ମାସରୁ ଆରମ୍ଭ ହୋଇଥିବା ଏହି ଦଣ୍ଡ ଯାତ୍ରାର ଉଦଯାପନୀ ଦିବସ ଭାବେ ବିଷୁବ ସଂକ୍ରାନ୍ତିକୁ ପାଳନ କରାଯାଇଥାଏ । ଏହି ଦିନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଝାମୁ ଯାତ୍ରା, ଦଣ୍ଡନୃତ୍ୟ, ଘଣ୍ଟ ପାଟୁଆ ଆଦି ପାଳନ କରାଯାଇଥାଏ । ଏହି ଦିନ ସାଧାରଣତଃ ଭିନ୍ନଭିନ୍ନ ଦଣ୍ଡ ଯଥା ଧୂଳି ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ, ଦଣ୍ଡ ସୁଆଙ୍ଗ ଆଦି ପାଳନ କରାଯାଇଥାଏ । ଏହି ଦଣ୍ଡ ନାଟରେ ଉଭୟ ଶିବ ଓ କାଳୀଙ୍କୁ ପୂଜା କରାଯାଇଥାଏ । ଏହି ଦଣ୍ଡ ନାଟ ବିଷୁବ ସଂକ୍ରାନ୍ତିର ୭ ଦିନ ଅଥବା ୨୧ ଦିନ ପୂର୍ବରୁ ଆରମ୍ଭ ହୋଇ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । ଏହି ଦଣ୍ଡ ନାଟରେ ସାଧାରଣତଃ ସ୍ଥାନୀୟ ବାସିନ୍ଦା ଭାଗ ନିଅନ୍ତି । ମାନସିକଧାରୀ ମାନେ ଦଣ୍ଡ ନାଟ ଠାକୁରଙ୍କ ଆଗରେ ପ୍ରସ୍ତୁତ କରନ୍ତି । ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି ପରମ୍ପରାରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । କେଉଁଠି ଲୋକମାନେ ନିଆଁରେ ଦଣ୍ଡ ଦେଖାଉଥିବା ବେଳେ କେତେକ ସ୍ଥାନରେ ଶରୀରରେ କଣ୍ଟା ଫୋଡି ଝାମୁ ଯାତ୍ରାରେ ସାମିଲ ହୁଅନ୍ତି । ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଏହା ବେଶ୍ ଜାକଜମକରେ ପାଳନ କରାଯାଇଥାଏ । କେବଳ ଓଡିଆ ନବବର୍ଷ ନୁହେଁ ଦେଶର ଅନେକ ରାଜ୍ୟରେ ମଧ୍ୟ ଏହି ଦିନ ନୂଆବର୍ଷ ପାଳନ କରାଯାଇଥାଏ । ତାମିଲ, ଶିଖ୍ ଆଦି ସମ୍ପ୍ରଦାୟରେ ଏହାକୁ ନୂଆ ବର୍ଷ ଭାବେ ପାଳନ କରିଥାଆନ୍ତି । ସବୁ ସ୍ଥାନରେ ଏହାର ପରମ୍ପରା ଭିନ୍ନ ରହିଥାଏ, କେଉଁଠି ଏହା ଗୋଟିଏ ଦିନ ପାଳନ ହେଉଥିବାବେଳେ କେଉଁକେଉଁଠି ଏହାକୁ ୨ରୁ ୩ ଦିନ ଧରି ପାଳନ କରାଯାଇଥାଏ । ସବୁ ସ୍ଥାନରେ ଏହାକୁ ବେଶ୍ ନିଆରା ଢଙ୍ଗରେ ପାଳନ କରିଥାଆନ୍ତି । ଏହା ଆମ ଭାରତୀୟ ପରମ୍ପରାର ଏକ ନିଆରା ତଥା ଭିନ୍ନ ଅଂଶ ।

ବେଲ ପଣା

ସାମଗ୍ରୀ– ଗୋଟିଏ ପାଚିଲା ବେଲ, ୨୫୦ ଗ୍ରାମ ଗୁଡ଼, ଟିକେ ଗୋଲମରିଚ ଗୁଣ୍ଡ, ୨୫୦ ଗ୍ରାମ ଦହି, ୫୦ ଗ୍ରାମ ଛେନା, ୩–୪ଟି ପାଚିଲା କଦଳୀ ।

ପ୍ରଣାଳୀ– ପ୍ରଥମେ ବେଲକୁ କୋରି ନିଅନ୍ତୁ । ଏହି କୋରାକୁ ଅଳ୍ପ ପାଣି ଦେଇ ଚକଟି ରସ ବାହାର କରନ୍ତୁ । ଏଥିରେ ଥିବା ମଞ୍ଜି ଓ ଶିରାକୁ କାଢିନେବେ । ରସକୁ ଭଲ କରି ପ୍ରସ୍ତୁତ କରିବା ପରେ ଏଥିରେ ଗୁଡ, ଗୋଲ ମରିଚ ଗୁଣ୍ଡ, ଦହି, ଛେନା, ପାଚିଲା କଦଳୀ ଚକଟି ନିଅନ୍ତୁ । ନିଜ ହିସାବରେ ଆଉ କିଛି ସାମଗ୍ରୀ ମଧ୍ୟ ମିଶାଇ ପାରିବେ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ବେଲ ପଣା, ଯାହାକୁ ଥଣ୍ଡାଥଣ୍ଡା ପିଇପାରିବେ ।

ଇତିହାସ

୧୫୬୩: ଶିଖ୍ ଗୁରୁ ଅର୍ଜୁନ ଦେବ ଜୀଙ୍କ ଜନ୍ମ ।
୧୮୬୫: ଆମେରିକାର ୧୬ତମ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କୁ ୱାଶିଂଟନ୍‌ର 'ଫୋର୍ଡ ଥିଏଟର'ରେ ଗୁଳିକରି ହତ୍ୟା ।
୧୮୯୧: ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଜନ୍ମ ।
୧୯୧୨: ହିମଖଣ୍ଡରେ ଧକ୍କାହେଲା ବ୍ରିଟେନ ଜଳପୋତ ଟାଇଟନିକ ।
୧୯୫୮: ଅନ୍ତରୀକ୍ଷ ଅଭିଯାନର ୧୬୨ ଦିନ ପରେ ନଷ୍ଟହେଲା ସୋଭିଏତ୍‌ର ଉପଗ୍ରହ 'ସ୍ପୁଟନିକ–୨' ।
୨୦୦୮: ଭାରତର କୋଲ୍‌କାତା ଓ ବାଂଲାଦେଶର ଢାକା ମଧ୍ୟରେ ୧୯୬୫ ପରେ ଯାତ୍ରୀ ରେଳସେବାର ପୁନଃଆରମ୍ଭ ।
୨୦୧୦: ଚୀନ୍‌ର କିଗ୍‌ଗାଇରେ ୬.୯ ତୀବ୍ରତାର ଭୂକମ୍ପ ଯୋଗୁ ୨୬୦୦ ଲୋକଙ୍କ ମୃତ୍ୟୁ ।
୨୦୧୪: ନାଇଜେରିଆରର ଚିବୋକସ୍ଥିତ ଏକ ବୋର୍ଡିଂ ସ୍କୁଲ୍‌ର ୨୬୫ ଛାତ୍ରୀଙ୍କୁ ଅପହରଣ କଲା ଇସ୍‌ଲାମିକ୍ ସଙ୍ଗଠନ ବୋକୋ ହରାମ ।

ସୋସିଆଲ କୋଟ୍ସ

ବଲିଉଡର ଦର୍ଶକ କେବେ ବି ଚାହାଁନ୍ତି ନାହିଁ ତାଙ୍କ ହିରୋ ହାରନ୍ତୁ । ତେଣୁ ଯେଉଁ ଫିଲ୍ମରେ ତାଙ୍କ ହିରୋ ଜିତୁଛନ୍ତି, ସେମାନେ ତାକୁ ଭଲ ପାଇବା ଦେଉଛନ୍ତି ।
ମନୋଜ ବାଜପେୟୀ, ଅଭିନେତା

୨୦ ବର୍ଷରୁ ହେମା ମାଳିନୀ ଷ୍ଟେଜ୍‌ରେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି । ଯେଉଁମାନେ କଳା, ନୃତ୍ୟ ଆଦିର ମଜାକ କରନ୍ତି, ସେମାନେ ଛୋଟ ମାନସିକତା ସହିତ ଛୋଟ ପ୍ରକୃତିର ହୋଇ ଥାଆନ୍ତି ।
କଙ୍ଗନା ରାଣାୱତ, ଅଭିନେତ୍ରୀ

ରାମାୟଣରେ କାମ କରିବାକୁ ମୁଁ ଖୁବ ଉତ୍ସୁକ ଅଛି । ଭାରତୀୟ ସିନେମାକୁ ବିଶ୍ୱ ସ୍ତରରେ ପହଞ୍ଚାଇବାର ଅଛି ।
ୟଶ, ଅଭିନେତା

Academic Year 2024-25	
Particulars	**Fee (INR)**
Registration Fee (One time non-refundable)	10,000
Annual Fee (Recurring)	25,000
Term 1 (April - June 2024)	98,750
Term 2 (July - September 2024)	98,750
Term 3 (October - December 2024)	98,750
Term 4 (January - March 2025)	98,750
Total Fee for academic Year 2024 - 2025	**4,30,000**

ପ୍ଲେ ସ୍କୁଲ ଫି ୪ ଲକ୍ଷ

ଦିନକୁ ଦିନ ପିଲାଙ୍କ ପାଠପଢା ଖୁବ ମହଙ୍ଗା ହେବାରେ ଲାଗିଛି । ନିକଟରେ ଜଣେ ବ୍ୟକ୍ତି ନିଜ ଶିଶୁର ପ୍ଲେ ସ୍କୁଲର ଫି ସୋସିଆଲ ମିଡିଆରେ ସେୟାର କରିଛନ୍ତି । ଏହି ଫିକୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚା ହେବାରେ ଲାଗିଛି । ବ୍ୟକ୍ତି ଜଣଙ୍କ ନିଜ କ୍ୟାରିୟରର ସମସ୍ତ ପାଠପଢା ପାଇଁ ଯେତିକି ଖର୍ଚ୍ଚ କରିଛନ୍ତି, ତାଠାରୁ ଏହି ଫି ଅଧିକ ରହିଛି । ଏହି ଫି'ର ଏକ ବିଲ୍ ସେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ଏହି ଫି ସ୍କୁଲଟି ବର୍ଷକ ପାଇଁ ନେଇଛି, ଯାହା ରହିଛି ୪ ଲକ୍ଷ ୩୦ ହଜାର । ସେହିଭଳି ଏହି ଫି କୌଣସି ହାଇଅର ଏଜୁକେସନ ନୁହେଁ ବରଂ ପ୍ଲେ ସ୍କୁଲ ପାଇଁ ସ୍କୁଲ ନେଇଛି । ଏପ୍ରିଲ ୨୦୨୪ରୁ ମେ ୨୦୨୫ ପର୍ଯ୍ୟନ୍ତ ଏହି ଫି ସ୍କୁଲ ନେଇଛି, ଯେଉଁଥିରେ ରେଜିଷ୍ଟ୍ରେସନ ଫି ୧୦ ହଜାର, ଆନୁଆଲ ରିକରିଂ ଫି ୨୫ ହଜାର, ପ୍ରତି ଟର୍ମ ପାଇଁ ୯୮ ହଜାର ଟଙ୍କା (ସମୁଦାୟ ୪ଟି ଟର୍ମ) ଫି ନେଇଛି , ଯାହା ସମୁଦାୟ ୪ ଲକ୍ଷ ୩୦ ହଜାର । ସୋସିଆଲ ମିଡିଆରେ ଏହି ଫି ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ୟୁଜର୍ସମାନେ ଏହାକୁ ନା ପସନ୍ଦ କରିବାରେ ଲାଗିଛନ୍ତି ।

ଗୁଡ୍ କୋଲେଷ୍ଟ୍ରୋଲ୍ ଡାଏଟ୍

କୋଲେଷ୍ଟ୍ରୋଲ୍ ଆମମାନଙ୍କ ପାଇଁ ଖୁବ କ୍ଷତିକାରକ ହୋଇଥାଏ । ତେବେ ଏହା ଦୁଇ ପ୍ରକାର ରହିଛି, ଗୋଟିଏ ଗୁଡ୍ କୋଲେଷ୍ଟ୍ରୋଲ୍ ହୋଇଥିବାବେଳେ ଗୋଟିଏ ବ୍ୟାଡ୍ କୋଲେଷ୍ଟ୍ରୋଲ୍ । ତେବେ ଗୁଡ୍ କୋଲେଷ୍ଟ୍ରୋଲ ଆମ ପାଇଁ ଭଲ ହୋଇଥାଏ । ତେଣୁ ଏଭଳି କିଛି ଖାଦ୍ୟ ରହିଛି ଯାହାକୁ ଖାଇବା ଦ୍ୱାରା ଆମର ଗୁଡ୍ କୋଲେଷ୍ଟ୍ରୋଲ୍ ବଢିଥାଏ । ଏଥିପାଇଁ ଖାଦ୍ୟରେ ବିଭିନ୍ନ କୋଳିକୁ ସାମିଲ କରନ୍ତୁ । କୋଳିରେ ଗୁଡ୍ କୋଲେଷ୍ଟ୍ରୋଲର ମାତ୍ରା ଖୁବ ଅଧିକ ଥାଏ । ଏହା ଆମକୁ ଏନର୍ଜେଟିକ ରଖିଥାଏ । ଆଉ ଏକ ଖାଦ୍ୟ ହେଲା ତରଭୁଜ, ଯାହା ଆମର ଗୁଡ୍ କୋଲେଷ୍ଟ୍ରୋଲ ଲେବଲକୁ ବଢାଇଥାଏ ଏବଂ ବ୍ୟାଡ୍ କୋଲେଷ୍ଟ୍ରୋଲକୁ କମାଇଥାଏ । କ୍ୱିଇ ମଧ୍ୟ ଏହି ତାଲିକାରେ ସାମିଲ । ଏହା ଆମର ଗୁଡ୍ କୋଲେଷ୍ଟ୍ରୋଲ ବଢାଇବା ସହିତ ହାର୍ଟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କମଳାରେ ଥିବା ଭିଟାମିନ ସି' ଆମ ପାଇଁ ବେଶ୍ ଉପକାରୀ ହୋଇଥାଏ । ଗୁଡ୍ କୋଲେଷ୍ଟ୍ରୋଲ ପାଇଁ ମଧ୍ୟ ଏହା ଭଲ ହୋଇଥାଏ ।

ପଢିନଥିଲେ ସ୍କ୍ରିପ୍ଟ

ନିଜର ବି–ଟାଉନ୍ ଡେବ୍ୟୁର ଖୁବ କମ ଦିନରେ ହିଁ ବିଦ୍ୟାଙ୍କୁ ଆଇକନିକ୍ ଫିଲ୍ମ ଭୁଲଭୂଲେୟାଁରେ ଦେଖିବାକୁ ମିଳିଥିଲା । ଏହା ତାଙ୍କ ଆକ୍ଟିଂ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ଥିଲା । ତାଙ୍କ ଅଭିନୟର ପରାକାଷ୍ଠା ଏହି ଫିଲ୍ମରୁ ହିଁ ଜଣା ପଡିଥିଲା । ତେବେ ଏହି ଫିଲ୍ମକୁ ସେ ବିନା ସ୍କ୍ରିପ୍ଟ ପଢାରେ ସିଲେକସନ୍ କରିଥିଲେ । ଏନେଇ ନିକଟରେ ଏକ ସାକ୍ଷାତକାରରେ ସୂଚନା ଦେଇଛନ୍ତି ବିଦ୍ୟା । ଯେତେବେଳେ ତାଙ୍କୁ ଏହି ସ୍କ୍ରିପ୍ଟ ନେଇ ଅଫର କରାଯାଇଥିଲା ସେ କିଛି ନଭାବି ହଁ କରିଥିଲେ । ସେ ପିଲାଦିନେ ମଲାୟଲମ ଫିଲ୍ମ 'ମଣିଚିତ୍ରଥାଝୁ' ଦେଖିସାରିଥିଲେ, ଯାହାକୁ ନେଇ ଭୁଲଭୂଲୟାଁର ସ୍କ୍ରିପ୍ଟ ପ୍ରସ୍ତୁତ କରାଯାଇଥିଲା । ତେଣୁ ସେ ଏହି ଫିଲ୍ମ ପାଇଁ ଆଗ୍ରହୀ ଥିଲେ । ସେଥିରେ ଲିଡ୍‌ରେ ଥିବା ଅଭିନେତ୍ରୀଙ୍କ ରୋଲ ବିଦ୍ୟାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ଭୁଲଭୂଲେୟାଁ ଫିଲ୍ମଟି ଏବେ ମଧ୍ୟ ତାଙ୍କ ପାଇଁ ସ୍ୱତନ୍ତ୍ର ହୋଇ ରହିଛି । ଏହି ଫିଲ୍ମଟି କରିବାବେଳେ ସେ ଖୁବ ଏଞ୍ଜୟ କରିଥିବା ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।

ଥକୁଛି ରୋବଟ

ଏଆଇର ଯୁଗରେ ବର୍ତ୍ତମାନ ରୋବଟ ଅନେକ କାମ କରୁଛି । ସେହିଭଳି ରୋବଟର କାର୍ଯ୍ୟ କରିବାର ଦକ୍ଷତାକୁ ନେଇ ସବୁବେଳେ ସକରାତ୍ମକ ମତାମତ ମଧ୍ୟ ଦେଖିବାକୁ ମିଳୁଛି । ହେଲେ ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ଗୋଟିଏ ରୋବଟ କିଭଳି ଅଧିକ କାମ କରିବା ଦ୍ୱାରା ଥକି ପଡୁଛି ସେହି ଦୃଶ୍ୟ ରହିଛି । ଗୋଟିଏ ରୋବଟ ପାଖାପାଖି ୨୦ ଘଣ୍ଟା କାମ କରିବା ପରେ ବ୍ୟାଟେରୀ ସରିଯିବା କାରଣରୁ ଏହା କୋଲାପ୍ସ ହୋଇଯାଉଛି । ବର୍ତ୍ତମାନ ଏହି ଭିଡିଓଟିକୁ ୟୁବବର୍ଗ ଏକ ମିମ୍ସ ଭଳି ସୋସିଆଲ ମିଡିଆରେ ସେୟାର କରିବାରେ ଲାଗିଛନ୍ତି । ନିଜନିଜ ଅଫିସ୍‌କୁ ଟାର୍ଗେଟ୍ କରି ଏଭଳି କରାଯାଉଛି । ଅଫିସ୍‌ରେ କର୍ମଚାରୀମାନେ ମଧ୍ୟ ଥକି ଯାଆନ୍ତି ବୋଲି ବିଭିନ୍ନ କମେଣ୍ଟ ଦେଖିବାକୁ ମିଳୁଛି । ଯଦି ରୋବଟ ଥକି ପଡୁଛି, ତେବେ ମଣିଷ କିଭଳି ନଥକିବ ବୋଲି ଭିଡିଓରେ କମେଣ୍ଟ ମିଳୁଛି ।

ଢେଙ୍କାନାଳ ଓ ଅନୁଗୋଳ ବିଜେପିର ମିଶ୍ରଣ ପର୍ବ

ବିଜେଡିର ୨୫ ବର୍ଷର ମିଥ୍ୟା ରୂପାନ୍ତରଣ ସହ ବିଫଳତାର ପର୍ଦ୍ଦାଫାଶ କରାଯିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବୁ୍ୟ): ବିଜେଡି ଓଡ଼ିଶାବାସୀଙ୍କ ସହ ପ୍ରତାରଣା କରିଛି । କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଶାସନ ବ୍ୟବସ୍ଥା ସୀମିତ ଅଛି । ଏହି ସବୁ ନିର୍ବାଚନୀ ପ୍ରସଙ୍ଗକୁ ଆୟୁଧ କରି ବିଜେପି ଲୋକଙ୍କ ପାଖକୁ ଯିବା ସହ ବିତର୍କ କରିବ । ଦୀର୍ଘ ୨୫ ବର୍ଷର ମିଥ୍ୟା ରୂପାନ୍ତରଣକୁ ନେଇ ଦଳ ତରଫରୁ ଖୁବ ଶୀଘ୍ର ଚାର୍ଜସିଟ୍ ପ୍ରକାଶ କରାଯିବ । ବିଜେଡି ସରକାରର ମିଛ ଆତ୍ମପ୍ରଚାର ଓ ବିଫଳତାକୁ ଏହି ଚାର୍ଜସିଟ ମାଧ୍ୟମରେ ପର୍ଦ୍ଦାଫାଶ କରାଯିବ ବୋଲି ଶନିବାର ଢେଙ୍କାନାଳ ଓ ଅନୁଗୋଳର ବିଜେପି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବ ଓ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ଦିନରେ ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ଦେବଗଡ଼ ସମେତ ଓଡ଼ିଶାରେ ପାନୀୟ ଜଳ ସମସ୍ୟା ଦେଖାଯାଇଛି । ଦୀର୍ଘ ୨୫ ବର୍ଷରେ ପିଇବା ପାଇଁ ସ୍ୱଚ୍ଛ ପାଣି ନାହିଁ । ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି । ଢେଙ୍କାନାଳ ସଦର ହସ୍ପିଟାଲ ସମେତ ଅନ୍ୟାନ୍ୟ ମେଡିକାଲରେ ମଞ୍ଜୁରପ୍ରାପ୍ତ ଡାକ୍ତର ପଦବୀ ଅଧାରୁ ଅଧିକ ଖାଲି ପଡିଛି । ରାସ୍ତା ନଥିବାରୁ ରୋଗୀମାନେ ଖଟିଆରେ ବୁହା ହେଉଥିବା ହେଳେ ନବଜାତ ଶିଶୁଙ୍କ ଅପପୁଷ୍ଟି, ରକ୍ତହୀନତା ସମସ୍ୟା ଘୋର୍ ଚିନ୍ତାଜନକ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ(ଏନଏଚଏଫଏସ) ଅନୁସାରେ ଓଡ଼ିଶାରେ ନବଜାତ ଶିଶୁ, ମହିଳାମାନେ ଅପପୁଷ୍ଟି ଓ ରକ୍ତହୀନତାର ଶୀକାର । ଓଡ଼ିଶାର ୧୯% ଶିଶୁ ଜନ୍ମ ହେବା ବେଳେ କମ ଓଜନର ଶୀକାର ହେଉଛନ୍ତି । ରାଜ୍ୟରେ ୩୧% ପୁଷ୍ଟିହୀନ ଓ ୧୮% ଉଚ୍ଚତା ଅନୁସାରେ କମ ଓଜନ ଏବଂ ୬୪% ଶିଶୁ ରକ୍ତହୀନତାରେ ପୀଡ଼ିତ । ବର୍ତ୍ତମାନ ଜନ୍ମ ନେଉଥିବା ଶିଶୁଙ୍କ ନେତୃତ୍ୱରେ ୨୦୩୬ ସୁଦ୍ଧା ଓଡ଼ିଶା ଭାଷା ଭିତ୍ତିରେ ଉତ୍କଳ ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । କିନ୍ତୁ ଏଠାରେ ସ୍ୱାସ୍ଥ୍ୟ କାର୍ଡ୍ ନେଇ ମିଛ ଡିଣ୍ଡିମ ପିଟାଯାଉଛି ।

ଢେଙ୍କାନାଳରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶ୍ରୀ ପ୍ରଧାନଙ୍କ ଉପସ୍ଥିତିରେ ବିଜେଡିର ପୂର୍ବତନ ରାଜ୍ୟ ସମ୍ପାଦକ ହର୍ଷବର୍ଦ୍ଧନ ସିଂହଦେଓ, ବିଜେଡି ନେତା ରଣବୀର ସିଂହ, ହିନ୍ଦୋଳ ଏନଏସିର ପୂର୍ବତନ ଅଧ୍ୟକ୍ଷା ରୀନା ବେହେରା, ପାଲଲହଡା ନିର୍ବାଚନମଣ୍ଡଳୀର ବୁଦ୍ଧୁକୁନାର ସରପଞ୍ଚ ଗୋପବନ୍ଧୁ ବେହେରାଙ୍କ ସମେତ ଅନେକ ସାମାଜିକ ନେତୃତ୍ୱ ଯୋଗଦେଇଥିଲେ । ସେହିପରି ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆଉ ଏକ ପୃଥକ ମିଶ୍ରଣ ପର୍ବରେ ବରିଷ୍ଠ ବିଜେଡି ନେତା ତପନ ଦେହୁରୀଙ୍କ ସମେତ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଶରଧାପୁର ଓ ମାଣିକଯୋଡିପଞ୍ଚାୟତର ଅନେକ ସମର୍ଥକଙ୍କୁ ଦଳରେ କେନ୍ଦ୍ରମନ୍ତ୍ରୀ ସ୍ୱାଗତ କରିଥିଲେ ।

ବିଏସକେୱାଇକୁ ବନ୍ଦ ପାଇଁ ଷଡଯନ୍ତ୍ର କରୁଛନ୍ତି ଧର୍ମେନ୍ଦ୍ର : ବିଜେଡି

ଗରିବ ଲୋକଙ୍କ ଚିକିତ୍ସା ସୁବିଧା ଛଡାଇ ନେବାକୁ ମସୁଧା

ଭୁବନେଶ୍ୱର (ସବୁ୍ୟ): ୧୦ ବର୍ଷ କେନ୍ଦ୍ରମନ୍ତ୍ରୀ ଥାଇ ମଧ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କର ଓଡିଶା ପାଇଁ ଅବଦାନ ଶୂନ । ସାରା ରାଜ୍ୟ କଥା ଛାଡନ୍ତୁ, ନିଜ ଅଞ୍ଚଳ ପାଇଁ କଣ କରିଛନ୍ତି, ତାର ହିସାବ ଦେବାକୁ ସେ ପଛଘୁଞ୍ଚା ଦିଅନ୍ତି । ଆଉ ଏବେ ନିଜର ବିଫଳତାକୁ ଲୁଚାଇବାକୁ ସେ ମିଛ କହିବା ଆରମ୍ଭ କରିଛନ୍ତି, ଯାହା ତାଙ୍କ ମୁହଁରେ ଆଦୌ ଶୋଭାପାଉନାହିଁ ବୋଲି କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର ।

ଡକ୍ଟର ପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ ସାରା ଦେଶରେ ବିଏସକେୱାଇ ଏକ ଶ୍ରେଷ୍ଠ ଯୋଜନା । ଏଥିରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଓ ପୁରୁଷଙ୍କୁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଛି । ଅନ୍ୟ କୌଣସି ରାଜ୍ୟରେ ଏଭଳି ସୁବିଧା ନାହିଁ । ହେଲେ ଏହାକୁ ବନ୍ଦ କରିବାକୁ ଶ୍ରୀ ପ୍ରଧାନ ରୀତିମତ ଷଡଯନ୍ତ୍ର ଚଳାଇଛନ୍ତି । ସାଧାରଣ ଗରିବ ଲୋକଟିଏ ମାଗଣାରେ ଚିକିତ୍ସା ପାଇଲେ ଶ୍ରୀ ପ୍ରଧାନଙ୍କୁ କାହିଁକି କଷ୍ଟ ହେଉଛି ବୋଲି ଡକ୍ଟର ପାତ୍ର ପ୍ରଶ୍ନ କରିଛନ୍ତି ।

ନିଜ ବିଫଳତା ଲୁଚାଇବାକୁ ମିଛ କହୁଛନ୍ତି
ଏନଏଚ-୫୫ ରାସ୍ତା କାମ ମଧ୍ୟ ସାରିପାରିଲେ ନାହିଁ
ଲୋକଲଜ୍ଜାରୁ ବଞ୍ଚିବା ପାଇଁ ଏବେ ଡୁଚ୍ଛା ଭାଷଣ ମାରୁଛନ୍ତି

ଶ୍ରୀ ପ୍ରଧାନ ଯଦି ଭାବୁଛନ୍ତି ବିଏସକେୱାଇ ଯୋଜନା ଓଡିଶାବାସୀଙ୍କ ପାଇଁ ଖରାପ ତେବେ ସେ ନିଜ ଦଳର ଇସ୍ତାହାରରେ ୧ ନୟର ପଏରେ କୁହନ୍ତୁ, ଏହି ଯୋଜନାକୁ ବନ୍ଦ କରିଦେବେ । ଥରେ ଏହି ପ୍ରତିଶ୍ରୁତି ଦେଇ ଦେଖନ୍ତୁ, ଓଡ଼ିଶାବାସୀ ତାହାର ଉଚିତ ଜବାବ ଦେଇଦେବେ। କେନ୍ଦ୍ରରେ ୧୦ ବର୍ଷ ମନ୍ତ୍ରୀ ଥାଇ ମଧ୍ୟ ନିଜ ଅଞ୍ଚଳ ଦେଇ ଯାଇଥିବା ଏନଏଚ-୫୫ର କାମ ସାରି ପାରିଲେ ନାହିଁ । ଆମେ ଆଶା କରୁଛୁ ଆଜି ସେହି ରାସ୍ତା ଦେଇ ଶ୍ରୀ ପ୍ରଧାନ ଯାଇଥିବେ ଏବଂ ନିଜର ବିଫଳତାକୁ ଅନୁଭବ କରିଥିବେ । ଏହି ରାଜପଥରେ ପ୍ରତିଦିନ ଲୋକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ଓ ଦୁର୍ଘଟଣାରେ ପ୍ରତି ବର୍ଷ ଶହ ଶହ ଲୋକ ପ୍ରାଣ ହରାଉଛନ୍ତି । ଯିଏ ସାମାନ୍ୟ ରାସ୍ତା କାମଟିଏ ସାରି ପାରିଲେ ନାହିଁ, ସେ ଏବେ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ଡୁଚ୍ଛା ଭାଷଣ ମାରୁଛନ୍ତି । ଶ୍ରୀ ପ୍ରଧାନଙ୍କୁ ଆମର ଅନୁରୋଧ ଦୟାକରି ବିଭ୍ରାନ୍ତିକର ତଥ୍ୟ ଦେଇ ଲୋକହସା ହେବାରୁ କ୍ଷାନ୍ତ ରୁହନ୍ତୁ ।

ବିଜେଡ଼ି ପ୍ରାର୍ଥୀଙ୍କ ବୈଠକ

ସ।କ୍ଷ।ତ୍କା।ର।,(ସବୁ୍ୟ):ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ସତ୍ୟବାଦୀ ବ୍ଲକର ପ୍ରଥମ ପଞ୍ଚାୟତ ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ପୂର୍ବତନ ଯୋଜନା ବୋର୍ଡର ଉପାଧ୍ୟକ୍ଷ ତଥା ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀସଞ୍ଜୟ କୁମାର ଦାସବର୍ମା ଏହି ବୈଠକରେ ଯୋଗ ଦେଇଥିଲେ । ମଧୁବନ ଗ୍ରାମ ପଞ୍ଚାୟତରେ ପହଁଚିବା ପରେ ଭବ୍ୟ ସ୍ୱାଗତ କରିଥିଲେ ମଧୁବନର ମାତୃଶକ୍ତି ଏବଂ ବରିଷ୍ଠ ନାଗରିକ ମାନେ ।ମାଆ ବକ୍ରକାଳୀ ଏଂ ବାବା ବିଶ୍ୱନାଥଙ୍କ ଦର୍ଶନ, ପୂଜାର୍ଚ୍ଚନା ଓ ଶୁଭ ଆଶୀର୍ବାଦ ନେଇ ସାଂଗଠନିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଶ୍ରୀଯୁକ୍ତ ଦାସବର୍ମା ତାଙ୍କର ବକ୍ତବ୍ୟ ରଖିଥିଲେ ଯେ ସେବା ଆଉ ତପସ୍ୟାର ଭୂମି ବଙ୍କୁଳବନର ଝୁଞ୍ଜୁରିଗାୟାନର ପାଦଦେଶରେ ଆରମ୍ଭ ହୋଇଥିବା ସେଇ ମଣିଷ ଗଢା କାରଖାନାର ଏନ୍ତୁଡ଼ିଶାଳ ପବିତ୍ର ଭୂମିରେ ପ୍ରାର୍ଥୀ ହୋଇ ମୁଁ କୃତାର୍ଥ। ଓଡ଼ିଶାର ବିକାଶର କର୍ଣ୍ଣଧାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଏଂ ଗଠନମୂଳକ ତଥା ରୂପାନ୍ତରିତ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ଆଜି ବିକାଶର ଶୀର୍ଷ ସ୍ଥାନରେ ପଞ୍ଚିବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସୁଯୁର ପ୍ରସାରୀ ମିଶନ ଶକ୍ତି କାର୍ଯ୍ୟକ୍ରମ ପାଇଁ ଆଜି ମାଆମାନେ ହାଣ୍ଡିଶାଳ ଛାଡ଼ି ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି।ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୋର ମନ୍ତ୍ରିତ୍ୱ ସମୟରେ ଖାଦ୍ୟ ସୁରକ୍ଷା ଯୋଜନା ରାସନ୍ କାର୍ଡରେ ପରିବାରର ମୁଖ୍ୟ ସ୍ଥାନରେ ମାଆ ମାନଙ୍କର ନାମକୁ ସ୍ଥାନିତ କରାଯାଇଥିଲା।ଯାହାକୁ ପରବର୍ତ୍ତୀ ସମୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସଫଳ ରୂପାୟନ ହୋଇଥିଲା। ପଞ୍ଚାୟତ ସ୍ତରୀୟ ନିର୍ବାଚନ ମହିଳାମାନଙ୍କ ପାଇଁ ୩୦ ସଂରକ୍ଷିତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିବା ନବୀନବାବୁ ଆଜି ଲୋକସଭା ପାଇଁ ୩୦ ପ୍ରତିଶତ ମହିଳାମାନଙ୍କୁ ପ୍ରାର୍ଥୀ କରିଛନ୍ତି। ଜଳ ସେଚନ ଏବଂ ଜଳ ନିସ୍କାସନ ପରି ସମସ୍ୟା ଘେରରେ ରହିଥିବା ମଧୁବନ ଗ୍ରାମ ପଞ୍ଚୟତର ସାମଗ୍ରିକ ବିକାଶ କରାଯିବା ଆପଣ ଆପଣଙ୍କର ବହମୂଲ୍ୟ ଭୋଟ ସତ୍ୟବାଦୀର ବିକାଶ କୁ ବଢୁଥିତ କରିବାଏହି ସଭାରେ ବିଜୁ ଜନତା ଦଳର ବ୍ଲକ ସଭାପତି ପ୍ରମୋଦ ରାଉତରାୟ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଜିଲ୍ଲା ପରିଷଦ ନାରାୟଣ ରାଉତରାୟ,ରାମ ଚନ୍ଦ୍ର ମହାନ୍ତି, ଆମ୍ବା କମିଟି ଅଧ୍ୟକ୍ଷ ମହମ୍ମଦ ଜିକିରାୟା, ଦେବାଶିଷ ରାୟ,ପ୍ରମୋଦ ବରାଳ, ବିଜନ ମହାପାତ୍ର, ପ୍ରେମାନନ୍ଦ ବେହେରା,ଦେବେନ୍ଦ୍ର ମହାପାତ୍ର,କୃଷ୍ଣ ଚନ୍ଦ୍ର ସ୍ୱାଇଁ,ଜାନକୀ ବଲ୍ଲଭ ବରାଳ,ପ୍ରକାଶ ପ୍ରଧାନ,ରାଜ ବଲ୍ଲଭ ବରାଳ,ସ୍ୱାଧୀନ ଭାରତ ଜେନା,ସୁରେଶ କୁମାର ସାହୁ ତଥା ପ୍ରମୁଖ କର୍ମୀମାନଙ୍କ ସହିତ ଅନ୍ୟମାନେ ଯୋଗଦାନ କରିଥିଲେ ।

ମୁଁ ମୋଦୀଙ୍କ ଯୋଦ୍ଧା-ସୂର୍ଯ୍ୟବଂଶୀ ସୂରଜ : ରଇପୁରରେ ବିଜେପିର ମିଶ୍ରଣ ପର୍ବ

ଅସୁରାଳି,(ସବୁ୍ୟ):ଧାମନଗର ବ୍ଲକର ରଇପୁର ପଂଚାୟତରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲ୍ଲା ମିଡିଆ ସେଲର ପ୍ରାକ୍ତନ ଅଧ୍ୟକ୍ଷ ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ବାଙ୍କସାହି ଠାରେ ଆୟୋଜିତ ମିଶ୍ରଣ ସମାବେଶରେ ଦୁଇ ଯୁବନେତା ମନୋରଞ୍ଜନ ଦାସ ଏବଂ ଦୀପକ କୁମାର ଖଟୁଆଙ୍କ ନେତୃତ୍ୱରେ ଶତାଧିକ ଅନ୍ୟଦଳର କର୍ମୀ ସମର୍ଥକ ସେମାନଙ୍କ ଦଳ ଛାଡ଼ି ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତି ଆସ୍ଥା ପ୍ରକଟ କରି ବିଜେପିରେ ଯୋଗ ଦେଇଥିଲେ। ଧାମନଗର ବିଧାୟକ ତଥା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ବିଜେପିରେ ସାମିଲ ହୋଇଥିବା ନେତା ଏବଂ କର୍ମୀଙ୍କୁ ଉତ୍ତରୀୟ ଟୋପି ଦେଇ ସ୍ୱାଗତ କରିବା ଅବସରରେ କହିଲେ ଯେ ବିଶ୍ୱର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାହିନୀର ମୁଁ ଜଣେ ଯୋଦ୍ଧା। ଉପନିର୍ବାଚନ ଜିତିବା ପରେ ଧାମନଗରରେ ମାଟି ମୁଠାଏ ପକାଇ ପାରିବ ନାହିଁ କହି ତାଙ୍କୁ ପରିହାସ କରିଥିବା ବିରୋଧୀଙ୍କୁ ସଭାରେ ଧନ୍ୟବାଦ ଜଣାଇ ସେ କହିଥିଲେ କି ଦେଢ ବର୍ଷ ମଧ୍ୟରେ ଦେଶ ଶହ କୋଟି ଟଙ୍କାର ସହାୟତା ଆଣିବା ସହିତ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ଏବଂ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇଛି। ଓବିସି ମୋର୍ଚାର ରାଜ୍ୟ ସଂଯୋଜକ ଅଶୋକ ପୁହାଣ,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନାରାୟଣ ସାହୁ,ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ,ବିଧାନସଭା ସଂଯୋଜକ ମନୋରଞ୍ଜନ ମଲ୍ଲିକ,ପ୍ରଭାରୀ ବୁଦ୍ଧଦେବ ଜେନା,ମଣ୍ଡଳ ସଭାପତି ଅଜୟ ବଳ,ରାମଚନ୍ଦ୍ର ମିଶ୍ର,ସଦାଶିବ ପୋଥାଳ,ରାଜେନ୍ଦ୍ର ସାହୁ,ପ୍ରଶାନ୍ତ ନାୟକ,ତୁଷାର ସାହୁ,ଗୋପାଳ ଖଟୁଆ,ଲକ୍ଷ୍ମୀଧର ସେଠୀ,ହିମାଦ୍ରି ନନ୍ଦନ ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଯୁବନେତା ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅପୂର୍ବ ଖଟୁଆ,ରମେଶ ରାଉତ,ବିଶ୍ୱ ଖଟୁଆ,ମାଧବାନନ୍ଦ ବାରିକ,ନନ୍ଦକିଶୋର ସାହୁ,ମିଥୁନ ସେଠୀ,ବାବୁଲା ରାଉତ,ରାଜେନ୍ଦ୍ର ଖଟୁଆ,ବିଜୟ ଖଟୁଆ,ଅଭିମନ୍ୟୁ ଖଟୁଆ,ରତିକାନ୍ତ ଖଟୁଆ,ବିଦ୍ୟାଧର ଖଟୁଆ,ଲକ୍ଷ୍ମୀଧର ନାଥ,ଚିତ୍ତରଞ୍ଜନ ସେଠୀ,ଶରତ ସେଠୀ,ପ୍ରମୋଦ ସେଠୀ,ପ୍ରତିଶୋଧ ସେଠୀ,ଗଣେଶ ସେଠୀ,ପ୍ରମୋଦ ସେଠୀ,ମନୋଜ ସେଠୀ,ବିକ୍ରମ ସେଠୀ,ଶୁକଦେବ ସେଠୀ ପ୍ରମୂଖ ଅନେକ ବିଜେପିରେ ମିଶିଥିଲେ।

ପୁରୀରେ ଭୋଟରଙ୍କୁ ଲୋକସଭା ବିଜେପି ପ୍ରାର୍ଥୀଙ୍କ ଘଣ୍ଟା ବାଣ୍ଟିବା ପ୍ରସଙ୍ଗ

ସମ୍ବିତ ପାତ୍ରଙ୍କ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର(ସବୁ୍ୟ): ପୁରୀ ଲୋକସଭା ବିଜେପି ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ବିରୋଧରେ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି ବିଜେଡି । ପୁରୀ ଅଞ୍ଚଳରେ ଘରେ ଘରେ ସମ୍ବିତ ପାତ୍ର ଘଣ୍ଟା ବାଣ୍ଟୁଥିବା ଅଭିଯୋଗ କରିଛନ୍ତି ବିଜଡେି ପ୍ରତିନିଧି ଦଳ । ଦୋକାନୀମାନଙ୍କୁ ମଧ୍ୟ ଘଣ୍ଟା ବାଣ୍ଟୁଛନ୍ତି । ନିର୍ବାଚନ ରାଲି କରି ବୁଲୁଥିବା ବେଳେ ସମ୍ବିତ ଘଣ୍ଟା ବାଣ୍ଟୁଛନ୍ତି । ଘଣ୍ଟାରେ ନିଜ ଫଟୋ ସହ ଭାରତୀୟ ଜନତା ପାର୍ଟିର ଲୋଗୋ ରହିଛି । ଯାହାକି ନିର୍ବାଚନ ଆଚରଣବିଧିକୁ ସମ୍ପୂର୍ଣ୍ଣ ଉଲ୍ଲ ଂଘନ କରୁଛି ବୋଲି ଅଭିଯୋଗ କରିଛି ବିଜେଡି । ଅତୀତରେ ମଧ୍ୟ ଉତ୍କଳ ଯୋଜନାରେ ସେ ଲୋକଙ୍କୁ ଭ୍ରମିତ କରିଛନ୍ତି । ତେଣୁ ଏହି ଖର୍ଚ୍ଚକୁ ନିର୍ବାଚନୀ ଖର୍ଚ୍ଚରେ ସାମିଲ କରିବାକୁ ଦାବି କରିଛି ବିଜେଡ଼ି । ଏହା ଛଡ଼ା ଏହି ଘଟଣା ଉପରେ ଗୁରୁତ୍ୱ ଦେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜେଡି ।

ଭୋଟର ସଚେତନତା ପାଇଁ ସାଇକେଲ ଶୋଭାଯାତ୍ରା

ଭଦ୍ରକ,(ସବୁ୍ୟ):ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ମତଦାତାମାନଙ୍କର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ୧୮ ବର୍ଷ ବା ତହିଁରୁ ଉର୍ଦ୍ଧ୍ୱ ବୟସର ସମସ୍ତଙ୍କୁ ଭୋଟର ତାଲିକା ଭୁକ୍ତ କରାଯିବ ଏବଂ ସମସ୍ତ ଭୋଟର ଯେପରି ନିଜ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ ସେ ନେଇ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଥାଏ । ଏହି ପରିପ୍ରେକ୍ଷୀରେ ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ ଉପଲକ୍ଷେ ମତଦାତା ମାନଙ୍କୁ ସଚେତନ କରାଯିବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ସ୍କୁଲର ପିଲାମାନଙ୍କୁ ନେଇ ଏକ ସାଇକେଲ ରାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ରାଲିକୁ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଡ଼େପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଅଜୁର ଚରଣ ବାରିକ, ଏ.ପି.ଡ଼ି.ଏମ୍.ଆଇ.ଏସ୍. ପ୍ରହ୍ଲାଦ ରଣା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସ୍ୱଚ୍ଛ ସଂଚୟ ଅଧିକାରୀ ପଦ୍ମନ ରାୟ, ଡ଼ି.ପି.ଏମ୍. ସଞ୍ଜୟ କୁମାର ବାରିକ ପ୍ରମୁଖଙ୍କ ସହ ଗଣମାଧ୍ୟମ ପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ, ସଂପୃକ୍ତ ବିଭାଗୀୟ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମତଦାତାଙ୍କ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ବ୍ୟାନର, ପ୍ଲାକାର୍ଡ଼ ପ୍ରଦର୍ଶନ ପୂର୍ବକ ପିଲାମାନେ ସ୍ଲୋଗାନ ଦେଇ ଭଦ୍ରକ ସହର ମୁଖ୍ୟ ରାସ୍ତାରେ ସାଇକେଲ ରାଲିରେ ଅଂଶ ଗ୍ରହଣ କରିଥିଲେ।

ନିରଞ୍ଜନଙ୍କୁ ନେଇ ବନ୍ତ କଂଗ୍ରେସର ଶକ୍ତି ପ୍ରଦର୍ଶନ: ଉଦ୍‌ଘାଟନ କଲେ କଂଗ୍ରେସ କାର୍ଯ୍ୟାଳୟ

ବନ୍ତ,(ସବୁ୍ୟ) : ଶନିବାର ବନ୍ତସ୍ଥିତ କେନ୍ଦୁଆପଦା ରୋଡରେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଉଦ୍ଘାଟିତ ହୋଇଯାଇଛି । ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଥାନା ଛକ ଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ଯୋଗ ଦେଇ ଗତ ନିର୍ବାଚନରେ ମୋତେ ଯେଉଁଭଳି ଭାବେ ଏହି ନିର୍ବାଚନ ମଣ୍ଡଳୀରେ ଭଲ ପାଇବା ଦେଇଛନ୍ତି, ଆଗାମୀ ନିର୍ବାଚନରେ ଦଳ ଯଦି ମୋତେ ପୁନର୍ବାର ପ୍ରାର୍ଥୀ କରେ ତେବେ ପ୍ରତ୍ୟେକଙ୍କ ଘରକୁ ଘର ଯାଇ ଯେଉଁ ସବୁ ସମସ୍ୟା ରହିଛି ତାହା ସମାଧାନ ଦିଗରେ ଶତଚେଷ୍ଟିତ ହେବି ବୋଲି କହିଥିଲେ । ଏଥିରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଭଦ୍ରକର ବରିଷ୍ଠ କଂଗ୍ରେସ ନେତା ବୁଲୁ ପଟ୍ଟନାୟକ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଜିଲା କଂଗ୍ରେସ ସ ଭାପତିଅଶୋକ ଦାସ, ଜିଲା କଂଗ୍ରେସର ପୂର୍ବତନ ସଭାପତି ସୁବ୍ରତ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ

ତିନୋଟି ନବଜାତ ଶିଶୁଙ୍କୁ ନୂଆ ଜୀବନ ଦେଲେ ସମ୍ ଶିଶୁରୋଗ ଡାକ୍ତର

ଭୁବନେଶ୍ୱର (ସବ୍ୟୁ): ଗୋଟିଏ ମା'ର ଗର୍ଭରୁ ଏକା ସାଙ୍ଗେ ଜନ୍ମଲାଭ କରିଥିବା ତିନୋଟି ଅପରିପକ୍ୱ ଶିଶୁଙ୍କୁ ଦୀର୍ଘ ଦିନର ପ୍ରଚେଷ୍ଟା ଓ ଚିକିତ୍ସା ପ୍ରଦାନ କରି ନୂଆ ଜୀବନ ଦେଇଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନବଜାତ ଶିଶୁରୋଗ ବିଭାଗର ଡାକ୍ତରୀ ଟିମ୍। ଏହି ସନ୍ତାନଙ୍କର ପରିବାର ବାଲୁଗାଁ। ଅଂଚଳର ହୋଇଥିବା ବେଳେ ତିନି ସନ୍ତାନ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ଥିବା ଇନ୍ - ଭିଟ୍ରୋ ଫର୍ଟିଲାଇଜେସନ୍ (ଆଇଭିଏଫ୍) ପ୍ରକ୍ରିୟାରେ ଜନ୍ମ ଗ୍ରହଣ କରିଥିଲେ। ତେବେ ଜନ୍ମ ଗ୍ରହଣ କରିବାର ନିର୍ଦ୍ଧାରିତ ପ୍ରସବ ସମୟ ପୂର୍ବରୁ ମାତ୍ର ୨୮ ସପ୍ତାହ ପରେ ଏକ ସଂଗେ ୩ଟି ସନ୍ତାନ ଅପରିପକ୍ୱ ଭାବେ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଏହି ଶିଶୁମାନଙ୍କ ମଧ୍ୟରୁ ଦୁଇ ଶିଶୁଙ୍କର ଓଜନ ୧ କେଜି ଅନ୍ୟ ଶିଶୁର ଓଜନ ୮୦୦ ଗ୍ରାମ ଥିବା ବେଳେ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଜଟିଳ ଥିଲା। ତେଣୁ ସେମାନଙ୍କୁ ତୁରନ୍ତ ହସ୍ପିଟାଲ୍‌ର ନବଜାତ ଶିଶୁ ବିଭାଗର ଏନ୍‌ଆଇସିୟୁରେ ଭର୍ତ୍ତି କରାଯାଇ ସମସ୍ତ ଚିକିତ୍ସା ଆରମ୍ଭ କରାଯାଇଥିଲା ବୋଲି ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାଶିଷ ନନ୍ଦ କହିଛନ୍ତି । ଦୀର୍ଘ ସମୟ ଧରି ଇନ୍‌ଭେସିଭ୍ ଭେଂଟିଲେସନ୍ ଏବଂ ପ୍ରାୟ ୩ମାସ ଧରି ନନ୍ - ଇନ୍‌ଭେସିଭ୍ ଭେଂଟିଲେଟରରେ ଶିଶୁମାନଙ୍କୁ ରଖାଯାଇ ଚିକିତ୍ସା କରାଯାଇଥିଲା। ସମସ୍ତ ଚିକିତ୍ସା ଓ ପ୍ରଚେଷ୍ଟା ଦ୍ୱାରା ଏହି ୩ ଶିଶୁଙ୍କୁ ବଂଚାଇ ରଖିବା ସକ୍ଷମ ହୋଇପାରିଲା ବୋଲି ପ୍ରଫେସର ନନ୍ଦ କହିଛନ୍ତି ।

ରାଜଧାନୀ ଭୁବନେଶ୍ୱରର ୭୬ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର (ସବ୍ୟୁ): ରାଜଧାନୀ ଭୁବନେଶ୍ୱରର୭୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଶନିବାର ସକାଳେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଓଡିଶା ବିଧାନସୌଧ ସମ୍ମୁଖସ୍ଥ ରାଜଧାନୀ ଶିଳାନ୍ୟାସ ଫଳକରେ ପୁଷ୍ପଗୁଚ୍ଛ ଅର୍ପଣ କରିବା ସହିତ ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜଧାନୀ ପ୍ରତିଷ୍ଠା ଦିବସର ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା । ପ୍ରାରମ୍ଭରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପରେ ପରେ ଅତିଥିମାନେ ରାଜଧାନୀ ଶିଳାନ୍ୟାସ ଫଳକରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ଭୁବନେଶ୍ୱରକୁ ଏକ ଯୋଜନାବଦ୍ଧ ସହର ଭାବେ ପ୍ରତିଷ୍ଠିତ କରିବା ପାଇଁ ଭୂମି ପ୍ରତିଷ୍ଠା କରାଯାଇଥିଲା । ଏହା ମଧ୍ୟରେ ଭୁବନେଶ୍ୱର ଆଜି ଦେଶର ଏକ ପ୍ରମୁଖ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସହର ଭାବେ ପରିଚୟ ଲାଭ କରିଛି । ସମୟାନ୍ତରରେ ଏହାର କାୟା ବିସ୍ତାର ଘଟିଛି । ରାଜଧାନୀ ପ୍ରତିଷ୍ଠା ଦିବସକୁ ନୂଆ ଭୁବନେଶ୍ୱରର ଜନ୍ମଦିନ ଭାବେ ଅଭିହିତ କରି ଭୁବନେଶ୍ୱର ବାସିନ୍ଦାମାନଙ୍କୁ ଏହାର ସ୍ୱଚ୍ଛତା, ସବୁଜିମା ଓ ସୁନ୍ଦରତା କିପରି ବଜାୟ ରହିବ, ସେ ଦିଗରେ ସମସ୍ତେ ପ୍ରଚେଷ୍ଟା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, ପୋଲିସ କମିଶନର,ଭୁବନେଶ୍ୱର-କଟକ ସଂଜୀବ ପଣ୍ଡା, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ବଲୱନ୍ତ ସିଂ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଜିଲ୍ଲାପାଳ,ଖୋର୍ଦ୍ଧା ଚଞ୍ଚଳ ରାଣା, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସାଧାରଣ ସଂପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ପରେ ପରେ ଏହି ଦିବସ ଉପଲକ୍ଷେ ଆଜି ସକାଳେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ବିଏମ୍‌ସିର ମିଳିତ ଆନୁକୂଲ୍ୟରେ ଜୟଦେବ ଭବନ ଠାରେ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟ ଶାସନ ସଚିବଶ୍ରୀ ଜେନା ଉଦଘାଟନ କରିଥିଲେ । ସୂଚନା ଓ ଲୋକ ସଂପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା ।

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସଂଧ୍ୟାରେ ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା,ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ବିଏମ୍‌ସି କମିଶନର, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ , ଜିଲ୍ଲାପାଳ , ଖୋର୍ଦ୍ଧା , ବିଏମସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପରେ ମୁଖ୍ୟ ଅତିଥି ଶ୍ରୀ ସାହୁ ରାଜଧାନୀ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ କେକ୍ କାଟି ଭୁବନେଶ୍ୱରର ଜନ୍ମଦିନ ପାଳନର ସ୍ମୃତି ଉଜ୍ଜୀବିତ କରାଇଥିଲେ । ସ୍ୱନାମଧନ୍ୟ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ପ୍ରେମ ଆନନ୍ଦ ଓ ପ୍ରଶାନ୍ତ ପାଢୀଙ୍କ ନିର୍ଦ୍ଦେଶନାରେ ଦୀପ୍ତିରେଖା ପାଢୀ, ବିଷ୍ଣୁମୋହନ କବି, ସ୍ମୃତିକ ପାଢୀ ଏବଂ ଇପସିତା ପଣ୍ଡାଙ୍କ ଦ୍ୱାରା ଭଜନ ଓ ସୁଗମ ସଂଗୀତ ଏବଂ ବଲାଙ୍ଗିର ଜିଲ୍ଲା ଲୋଇସିଂହାର ଶଙ୍କର ବେହେରାଓ ତାଙ୍କ ସାଥୀମାନଙ୍କ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ ଆଦି ପରିବେଷଣ କରାଯାଇଥିଲା । ଜୟଦେବ ଭବନ ପ୍ରେକ୍ଷାଳୟରେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

ମହିଳା କଂଗ୍ରେସ ସାଧାରଣ ସଂପାଦିକା

ଶ୍ରୀୟାସ୍ମିତା ଭୁବନେଶ୍ୱର ଜିଲ୍ଲା ପ୍ରଭାରୀ

ଭୁବନେଶ୍ୱର (ସବ୍ୟୁ): ପ୍ରଦେଶ ମହିଳା କଂଗ୍ରେସର ସାଧାରଣ ସଂପାଦିକା ଶ୍ରୀୟାସ୍ମିତା ପଣ୍ଡାଙ୍କୁ

ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତି ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସର ପ୍ରଭାରୀ ଭାବରେ ଏବଂ କବିତା ପ୍ରିୟଦର୍ଶିନୀ ଦାଶଙ୍କୁ ସହ ପ୍ରଭାରୀ ଭାବରେ ଦାୟୀତ୍ୱ ଅର୍ପଣ କରିଛନ୍ତି । ଶ୍ରୀମତୀ ପଣ୍ଡା ମହିଳା କଂଗ୍ରେସରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଛନ୍ତି । ଏହି ନିଯୁକ୍ତି ଶ୍ରୀମତୀ ପଣ୍ଡା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି ଓ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଗିତାଳି ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

କଟକ ଇନ୍ କଟକ ରେ ଇଦ୍ ମିଳନ ପାର୍ଟିରେ ସଂଯୁକ୍ତ ଓ ପ୍ରକାଶ ଙ୍କୁ ଜିତାଇବାକୁ ମେୟରଙ୍କ ନିବେଦନ

କଟକ, (ସବ୍ୟୁ) ମହାନଗର ଯୁବ ପରିଷଦ ସଭାପତି ସକିଲ୍ ଅକତର,ସମ୍ପାଦକ ଜଗନ୍ନାଥ ସ୍ୱାଇଁ, ଏବଂ ସହ ସମ୍ପାଦକ ଶୟଦ ସେଖାଓ୍ୱତ ଅଲ୍ଲୀ ଙ୍କ ନେତୃତ୍ୱ ରେ ଆଜି ଏକ ଇଦ ମିଳନ କାର୍ଯ୍ୟକ୍ରମ କଟକ-ଇନ-କଟକ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁସଲିମ ଭାଇ ଓ ଭଉଣୀ ମାନଙ୍କର ପବିତ୍ର ଇଦ ପର୍ବ ଅବସରରେ ପ୍ରାୟ ସମସ୍ତେ ଦଳ ମତ ନିର୍ବିଶେଷରେ ଏହି ଇଦ ମିଳନ କାର୍ଯ୍ୟ କ୍ରମରେ ଯୋଗଦାନ କରିଥିଲେଛ ଏହି କାର୍ଯ୍ୟ କ୍ରମରେ ମାନ୍ୟବର କଟକ ମେୟର ସୁବାସ ସିଂହ ଉପସ୍ଥିତ ଛାମୁଆ ନେତା ମାନଙ୍କୁ ସାଂସଦ ପାର୍ଥୀ ସଂଯୁପ୍ତ ମିଶ୍ର, ବିଧାୟକ ପାର୍ଥୀ ପ୍ରକାଶ ବେହେରାଙ୍କୁ ବହୁଳ ଭୋଟରେ ଜିତାଇ ଆଣିବାକୁ ନିବେଦନ କରିଥଲେ । ଆଜିର ଏହି ଇଦ ମିଳନ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂହ, ଏମ .ପି ପ୍ରାର୍ଥୀ ଡଃ ସଂଯୁପ୍ତା ମିଶ୍ର , ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା, ଓସିଏ ସମ୍ପାଦକ ସଂଜୟ ବେହେରା, ବିଜୁ ଶ୍ରମିକ ସାମୁଖ୍ୟ ରାଜ୍ୟ ଉପଦେଷ୍ଟା ରାଜୀବ ମହାନ୍ତି, ବିଜୁ ଜନତା ଦଳ ର ରାଜ୍ୟ ସାଧାରଣ ସଂପାଦକ ବିଶ୍ୱଜିତ୍ ମହାନ୍ତି, ଜିଲ୍ଲା ଉପସଭାପତି ଓ ଅର୍ବାନ ବ୍ୟାଙ୍କ ସଭାପତି ପ୍ରଫୁଲ୍ଲ ମହାପାତ୍ର, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ଉପସଭାପତି ପ୍ରଫୁଲ୍ଲ ବେହେରା ,ଜିଲ୍ଲା ସାଧାରଣ ସଂପାଦକ ନନ୍ଦଲାଲ ସିଂହ, କଦମରସୁଲ ର ସଭାପତି ସେକ୍ ରମଜାନ ଖାଁ, ସେକ କମିରୁଦ୍ଧିନ ଖାଁନ୍,ବିଜେଡି ଜିଲ୍ଲା ଯୁବ କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ରାୟ, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ବେହେରା, ସ୍ୱାସ୍ଥ୍ୟ ସେବା ସମିତି ର ସଭାପତି ଦେବେନ୍ଦ୍ର କହାଳୀ, ଦେବେନ୍ଦ୍ର ବିଶ୍ୱାଳ, ଚନ୍ଦନ ଦାସ, ପରେଶ ନାଥ ଦାସ, ବାପି କର, ସୈଲେନ୍ଦ୍ର ଧଳ, ଚନ୍ଦନ ଦାସ, ରବର୍ଟ ବେଞ୍ଜାମିନ୍, ସ୍ମିତା ମୂଳିଆ, ମିତାଲୀ ଭଞ୍ଜ, କଟକ ମହାନର ନିଗମର କର୍ପୋରେଟର ଯଥା ବିକାଶ ରଞ୍ଜନ ବେହେରା, ଶ୍ରୀମତୀ ଏ. ଶ୍ରୀଦେବୀ, ଇଂ ମହମ୍ମଦ ଆଲାମ, ବସନ୍ତ ବେହେରା, ଶ୍ରୀମତୀ ଇତିଶ୍ରୀ ଦାସ, ଇପସପିତା ମହାନ୍ତି, ପ୍ରଦୀପ ରାଉତ୍, ଶ୍ରୀମତୀ ପ୍ରିୟମ୍ବଦା ମହାନ୍ତି, ଶ୍ରୀମତୀ ରିତଞ୍ଜଳି ବେହେରା, ଶ୍ରୀମତୀ ନମିତ ବାରିକ, ଶ୍ରୀମତୀ ଆରତୀ ସାହୁ, ଶ୍ରୀମତୀ ଦିପଞ୍ଜଳୀ ସିଂ ,ଶ୍ରୀମତୀ କୁରେସା ନୁର, ଶ୍ରୀ ଚନ୍ଦନ ଜେନା, ଶ୍ରୀ ସତ୍ୟରାମ ସାହୁ, ଶ୍ରୀମତୀ ସୁମିତ୍ରା ବସ୍ତିଆ, ଶ୍ରୀ ପ୍ରଦୀପ ସାହୁ ପ୍ରମୁଖ ୨୦ରୁ ଉର୍ଦ୍ଧ କର୍ପୋରେଟର ମାନେ ଯୋଗ ଦେଇଥିଲେ ।

ଖରାଦିନ ପାଇଁ ଖୋର୍ଦ୍ଧାରୋଡ଼ ରେଳଡିଭିଜନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

ଜଟଣୀ(ସ.ବ୍ୟୁ): ଖରାଦିନ ପାଇଁ ଖୋର୍ଦ୍ଧାରୋଡ଼ ରେଳଡିଭିଜନ ପକ୍ଷରୁ ସମସ୍ତ ଷ୍ଟେସନରେ ପର୍ଯ୍ୟାପ୍ତ ପାନୀୟ ଜଳ ଉପଲବ୍ଧ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଓ ପଦକ୍ଷେପ ଆରମ୍ଭ ହୋଇଛି । ଯେପରି ପାଣି ପାଇଁ କୌଣସି ଯାତ୍ରୀ ଅସୁବିଧାର ସମ୍ମୁଖୀନ ନହୁଏ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି । କୌଣସି ଷ୍ଟେସନରେ ସମସ୍ୟା ଉପୁଜିଲେ ତୁରନ୍ତ ରିପୋର୍ଟ କରି ଏହା ଦୂର କରିବାକୁ କଡ଼ା ନିର୍ଦ୍ଦେଶ ହୋଇଛି । ପ୍ଲାଟଫର୍ମରେ ଥିବା ୱାଟର ଟ୍ୟାପ୍, ୱାଟର କୁଲର ଗୁଡିକୁ ନିୟମିତ ଯାଂଚ ପାଇଁ କର୍ମଚାରୀମାନଙ୍କୁ କୁହାଯାଇଛି। ଅଧିକ ଯାତ୍ରୀ ସମାଗମ ହୋଇଥିବା ପ୍ରମୁଖ ଷ୍ଟେସନ ଗୁଡିକ ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଏପରିକି ଟ୍ରେନ୍‌ର ସାଧାରଣ ବଗିରେ ପାନୀୟ ଜଳ ବଂଟନ ପାଇଁ ସ୍ୱେଚ୍ଛାସେବୀ ସଂଗଠନ, ସ୍କାଉଟ ଗାଇଡ୍ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ଉତ୍ସାହିତ କରାଯାଇଛି। ବିଶୁଦ୍ଧ ପାନୀୟ ଜଳ ନିଶ୍ଚିନ୍ତ କରିବାକୁ ୱାଟର କୁଲରର ଫିଲଟର, ୱାଟର ବୁଥ୍ ଗୁଡିକୁ ନିୟମିତ ବ୍ୟବଧାନରେ ସଫା କରାଯିବା ସହ ପାଣିର ମାନ ପରୀକ୍ଷା ମଧ୍ୟ ଆରମ୍ଭ ହୋଇଛି । କେତେକ ଷ୍ଟେସନରେ ୱାଟର ଟ୍ୟାଙ୍କରର ବ୍ୟବସ୍ଥା କରାଯାଇଛି। ପାନୀୟ ଜଳ ସମସ୍ୟା ଓ ତୁରନ୍ତ ଏହାର ସମାଧାନ ପାଇଁ ସମସ୍ତ ଷ୍ଟେସନରେ ୨୪ ଘଂଟିଆ ମନିଟରିଂ ବ୍ୟବସ୍ଥା ହୋଇଛି ।

ବିଜେଡିର ଜୋନ ସ୍ତରୀୟ ସାଙ୍ଗଠନିକ ବୈଠକ ଏବଂ ମିଶ୍ରଣପର୍ବ

କଣିହାଁ,(ସବ୍ୟୁ): କଣିହାଁ ବ୍ଲକ ଅନ୍ତର୍ଗତ ସୁଲେଇପାଳ ଆୟତୋଟା ଠାରେ ୧୦ନଂ ଜୋନସ୍ତରୀୟ ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଜେଡିର ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଡ଼.ଅବିନାଶ ସାମଲ ,ପାଳଲହଡା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଳ, ଅନୁଗୋଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଜୁନ ବିହାରୀ ଦାସ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ ,ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ବେହେରା , କଣିହାଁ ବ୍ଲକ ବିଜେଡି ସଭାପତି କୈଳାଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା ,ପାଳଲହଡା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବାସ ମହାନ୍ତି,କଣିହାଁ ବ୍ଲକ ବିଜେଡି ଉପ ସଭାପତି ଦଣ୍ଡଧର ବିଶ୍ୱାଳ,କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ,ଜିଲ୍ଲା ସମ୍ପାଦକ ଝସକେତନ ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ । ପାଳଲହଡା ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଏବଂ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ପାଥେଇ କରି ଚଳିତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବୈଠକ ରେ ସଂକଳ୍ପ ନେଇଥିଲେ । ଏହି ଅବସରରେ ନବୀନ ପଟ୍ଟନାୟକ ଓ ପାଳଲହଡା ବିଧାୟକଙ୍କ କାର୍ଯ୍ୟଶୈଳ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଓ କଂଗ୍ରେସର ୨୦୦ରୁ ଅଧିକ କର୍ମୀ ବିଜେଡିରେ ଯୋଗ ଦେଇଥିଲେ । କଣିହାଁ ବ୍ଲକ କଂଗ୍ରେସ ପୂର୍ବତନ ସଭାପତିନବକିଶୋର ଗଡ଼ନାୟକ, କର୍ଣ୍ଣପାଳ ପଂଚାୟତର ସୁଶାନ୍ତ ବେହେରା, ବୋରଦାକାନ୍ତ ଶତପଥି,ହରମୋହନ ସାହୁ, ଛବି ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ । ସେହି ଭଳି ସୁସ୍ଥା, ଗଣ୍ଡମାଳା, ବିରୁ କୁଲେଇ ବୁରୁକୁନା ପଂଚାୟତର ବିଜେପି ଓ କଂଗ୍ରେସ କର୍ମୀ ମିଶ୍ରଣ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପଂଚାୟତ ସଭାପତି କୃପାସିନ୍ଧୁ ସାହୁ,ରାମଚନ୍ଦ୍ର ସାହୁ, ଗକୁଳ ପ୍ରଧାନ, ପର୍ଶୁରାମ ବିଶ୍ୱାଳ, ଅବନୀକାନ୍ତ ଦେହୁରୀ, ବିଷ୍ଣୁ ଚରଣ ସାହୁ, ସୋଭାଗ୍ୟ ପ୍ରଧାନ, ସତ୍ୟାନନ୍ଦ ଗଡ଼ନାୟକ, ଜିଲ୍ଲା ଯୁବ ସମ୍ପାଦକ ପ୍ରଦୀପ ସାମଲ, ଧର୍ମେନ୍ଦ୍ର ସାମଲ ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ପ୍ରମୁଖ ଯୋଗ ଦେଇଥିଲେ ।

ଉତ୍କଳ କନିକା ଗ୍ୟାଲେରିଆକୁ ସିଏନ୍‌ବିସି ଆୱାଜ୍ ରିୟଲ ଇଷ୍ଟେଟ୍ ଆୱାର୍ଡ଼

ଭୁବନେଶ୍ୱର (ସବ୍ୟୁ) : ପୂର୍ବାଞ୍ଚଳ ମଲ୍ ଭିତରେ ଭୁବନେଶ୍ୱର କନ୍ଧନା ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ଭିନ୍ନ ସ୍ଥାନ ଅଧିକାର କରିଛି । କୋଲକାତାରେ ଅନୁଷ୍ଠିତ ୧୪ତମ ସିଏନ୍‌ବିସି ଆୱାଜ୍ ରିୟଲ ଇଷ୍ଟେଟ୍ ଆୱାର୍ଡ଼ସ ସୋରେ ପୂର୍ବାଞ୍ଚଳ ଭିତରେ ସବୁ ମଲ୍‌କୁ ପଛରେ ପକାଇ ଶ୍ରେଷ୍ଠ ରିଟେଲ୍ ପ୍ରୋଜେକ୍ଟ ଆୱାର୍ଡ଼ରେ ସମ୍ମାନିତ ହୋଇଛି । ଏହି ସମ୍ମାନ ଉତ୍କଳ ବିଲ୍‌ଡ଼ର୍ସର ରିୟଲ ଇଷ୍ଟେଟ୍ ପ୍ରତି ଥିବା ୩୪ ବର୍ଷର ଉତ୍କର୍ଷତା ଓ ଅଦମ୍ୟ ପ୍ରତିବଦ୍ଧତାକୁ ସୂଚିତ କରୁଛି । ପ୍ରତ୍ୟେକ ପ୍ରକଳ୍ପରେ ଗୁଣବତ୍ତା ଏବଂ ନୂତନତ୍ୱ ପ୍ରଦାନ ପାଇଁ ଏହା କମ୍ପାନୀର ଉତ୍ସର୍ଗୀକୃତତାକୁ ଏହି ସମ୍ମାନ ପ୍ରମାଣିତ କରୁଛି । ଶିଳ୍ପ କ୍ଷେତ୍ରରେ ଅତୁଳନୀୟ ସଫଳତା ପାଇଁ ସି.ଏନ୍‌ବିସି ଆୱାର୍ଡ଼ ରିୟଲ ଇଷ୍ଟେଟ ପୁରସ୍କାର ଦିଆଯାଇଥାଏ । ଶ୍ରେଷ୍ଠ ରିଟେଲ ପ୍ରୋଜେକ୍ଟ ବର୍ଗରେ ଉତ୍କଳ କନିକା ଗ୍ୟାଲେରିଆର କାର୍ଯ୍ୟକାରୀ କରିବାରେ ଏହାର ଅପାର ସମ୍ଭାବନାକୁ ପ୍ରକାଶ କରୁଛି । ଯାହା ଗ୍ରାହକଙ୍କୁ ଏକ ନୂଆ ଅନୁଭୂତି ଆଣିଦେଇଛି ।

ପଦ୍ମକେଶରପୁର ସୁଧ କାରବାର ଗଣ୍ଡଗୋଳ

ଦାଦାବଟିକୁ ନେଇ ଗୁଳିକାଣ୍ଡ ଘଟଣା।

ମୁଖ୍ୟ ଅଭିଯୁକ୍ତ ସହ ଜଣେ ସହଯୋଗୀ ଗିରଫ

ଆଠଗଡ଼, (ସବ୍ୟୁ) : ଆଠଗଡ଼ ଥାନା ଅନ୍ତର୍ଗତ ମହୀଧରପୁର ଗ୍ରାମ ରେ ଦାଦା ବଟିକୁ ନେଇ ହୋଇଥିବା ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ସହ ତାର ଜଣେ ସହଯୋଗୀକୁ ଆଠଗଡ ପୋଲିସ ଗିରଫ କରିଛି । ଏଥି ସହିତ ଗୁଳିକାଣ୍ଡ ରେ ବ୍ୟବହୃତ ବନ୍ଧୁକ କୁ ମଧ୍ୟ ଜବତ କରାଯାଇଛି । ଶନିବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରବିନ୍ଦ୍ର କୁମାର ମଲ୍ଲିକ ଏବଂ ଆଠଗଡ଼ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି ।

ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ ମହୀଧରପୁର ଗ୍ରାମ ର ମେଘନାଦ ପଲେଇ ଙ୍କ ପୁଅ ଦିଲ୍ଲୁ ଓରଫ୍ ଦିଲ୍ଲୀପ କୁମାର ପଲେଇ (୩୦) ଏବଂ ସହଯୋଗୀ ଆଠଗଡ଼ ଜେଲ୍ ରୋଡ଼ ର ସନାତନ ନାଏକଙ୍କ ପୁଅ ରାମୁ ଓରଫ୍ ସତ୍ୟବ୍ରତ ନାଏକ (୩୪) । ଏ ବାବଦରେ ଗୁରୁତର ଆହତ ବିଶ୍ୱଜିତଙ୍କ ସାନଭାଇ ଅଭିଜିତ ପଲେଇଙ୍କ ଏତଲାକୁ

ଆଧାର କରି ଆଠଗଡ଼ ଥାନା କେସ ନଂ ୧୪୧/୨୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ଏହି ଘଟଣା କୁ ନେଇ ପୋଲିସ ପକ୍ଷରୁ ତିନୋଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନ ମାନଙ୍କରେ ଚଢାଉ କରାଯାଇ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଆଉ ୪ ଜଣ ଅଭିଯୁକ୍ତ ପୋଲିସକୁ ଚକମା ଦେଖାଇ ଏବେବି ଫେରାର ଥିବା ଜଣାପଡିଛି । ମୁଖ୍ୟ ଅଭିଯୁକ୍ତ ଦିଲ୍ଲୁ ଘଟଣା ଘଟାଇ ପ୍ରଥମେ ଆଠଗଡ଼ରୁ ଖୁଣ୍ଟୁଣୀ ଏବଂ ସେଠାରୁ କଟକ ଏବଂ ଭୁବନେଶ୍ୱର ଦେଇ ପୁରୀ ଚାଲି ଯାଇଥିବା ବେଳେ ପୋଲିସ ପକ୍ଷରୁ ବୈଷୟିକ ସହାୟତା ନିଆଯାଇ ଶନିବାର ଦିନ ଚୌଦ୍ୱାର ଅଞ୍ଚଳ ରୁ ଗିରଫ କରି ଥିବା ଏବଂ ସହଯୋଗୀ ରାମୁ କୁ ନିଜ ଘରୁ ଗିରଫ କରିଥିବା ଜଣାପଡିଛି ।

ସୂଚନାଯୋଗ୍ୟ ଯେ ନିଜର ଟ୍ରାକ୍ଟର ରେ ମାଟି ଉଠାଇ ଜଣଙ୍କ ବିଲରେ ପାଉଥିବା ବେଳେ ମହୀଧରପୁର ଗ୍ରାମ ର ବୀରବର ପଲେଇଙ୍କ ପୁଅ ବିଶ୍ୱଜିତ ପଲେଇଙ୍କୁ ମୁଖ୍ୟ ଅଭିଯୁକ୍ତ ଦିଲ୍ଲୁ ଦାଦା ବଟି ମାଗିଥିଲା ।ସେ ଦେବାକୁ ମନା କରିବାରୁ ଦିଲ୍ଲୁ ଗୋଟିଏ ଧଳା କାର ଏବଂ ଗୋଟିଏ ବୁଲେଟ ମୋଟର ସାଇକେଲରେ ଅନ୍ୟ ୫ ଜଣ ଅଭିଯୁକ୍ତଙ୍କ ସହିତ ଆସି ଗୁଳିକରି ଫେରାର ହୋଇ ଯାଇଥିଲା । ଗୁଳି ବିଶ୍ୱଜିତଙ୍କ ଡାହାଣ ପେଟ ପାଖରେ ବାଜି ଥିବା ବେଳେ ବର୍ତ୍ତମାନ ସୁଦ୍ଧା ତା'ର ଅବସ୍ଥା ସଙ୍କଟାପନ୍ନ ରହିଛି । ପୋଲିସ ଉକ୍ତ ଗାଡି ଦୁଇଟିକୁ ଚିହ୍ନଟ କରିଥିବା ବେଳେ ଖୁବ୍ ଶୀଘ୍ର ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରା ଯିବ ବୋଲି କୁହାଯାଉଛି ।

ଦୁଇଟି ସ୍ତ୍ରୀ ଥାଇ ବି ଯୁବତୀଙ୍କୁ ଗର୍ଭବତୀ କରି ହତ୍ୟା: ଅଭିଯୁକ୍ତ ଗିରଫ

କେନ୍ଦୁଝର , (ସ୍ୱପ୍ର) : ଘରେ ଦୁଇ ଦୁଇଟି ସ୍ତ୍ରୀ ଥାଇ ବି ମନ ବୁଝିଲାନି । ମିଠା ମିଠା କଥା କହି ଜଣେ ଯୁବତୀଙ୍କୁ ପ୍ରଥମେ ପ୍ରେମ ଜାଲରେ ଫସାଇଲେ । ତା' ପରେ ବିବାହ ପ୍ରତିଶ୍ରୁତି ଦେଇ ଗର୍ଭବତୀ କରାଇଲେ ।ଯୁବତୀ ଜଣଙ୍କ ୨ମାସର ଗର୍ଭବତୀ ଥିବା ଜାଣିବା ପରେ ତଣ୍ଟିଚିପି ମାରିଦେଇ ଆତ୍ମହତ୍ୟା ରୁପ ଦେଲା ଅଭିଯୁକ୍ତ ।କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ସୋୟାବାଲି ଜଙ୍ଗଲରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ପର୍ଦ୍ଦାଫାସ କରିଛି ବଡବିଲ ପୁଲିସ । ଏହା ହତ୍ୟାକାଣ୍ଡ ହୋଇଥିବା ବେଳେ ପୁଲିସ ଏହି ଘଟଣାର ଅଭିଯୁକ୍ତ ତଥା ମୃତ ଯୁବତୀଙ୍କ ପ୍ରେମୀ ସତ୍ୟବାନ୍ ବେହେରାକୁ ଗିରଫ କରିଛି ।

ସତ୍ୟବାନର ପୂର୍ବରୁ ଦୁଇଜଣ ସ୍ତ୍ରୀ ରହିଥିବା ବେଳେ ସୁନ୍ଦରଗଡ ଜିଲ୍ଲା କୋଇଡା ଥାନା ଅନ୍ତର୍ଗତ ବଡ ଇନ୍ଦୁପୁର ଗ୍ରାମର ଜଣେ ଯୁବତୀଙ୍କୁ ନିଜ ପ୍ରେମ ଜାଲରେ ଫସାଇଥିଲା । ବିବାହର ପ୍ରତିଶ୍ରୁତି ଦେଇ ତା' ସହିତ ଶାରୀରିକ ସମ୍ପର୍କ ରଖିଥିଲା । ଯୁବତୀ ଜଣକ ୨ ମାସର ଗର୍ଭବତୀ ହେବାରୁ ସତ୍ୟବାନକୁ ବିବାହ କରିବାକୁ ଚାପ ଦେଇ ଆସୁଥିଲେ । ହେଲେ ସତ୍ୟବାନ ଯୁବତୀଙ୍କୁ ବିବାହ କରିବାକୁ ଅରାଜି ଥିଲେ । ଏଥିପାଇଁ ଯୁବତୀଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା ଅଭିଯୁକ୍ତ । ଯୋଜନା ମୁତାବକ ବିବାହର ପ୍ରତିଶ୍ରୁତି ଦେଇ ଗତ ୫ ତାରିଖ ରାତିରେ ଅଭିଯୁକ୍ତ ସତ୍ୟବାନ ଯୁବତୀଙ୍କୁ ତାଙ୍କ ଘରୁ ଆଣି ଥିଲା । ବଡବିଲ ଶାନ୍ତବହାଳ ସ୍ଥିତ ଶିବ ମନ୍ଦିରରେ ଦୁହେଁ ରାତ୍ରୀ ଯାପାନ କରିଥିଲେ । ଭୋର୍ ପ୍ରାୟ ୩ଟା ବେଳେ ଅଭିଯୁକ୍ତ ସତ୍ୟବାନ୍ ପ୍ରେମିକାକୁ ଜଟେଶ୍ୱର ମନ୍ଦିର ନିକଟ ଜଙ୍ଗଲକୁ ନେଇଯାଇ ସେଠାରେ ଯୁବତୀଙ୍କ ତଣ୍ଟି ଚିପି ହତ୍ୟା କରିଥିଲା ।

ହତ୍ୟା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଅଭିଯୁକ୍ତ ସତ୍ୟବାନ୍ ଯୁବତୀଙ୍କ ମୃତଦେହକୁ ଏକ ଗଛରେ ଟାଙ୍ଗି ଦେଇ ଫେରାର ମାରିଥିଲା । ୯ ତାରିଖରେ ପୁଲିସ ଯୁବତୀଙ୍କ ମୃତଦେହକୁ ଜଙ୍ଗଲରୁ ଉଦ୍ଧାର କରି ଘଟଣାର ତଦନ୍ତ କରିଥିଲା । ବୁଧବାର ସତ୍ୟବାନ୍ ବେହେରାକୁ ପୁଲିସ ଗିରଫ କରିଥିଲା । ପୁଲିସ ଆଗରେ ସତ୍ୟବାନ ସବୁ ସତ ଓଗାଳିଥିଲା । ପରେ ପୁଲିସ ଅଭିଯୁକ୍ତର ସିନ୍ ରିକ୍ରିଏସନ୍ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଏନେଇ ପୁଲିସ କୌଣସି ପ୍ରତିକ୍ରିୟା ମିଳିନାହିଁ ।

ଗୋଚର ଜମିରେ ବାଡ଼ଭଙ୍ଗାକୁ ନେଇ ଗୋଷ୍ଠୀ ସଂଘର୍ଷ

ନୀଳଗିରି, (ସବ୍ୟୁ) : ନୀଳଗିରି ଥାନା ସିଆଡ଼ିମାଳ ପଞ୍ଚାୟତ ବାବନ୍ଧ ଗ୍ରାମରେ ଥିବା ସରକାରୀ ଜମିରେ ବାଡ଼ ବସାଇବାକୁ କେନ୍ଦ୍ରକରି ୨ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହେବା ଫଳରେ ଉଭୟ ଗୋଷ୍ଠୀପକ୍ଷରୁ କେତେ ଜଣ ଆହତ ହୋଇଛନ୍ତି ଏବାବଦରେ ନୀଳଗିରି ଥାନାରେ ଅଭିଯୋଗ ହେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

ମିଳିଥିବା ସୂଚନା ଅନୁଯାୟୀ ସିଆଡ଼ିମାଳ ମୌଜାର ୫୨୩ ନମ୍ବର ପ୍ଲଟ ଟି ଗୋଚର ଜମି ଥିବାବେଳେ ଏହାକୁ ଲାଗି ବାବନ୍ଧ ଗ୍ରାମର ଜନାର୍ଦ୍ଦନ ସିଂହ ଏବଂ ତାଙ୍କ ସମ୍ପର୍କୀୟଙ୍କ ଜାଗା ରହିଛି । ଉକ୍ତ ଗୋଚର ଜମିକୁ ବାଦ୍ ଦେଇ ସିଂହ ପରିବାର ପକ୍ଷରୁ ତାରଜାଲି ସାହାଯ୍ୟରେ ସ୍ଥାୟୀ ବାଡ଼ ବସାଯାଇଥିଲା । ଶନିବାର ସକାଳେ ସେହି ବାଡ଼କୁ କେହି ଉପାଡ଼ି ଦେଇଥିବା ଦେଖି ଜନାର୍ଦ୍ଦନ ସିଂହଙ୍କ ପୁଅ ଶଶଧର ସିଂହ ଯିଏ ବାଡ଼ ଉପାଡ଼ିଛି ତା ନାମରେ ଥାନାରେ ଅଭିଯୋଗ କରିବି ବୋଲି କହୁଥିଲେ । ଏହି ସମୟରେ ସେହିଗ୍ରାମର ସୁକୁରା ବେହେରା, ମନୋରଂଜନ ବେହେରା, ଗାନ୍ଧୀ ବେହେରା, ସୁଦାମ ବେହେରା, ସୁବଳ ବେହେରା ପ୍ରମୁଖ ଏକଜୁଟ ହୋଇ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ ବୋଲି ଶଶଧର ସିଂହ ଥାନାରେ ଅଭିଯୋଗ କରିଛନ୍ତି ।

ଏହିପରି ଉକ୍ତ ଗ୍ରାମରେ ଦୋକାନ କରିଥିବା ଶଶଧରଙ୍କ ବଡ଼ମା ଅନସୂୟା ସିଂହ ଅନ୍ୟଏକ ଅଭିଯୋଗ କରି ଉକ୍ତ ଗ୍ରାମର ଶତ୍ରୁଘ୍ନ ବେହେରା, ରବି ବେହେରା, ଚନ୍ଦରା ବେହେରା, ଧୃଣ୍ଡ ବେହେରା ପ୍ରମୁଖ ଗୋଷ୍ଠୀବଦ୍ଧ ଭାବେ ଆକ୍ରମଣ କରିଥିବା ବେଳେ ତାଙ୍କ ଦୋକାନ ଭଙ୍ଗାରୁଜା କରିଥିବା ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ଅପର ପକ୍ଷରେ ଅନ୍ୟ ବିପକ୍ଷ ଗୋଷ୍ଠୀ ଥାନାରେ ପାଲଟା ଅଭିଯୋଗ କରିଥିବାରୁ ଗାଁରେ ଅଶାନ୍ତ ଅବସ୍ଥା ସୃଷ୍ଟି ହୋଇଛି ।

ଗଞ୍ଜେଇ, ବ୍ରାଉନସୁଗର ଜବତ : ଜଣେ ଗିରଫ

କଣ୍ଟାପଡ଼ା, (ସବ୍ୟୁ) : ଓଲଟପୁର ଥାନା ଅଧିନ ଅଡଶପୁର ଅଞ୍ଚଳରେ ଚଢଉକରି ଓଲଟପୁର ପୋଲିସ ଗଞ୍ଜେଇ ଓ ବ୍ରାଉନସୁଗାର ଜବତ କରି ଜଣକୁ ଗିରଫ



କରିକୋର୍ଟ ଚାଲାଣ କରିଛି । ପୋଲିସ ସୁତ୍ରରୁ ମିଳିଥିବା ଖବର ଅନୁଯାଇ ଅଡଶପୁର ଗ୍ରାମର ବୁଲୁ ମାହାନ୍ତି ଗଞ୍ଜେଇ ଓ ବ୍ରାଉନସୁଗାର ବ୍ୟାପାରରେ ଲିପ୍ତ ଥିବାବେଳେ କୌଣସି ସୂତ୍ରରୁ ଖବରପାଇ ଓଲଟପୁର ପୋଲିସ ଚଢଉ କରିବା ସହ ଅଭିଯୁକ୍ତ ନିକଟରୁ ୨କେଜି ୯୫୦ ଗ୍ରାମ ଗଞ୍ଜେଇ ଓ ୧୪.୬୦ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା । ଏଥିରେ ଏନ୍‌ଡିପିଏସ୍ କେସ ନଂ ୫୯/୨୪ରେମାମଲା ରୁଜୁ କରି ଅଭିଯୁକ୍ତ ବୁଲୁ ମାହାନ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

କେନ୍ଦୁଝର , (ସ୍ୱପ୍ର) : ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣଙ୍କ ତେଲକୋଇ ଥାନା କଳାପୋଖରୀ ଗ୍ରାମର ପ୍ରଦୀପ କିଶାନ ବୋଲି ଜଣାଯାଇଛି । କଳାପୋଖରୀ ଗାଁମଣ୍ଡପରେ ଲାଗିଥିବା ଫ୍ୟାନଟି ଖରାପ ହୋଇଥିଲା । ପ୍ରବଳ ଗରମ ହେଉଥିବାରୁ ସେଠାରେ ବସି ହେଉନଥିଲା । ତେଣୁ ଗାଁର ଯୁବକ ପ୍ରଦୀପ କିଶାନ୍ ଶନିବାର ଦିନ ଫ୍ୟାନ୍ ସଜାଡୁ ଥିଲେ ।ଗାଁ ମଣ୍ଡପରେ ଲାଗିଥିବା ଫ୍ୟାନ୍ ସଜାଡୁଥିବା ବେଳେ ଜଣେ ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ମେଡ଼ିକାଲ୍ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ଶିକାରୀ ଗିରଫ, ବନ୍ଧୁକ ଜବତ

କେନ୍ଦୁଝର, (ସ୍ୱପ୍ର) : କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ଦୋବଲାପାଳ ପିଆର୍‌ଏଫ୍ ଜଣେ ଶିକାରୀକୁ ବନ ବିଭାଗ ଗିରଫ କରିଛି । ଅଭିଯୁକ୍ତ ହେଲା ତେଲକୋଇ ଥାନା ଦେଉଳଡହା ପଞ୍ଚାୟତ ଅନ୍ତର୍ଗତ କାଦପଡ଼ା ଗ୍ରାମର ତ୍ରିଲୋଚନ ନାୟକଙ୍କ ପୁଅ ନିରଞ୍ଜନ ନାୟକ (୩୭) ।ଗୁରୁବାର ରାତିରେ ତେଲକୋଇ ଫରେଷ୍ଟର ମଳୟ କୁମାର ଜେନାଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଥିଲେ । ଦୋବଲାପାଳ ଗାଁ ମୁଣ୍ଡ ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ନିରଞ୍ଜନ ଓ ତା'ର ସହଯୋଗୀ ଛକି ବସିଥିଲେ । ବନ ବିଭାଗ କର୍ମଚାରୀ ନିରଞ୍ଜନକୁ କାବୁ କରିଥିଲେ । ସହଯୋଗୀମାନେ ଦୌଡ଼ି ପଳାଇଥିଲେ । ତା ନିକଟରୁ ଗୋଟିଏ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ ଓ ଏକ ଟାଙ୍ଗିଆ ଜବତ କରାଯାଇଛି । ଅଖଣ୍ଡ ଶିକାର ପାଇଁ ଶିକାରୀମାନେ ବିଭିନ୍ନ ଜଙ୍ଗଲରେ ଘୂରି ବୁଲୁଛନ୍ତି ।ତଦନ୍ତ ଜାରି ରହିଥିବା ରେଞ୍ଜର ଶିବାଜୀ ମୋହନ ରାଓ ସୂଚନା ଦେଇଛନ୍ତି ।

ମାଂସ, ବାଇକ ଜବତ: ଜଣେ ଗିରଫ

ଠାକୁରଗଡ଼, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ସଦାନଦପୁର ଠାରେ ଶୁକ୍ରବାର ଦିନ ଧଣ୍ଡାତୋପ । ବନ ବିଭାଗ ଚଢ଼ାଉ କରି ଜନ୍ତୁ ମାଂସ ସହ ଏକ ବାଇକ କୁ ଜବତ କରିଛି । ଏଥିସହ ବିପ୍ରତିହ ଗ୍ରାମର ଶିକାରୀ ରୋହିତ ନାୟକଙ୍କୁ ଗିରଫ କରିଛି । ସେ ଏକ ହରିଣ ଶିକାର କରି ମାଂସ ନିଜ ବାଇକ ରେ ବିଭିନ୍ନ ଗ୍ରାମକୁ ଚାଲାଣ କରୁଥିବା ଖବର ପାଇ ରେଞ୍ଜର ବବୁବାହାନ ସାହୁ, ଫରେଷ୍ଟର ସଞ୍ଜୟ କୁମାର ବେହେରା, ଆନନ୍ଦିତା ଦାସ, ବନରଖି ଦିବ୍ୟସିଂହ ମାଝୀ, ଏସିଏଫ ଆଠମଲ୍ଲିକସୂର୍ଯ୍ୟକାନ୍ତ ଘୋଟା, ସ୍କାର୍ଡ ରାକେଶ ସାହୁ, ସ୍ୱାଡ୍ ଗଙ୍ଗାଧର ରାଉଳପ୍ରମୁଖ ଚଢ଼ାଉ କରିଥିଲେ । ତାଙ୍କ ନିକଟରୁ ଏକ କେଜି ଜନ୍ତୁ ମାଂସ ଜବତ କରାଯାଇଥିଲା ।

ବିସିଏ ବିଭାଗର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଭଦ୍ରକ, (ସବ୍ୟୁ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବିସିଏ ବିଭାଗର ଏକ ରାଜ୍ୟସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି । ମେସିନ ଲର୍ଣ୍ଣିଂ ଓ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଶୀର୍ଷକରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ପାର୍ଥସାରଥୀ ମିଶ୍ର ଓ କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସୌରଭ କୁମାର ଗିରି ଯୋଗଦେଇ ଦୈନନ୍ଦିନ ଜୀବନରେ ଆଇଓଟିର ପ୍ରଭାବ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସଙ୍କ ସଭାପତିତ୍ୱରେ ବିଭାଗୀୟ ମୁଖ୍ୟ ଡ. ପଦ୍ମନାଭ ପତ୍ରୀ ଅତିଥି ପରିଚୟ ଓ ବିବରଣୀ ପ୍ରଦାନ କରିଥିଲେ । ଅଧ୍ୟାପକ ରବିନାରାୟଣ ସେନାପତି, ରଶ୍ମିରେଖା ଦାସ, ରଶ୍ମିରଞ୍ଜନ ସେଠୀ, ରଶ୍ମିପ୍ରଭା ପଣ୍ଡା, ବୀଣାପାଣି ପାତ୍ରୀ ପ୍ରମୁଖ ପରିଚାଳନା କରିଥିଲେ ।

'ସେଇଠୁ ଆରମ୍ଭ' ସମ୍ପାଦକଙ୍କ ପିତୃ ବିୟୋଗ

ବାଲେଶ୍ୱର, (ସବ୍ୟୁ) : ବାଲିଆପାଳ ବ୍ଲକ ଅନ୍ତର୍ଗତ ହାସିମପୁର ଗାମର ଆଦର୍ଶ ଶିକ୍ଷକ ଅମୂଲ୍ୟ ଚନ୍ଦ୍ର ଦାସଙ୍କର ୯୧ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସ୍ୱର୍ଗତଃ ଦାସ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘଦିନ ଧରି ଅସୁସ୍ଥ ଅବସ୍ଥାରେ ଚିକିତ୍ସାଧିନ ରହିଥିଲେ । ସ୍ୱର୍ଗତଃ ଦାସ ରସଲପୁର ପ୍ରାଥମିକ ବିଶ୍ୱାଳୟରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରି ବେଲି ପ୍ରାଥମିକ ବିଦ୍ୟାଳୟ ପରେ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ୧୯୯୨ ମସିହାରେ ଅବସର ଗ୍ରହଣ କରିଥିଲେ ।

ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କର ୪ ପୁତ୍ର ମୂରଲୀ, ସୁବାଷ,ସୁଶାନ୍ତ, ଶୁଭେନ୍ଦୁ ଏବଂ ଏକମାତ୍ର କନ୍ୟା ସନ୍ଧ୍ୟା ମହାପାତ୍ର, ଜାମାତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ପୁତ୍ରବଧୂ ଧରିତ୍ରୀ, ଜ୍ୟୋତିର୍ମୟୀ, ସନ୍ଧ୍ୟାଙ୍କ ସମେତ ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ସ୍ୱର୍ଗତଃ ଶିକ୍ଷକ ଅମୂଲ୍ୟ ଚନ୍ଦ୍ର ଦାସ ହେଉଛନ୍ତି ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର 'ସେଇଠୁ ଆରମ୍ଭ'ର ସମ୍ପାଦକ ଶୁଭେନ୍ଦୁ ଦାସଙ୍କ ପିତା ଅଟନ୍ତି ।

ଲୁଟ୍ ଉଦ୍ୟମ ବିଫଳ : ଜଣେ ନାବାଳକଙ୍କ ସମେତ ୧୧ ଗିରଫ

କେନ୍ଦୁଝର , (ସ୍ୱପ୍ର) : ସ୍ଥାନୀୟ ପୋଲିସ ହାତରେ ଧରାପଡ଼ିଛନ୍ତି ୧୧ ଜଣ ଲୁଟେରା । ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି । ସେମାନଙ୍କଠାରୁ ୨୫୦୦ ଟଙ୍କା, ଲୁହା ରଡ୍, ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି ।

ଗତ କିଛି ଦିନ ହେଲା ଏହି ଲୁଟେରା ଦଳ ଝୁମ୍ପୁରା ଥାନା ଅଞ୍ଚଳର ବିଭିନ୍ନ ରାସ୍ତାରେ ଯା' ଆସ କରୁଥିବା ଗାଡ଼ିଗୁଡ଼ିକୁ ଅଟକାଇ ଲୁଟ୍ କରୁଥିଲେ । ଏପରିକି କେହି ଗାଡ଼ି ନ ଅଟକାଇଲେ ସେମାନେ ଆକ୍ରମଣ କରୁଥିଲେ । ଶୁକ୍ରବାର ରାତିରେ ସେମାନେ ଝୁମ୍ପୁରା ଥାନା କଟଲପଷି-ଧାତିକା ରାସ୍ତାରେ ଟ୍ରକ ଏବଂ ଅନ୍ୟାନ୍ୟ ଗାଡ଼ି ଚାଳକମାନଙ୍କୁ ଭୟଭୀତ କରି ଲୁଟ୍ ଉଦ୍ୟମ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା ପୁଲିସ । ସେଠାରୁ ପୁଲିସ ୧୧ ଜଣଙ୍କୁ ଧରିଥିଲା ଓ ସେମାନଙ୍କଠାରୁ ଟଙ୍କା ଓ ମାରଣାସ୍ତ୍ର ଜବତ କରିଥିଲା । ଶନିବାର ଦିନ ସେମାନଙ୍କୁ ଝୁମ୍ପୁରା ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

ବାଇକ୍ ଚୋରି : ଅଭିଯୁକ୍ତ ଗିରଫ

ସୋର, (ସବ୍ୟୁ) : ସୋର ଷ୍ଟେସନଛକରୁ ବାଇକ ଚୋରି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ସୋର ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଷ୍ଟେସନ ଛକରେ ଲୁଗା ଦୋକାନ କରିଥିବା ସୁଶାନ୍ତ ପୃଷ୍ଟିଙ୍କ ବାଇକଟି ଗତ ୫ ତାରିଖରେ ଚୋରି ହୋଇଥିଲା । ସୁଶାନ୍ତଙ୍କ ଅଭିଯୋଗ ମୂଳେ ପୁଲିସ ଥାନା କେଶ୍ ନମ୍ବର ୩୦୬/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ସମୟରେ ନୂଆପୁର ଗ୍ରାମର ଅନିଲ କୁମାର ବାରିକ ବାଇକ ଟିକୁ ବଡ଼ଖୁରୀ ଛକରେ ବିକ୍ରି କରିବାକୁ ଆଣିଥିବା ବେଳେ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରି ବାଇକକୁ ଉଦ୍ଧାର କରିଥିଲେ। ତେବେ ସେତେବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲା । ଗତକାଲି ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତ ବଡ଼ଇସାହି ଗ୍ରାମର ମାନସିଂହ ଡାକୁରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି ।

ଫାଶିଦେଇ ବୃଦ୍ଧଙ୍କ ଆତ୍ମହତ୍ୟା

ନୀଳଗିରି,(ସବ୍ୟୁ) :ନୀଳଗିରି ଏନ୍‌ଏସି ଅଧିନ ମିରିଗିଣୀ ଅଞ୍ଚଳରେ ଭଡ଼ାଘର ନେଇ ରହୁଥିବା ସର୍ବେଶ୍ୱର ଦଳେଇ ନାମକ ଜଣେ ବୃଦ୍ଧ ଆତ୍ମ ହତ୍ୟା କରିଥିବା ଜଣାପଡ଼ିଛି । ଦିନ ଗୋଟାଏ ସମୟରେ ଜଣେ ମହିଳା କ୍ଷୀର ଦେବାପାଇଁ ଆସିଥିବା ବେଳେ ଘର ଭିତରପଟୁ ବନ୍ଦଥିବା ଦେଖି ଡାକିଥିଲେ । ମାତ୍ର ଭିତରୁ କେହି ନଶୁଣିବାରୁ ମହିଳା ଜଣଙ୍କ ଗ୍ରାମବାସୀଙ୍କୁ ଖବରଦେବାପରେ ସେମାନେ ଆସି ଦେଖିଥିଲେ ଯେ ବୃଦ୍ଧ ଜଣଙ୍କ ଘର ଭିତରେ ଝୁଲୁଛନ୍ତ

ଦେଝରଣ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି ଚୁଆ ଝରଣା

ସୋନପୁର, (ସବ୍ୟୁ): ଆଦିବାସୀ ଅଧ୍ୟୁଷିତ ଛୋଟ ଗାଁଟିଏ ଦେଝରଣ । ନାଁ ଯେମିତି ସୁନ୍ଦର ଠିକ୍ ସେମିତି । ଗାଁର ଚାରିପଟେ ଥିବା ପ୍ରାକୃତିକ ଦୃଶ୍ୟରାଜି ମଧ୍ୟ ଖୁବ୍ ସୁନ୍ଦର ଓ ମନୋରମ । ଦୂର ପାହାଡ ସୁନ୍ଦର ଭଳି ଦୂରରୁ ଏଗାଁକୁ ଦେଖୁଥିବା ପ୍ରଶାସନିକ ଅଧିକାରୀମାନଙ୍କୁ ଗାଁଟି ଖୁବ୍ ସୁନ୍ଦର ଦେଖାଯାଏ। ତେବେ ଗାଁକୁ ଚାଲିଗଲେ ଜଣାପଡେ ଏଗାଁର ଗ୍ରାମବାସୀ ମାଳ ମାଳ ସମସ୍ୟାରେ ଗୁଛି ହୋଇ ରହିଛନ୍ତି । ଏଗାଁଟି ଉଲୁଣ୍ଡା ବ୍ଲକ ଏସ-ପଡ୍ରାପାଲି ପଞ୍ଚାୟତର ଅଧୀନରେ ରହୁଛି ଦେଝରଣ ଗାଁ । ବ୍ଲକ ମୁଖ୍ୟାଳୟରୁ ଗାଁର ଦୂରତା ପ୍ରାୟ ୩୦ କିଲୋମିଟର । ତେବେ ପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର ୫- ୬ କିଲୋମିଟର ଦୂରରେ ଥିଲେ ମଧ୍ୟ ଏହି ଗାଁରେ ଏଯାଏଁ ବିକାଶର ପଦଚିହ୍ନ ପଡ଼ିପାରି ନାହିଁ । ଗ୍ରାମବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇ ପାରିନାହିଁ। ଦେଝରଣର ଝରଣା ହିଁ

କିଛି ମାତ୍ରାରେ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇବା ପାଇଁ ସହାୟକ ହୋଇଛି। ଖରାଦିନ ହୋଇଗଲେ ଗ୍ରାମରେ ବାସ କରୁଥିବା ୨୦-୨୫ ଟି ଆଦିବାସୀ ପରିବାର ପାଇଁ ଅକାଳ ଚଡକ ମାଡିବସେ । ଛୁଆଠୁ ବୁଢା ପାଣି ପାଇଁ ଡହଳ ବିକଳ ହୋଇ ଯାଆନ୍ତି ଏହି ଝରଣାର ପାଣି ଶୁଖାଯାଏ । ଏ ପାଣିରେ ଲୋକେ ନା ଶୌଚ ହୋଇ ପାରନ୍ତି ନା ପିଇବା ଯୋଗ୍ୟ ହୋଇ ରହିଥାଏ। ତାପରେ ଚୁଆ ପାଣି ହିଁ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଏ । ଏହି ଝରଣାର ପାଣି ପିଇବା ସହ ଲୋକେ ଏଠାରେ ଶୌଚ ବି ହୁଅନ୍ତି। ଗାଁରେ ଏକ ନଳକୂଅ ଅଛି ହେଲେ ଏହି ନଳକୂଅର ପାଣି ଭଲ ବାହାରୁ ନ ଥିବାରୁ ବ୍ୟବହାର ଯୋଗ୍ୟ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି । ଏପ୍ରିଲ ନହେଉଁଣୁ ହୋଇନାହିଁ ଝରଣାର ପାଣି ଶୁଖି ଯିବାରୁ ଲୋକେ ଚୁଆ ଖୋଳି ପାଣି ବ୍ୟବହାର କରୁଛନ୍ତି ।

ଆଗକୁ ନିଦାଘ ଗ୍ରୀଷ୍ମ । ଗ୍ରାମବାସୀଙ୍କ କହିବାନୁସାରେ ଏଭଳି ସମୟ ଆସେ ପାଣି ପାଇଁ ଚୁଆ ପାଣି ବି ଶୁଖାଯାଏ । ଗାତ ଖୋଳିଲେ ଯାଇ ପିଇବା ପାଣି ଟିକିଏ ମିଳେ । ଗାଁକୁ ରାସ୍ତା କଥା ତ ନ କହିବା ଭଲ । ଏହି ଗାଁକୁ ଭଲ ରାସ୍ତାଟିଏ ଏଯାଏଁ ନିର୍ମାଣ ହୋଇ ପାରିଲା ନାହିଁ। ବିଭିନ୍ନ କ୍ଷେତ୍ରରେ ଦେଶ ବିକଶିତ ହେଉଥିବା ବେଳେ କିଭଳି କଷ୍ଟରେ ଜଙ୍ଗଲିଆ ଗାଁ ଗୁଡିକରେ ଆଦିବାସୀମାନେ ଜୀବନ ଜିଉଁଛନ୍ତି ।ଦେଝରଣ ହେଉଛି ତାର ଏକ ବଳିଷ୍ଠ ଉଦାହରଣ । ତେବେ ଗ୍ରାମବାସୀଙ୍କ ଜଳକଷ୍ଟ ସମ୍ପର୍କରେ ଜାଣି ଯେତେ ଶୀଘ୍ର ହୋଇ ପାରିବ ଗାଁକୁ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଅନ୍ୟା ଦାସ କହିଛନ୍ତି ।

ଗୋରୁ ପଲ ଉପରେ ମାଡ଼ିଗଲା ଟ୍ରକ୍

ସୁନ୍ଦରଗଡ଼,(ସବ୍ୟୁ): ଗୋରୁ ପଲ ଉପରେ ମାଡ଼ିଗଲା ଟ୍ରକ୍। ଦୁର୍ଘଟଣାରେ ୧୨ଟି ଗୋରୁଙ୍କର ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ୧୪ମ ନମ୍ବର ଜାତୀୟ ରାଜପଥର ଶନିବାର ଭୋରରୁ ଏହି ଦୁର୍ଘଟଣା ଘଟିଛି। ଭୋର ସମୟରେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ରାସ୍ତା ଉପରେ ଶୋଇଥିବା ଗୋରୁଙ୍କ ଉପରେ ମାଡ଼ିଯାଇଥିଲା । ଦୁର୍ଘଟଣାରେ ୧୨ଟି ଗୋରୁଙ୍କର ମୃତ୍ୟୁ ଘଟିଥିବାବେଳେ ୨ଟି ଗାଈର ଅବସ୍ଥା ସଂକଟାପନ୍ନ ରହିଛି । ସ୍ଥାନୀୟ ଲୋକେ ଏହା ଦେଖି ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ଗୋରୁଙ୍କ ମୃତଦେହକୁ ରାସ୍ତାର ଉଠାଇଛି । ସଂକଟାପନ୍ନ ଥିବା ୨ଟି ଗୋରୁଙ୍କୁ ଚିକିତ୍ସା ପାଇଁ ପଠାଇଛି । ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଗାଡ଼ି ନେଇ ଫେରାର ହୋଇଯାଇଥିଲା । ପୁଲିସ ଘଟଣାର ତଦନ୍ତ କରୁଛି । ଦୁର୍ଘଟଣାରେ ୧୨ଟି ଗୋରୁଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ମହାବିଷୁବ ପଣା ସଂକ୍ରାନ୍ତିରେ ଝାମୁଯାତ୍ରା ଶେଷ

ହରଭଙ୍ଗା, (ସବ୍ୟୁ): ହିନ୍ଦୁ ଶାସ୍ତ୍ର ଅନୁସାରେ ବର୍ଷାରମ୍ଭ ହେଉଥିବାରୁ ସମସ୍ତ ଦେବାଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜା, ଭୋଗ, ହୋମ, ପଣା ପାଣି ଆଦି କରାଯାଇଥାଏ । ଆଜିଠୁ ସୂର୍ଯ୍ୟଙ୍କ ଅଧିକରୁ ଅଧିକ ଉତ୍ତାପ ପରିଲକ୍ଷିତ ମଧ୍ୟ ହୋଇଥାଏ । ଅନ୍ୟପଟେ ଅତ୍ୟଧିକ ତାପ ପାଇଁ ପଣାପାନର ବ୍ୟବସ୍ଥା ମଧ୍ୟ ଓଡ଼ିଆ ପରମ୍ପରା ବୋଲି କୁହାଯାଇଥାଏ। ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବାଦେବୀ ମନ୍ଦିରମାନଙ୍କରେ ପଣା ଭୋଗ ଲାଗି ହୋଇଥାଏ । ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷାପାଇବା ପାଇଁ ଏହି ଦିନକୁ ହନୁମାନ ଜୟନ୍ତି ଭାବେ ମଧ୍ୟ ପାଳନ କରାଯାଏ । ଅନ୍ୟପଟେ ଆଜିଠାରୁ ମହାନ ପୁରାତନ ପାମ୍ପରିକ ଲୋକ ଦଣ୍ଡ ନୃତ୍ୟ ଉଦଯାପିତ ହୋଇଥାଏ । ପ୍ରତ୍ୟକ ବର୍ଷ ଚୈତ୍ର ମାସରେ ଦୀର୍ଘ ୧୩ଦିନ,୧୭ଦିନ ଓ ୨୧ ଦିନ ଧରି ଶିବ କାଳିଙ୍କୁ ନେଇ ଗାଁ ଗାଁ ବୁଲି ଦଣ୍ଡୁଆ ମାନେ ପୂଜା କରିଥାନ୍ତି । ଏହି ଦଣ୍ଡ ନାଚ ଓଡ଼ିଆ ସଂସ୍କୃତି ର ଅନନ୍ୟ ପରମ୍ପରା ହୋଇଥିବାରୁ ଦଣ୍ଡ ନାଚ ପାଇଁ ପୁରା ଚୈତ୍ର ମାସଟି ପୁର ପଲ୍ଲୀରେ ଉତ୍ସବ ମୁଖର ହୋଇପଡ଼ିଥାଏ । କିନ୍ତୁ ଏହି ଦଣ୍ଡ ନୃତ୍ୟ ପଣା ସଂକ୍ରାନ୍ତି ଦିନ ଉଦଯାପିତ ହେଉଥିବାରୁ ଦଣ୍ଡର ପାଟ ଭୁକ୍ତା ମାନେ ବିଷୁବ ସଂକ୍ରାତିରେ ଦଣ୍ଡକୁ ଥାପି ଥାନ୍ତି ।

ଦଣ୍ଡୁଆ ମାନେ ସମାଜକୁ କଠୋର ତାପ, ନିଷ୍ଠା, ଭକ୍ତି ଏସବୁ ସହ୍ୟ କରିବାର ଶକ୍ତି ସମ୍ପର୍କରେ ଏକ ସାମାଜିକ ଶିକ୍ଷା ସମାଜକୁ ପ୍ରଦାନ କରିଥାନ୍ତି ଦଣ୍ଡୁଆମାନେ । ଏହି ଦିନ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଦଣ୍ଡୁଆ ମାନେ ନିଆଁ ରେ ଚାଲିବା, ଖରାରେ ଭୁଇଁ ଉପରେ ଶୋଇବା, କଣ୍ଟାରେ ଚାଲିବା, ଆଦି କଷ୍ଟସାଧ୍ୟ ସାଧନା କରିଥାନ୍ତି । ହରଭଙ୍ଗା ବ୍ଲକର ତିଲେଶ୍ୱର, ଟାକୁଡ଼, ଖଣ୍ଡହତା, ବୁରୁବୁଡା, ଧଲପୁର, ସାକୁସିଙ୍ଗା, ଶ୍ରଦ୍ଧାପୁର, ପୁରୁଣା କଟକ, କରଡ଼ି, ବିରାମଚନ୍ଦ୍ର ପୁର, ହରଭଙ୍ଗା, କୁସଙ୍ଗ, ବନ୍ତି ଝୁଲି, ବିଶିପାଲି ଲଣ୍ଡ୍ରେଜୋର ଭଳି ବିଭିନ୍ନ ସ୍ଥାନରେ ହେଉଥିବା ଝାମୁ ଯାତ୍ରା ରେ ଏସବୁ ଦେଖିବାକୁ ମିଳିଥାଏ ଝାମୁ ଯାତ୍ରା ବା ମେରୁ ଯାତ୍ରା ପାଇଁ ମଧ୍ୟ ଲୋକଙ୍କ ବେଶ ଗହଳି ପରିଲକ୍ଷିତ ହୋଇଥାଏ । ଚୈତ୍ର ମାସ ଟି ପୁରା ଦେବା ଦେବେବୀ ମାସ ହୋଇଥିବା ହେତୁ ପଣା ସଂକ୍ରାତି ଦିନ ସମସ୍ତଙ୍କୁ ପଣା ପାଣି ଭୋଗ ଦେଇ ଦେବୀଙ୍କୁ ଶୀତଳ କରାଯାଇଥିବା ବେଳେ ପ୍ରତ୍ୟକ ଗ୍ରାମାଞ୍ଚଳରେ ପଣା ପାଣି ବଣ୍ଟନ ହେବା, ପିଲାରୁ ବୁଢା ପର୍ଯ୍ୟନ୍ତ ନଡ଼ିଆ, ବେଲ, ତରଭୁଜ, ଦହି,ପଣା ଆଦିର ମଜା ଉଠାଇଥାନ୍ତି ।

ହରଭଙ୍ଗା ବ୍ଲକ୍‌ସ୍ତରୀୟ ପ୍ରଧାନଶିକ୍ଷକଙ୍କ ସମୀକ୍ଷା ବୈଠକ

ହରଭଙ୍ଗା, (ସବ୍ୟୁ): ଶୁକ୍ରବାର ହରଭଙ୍ଗା ବ୍ଲକ ସ୍ଥିତ କୁଶଙ୍ଗ ୫-ଟି ହାଇସ୍କୁଲ ଠାରେ ହରଭଙ୍ଗା ବ୍ଲକ୍ ସ୍ତରୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ମାନଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସମ୍ମାନୀତ ଅତିଥି ଭାବେ ସରୋଜିନୀ ମଣ୍ଡଳ, ମୁରଲୀଧର ରଣା,କୈଳାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ ସନ୍ତୋଷ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୁଣନିଧି ପ୍ରଧାନ ବିବରଣୀ ପଠନ କରିଥିଲେ ।

ବୈଠକରେ ନବମ ଶ୍ରେଣୀରୁ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ଡ୍ରପ ଆଉଟ୍ ରୋକିବା, ବିଦ୍ୟାଳୟକୁ ନିୟମିତ ପଠନ ନିମନ୍ତେ କାର୍ଯ୍ୟନ୍ୟନ, ପାଠ ଛାଡିଥିବା ପିଲା ମାନଙ୍କ ଅଭିଭାବକଙ୍କୁ କାଉନସେଲିଂ କରିବା, ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ଉପସ୍ଥିତି ସୁନିଶ୍ଚିତ କରିବା ସମ୍ପର୍କିତ ଆଲୋଚନା କରାଯାଇଥିଲା । ସମୀକ୍ଷା ବୈଠକରେ ଅଥିତିଙ୍କ ସମେତ ୨୨ଗୋଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାଗ ନେଇଥିଲେ ।

ଗୋଷ୍ଠୀ ଜଗଲ ପଟ୍ଟା ପାଇଁ ଏକତ୍ରିତ ହେଲେ ଶତାଧିକ ଗ୍ରାମବାସୀ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲାର କାଲିମେଳା ଏବଂ ଖଇରପୁଟ ବ୍ଲକର ଶତାଧିକ ରାଜସ୍ୱ ଗ୍ରାମର ଗ୍ରାମବାସୀ ଏକତ୍ରିତ ହୋଇ ନିଜର ହକ୍ ଗୋଷ୍ଠୀ ଜଂଗଲ ପଟ୍ଟା ପାଇଁ ଦାବି କରିଛନ୍ତିଛବର୍ଷବର୍ଷ ଧରି ଏହି ଜନଜାତି ନିଜ ଅଂଚଳର ଜଂଗଲକୁ ସୁରକ୍ଷା ଦେବା ସହ ବନ୍ୟଜନ୍ତୁଙ୍କର ମଧ୍ୟ ସୁରକ୍ଷା ଦେଇ ଆସୁଛନ୍ତିଛ ଏହି ଜଂଗଲ ହେଉଛି ସେମାନଙ୍କର ମା' ସଦୃଶ୍ୟଛଏହାଦ୍ୱାରା। ସେମାନେ ନିଜର ଜୀବନଜୀବିକା ମଧ୍ୟ ଚଳାଉଛନ୍ତିଛ ତେଣୁ ୨୦୧୯ ମସିହାରେ ଜଂଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ ଏବଂ ଜଂଗଲ ଅଧିକର ସ୍ୱୀକୃତ ସଂଶୋଧିତ ଆଇନ -୨୦୧୨ ଅନୁଯାୟୀ ଗୋଷ୍ଠୀ ଜଂଗଲ ଜମିର ପଟ୍ଟା ପାଇଁ ଆବେଦନ କରିଥିଲେଛ ଉପଖଣ୍ଡସ୍ତରୀୟ ଜଂଗଲ ଅଧିକାର ପ୍ରକୋଷ୍ଠରେ ଏହି ଆଦିବାସୀମାନେ ଲଗାତାର ସିରୋନାମ ବା ପଟ୍ଟା ପାଇଁ ଦାବି କରିଆସୁଥିଲେ।

ତେବେ ଜିଲ୍ଲାସ୍ତରୀୟ ଜଂଗଲ ଅଧିକାର ଆଇନ କମିଟିର ଅଧକ୍ଷ ଜଂଗଲ ଅଧିକାର କରିଥିବା ଜନଜାତି ଏବଂ ଗ୍ରାମବାସୀଙ୍କୁ ପଟ୍ଟା

ପ୍ରଦାନ କରିଛନ୍ତି । ଏହାକୁ ପାଇବା ପାଇଁ ସମସ୍ତ ଗ୍ରାମବାସୀ ଏକତ୍ର ହୋଇ ଜିଲ୍ଲାପାଳଙ୍କୁ ଭେଟିଥିଲେଛ ଜିଲ୍ଲାପାଳ ତୁରନ୍ତ ଏହି କମିଟିର ଅଧକ୍ଷ ଡିଡବ୍ଲୁଓଙ୍କୁ ଏହାର ସମାଧାନ କରିବା ପାଇଁ ନିର୍ଦେଶ ଦେଇଥିଲେଛଏଥିସହ ସ୍ଥାନୀୟ ତହସିଲଦାରଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦେଶ ଦେଇଥିଲେ ବୋଲି ଜଣାପଡ଼ିଛି।

କାଲିମେଳା ଓ ଖଇରପୁଟ ବ୍ଲକର ବିଭିନ୍ନ ପଞ୍ଚାୟତର ରାଜସ୍ୱ ଗ୍ରାମର ଲୋକେ ଦୀର୍ଘ ଦିନ ଧରି ଜଂଗଲର ସୁରକ୍ଷା କରିଆସୁଥିଲେ ମଧ୍ୟ ଗୋଷ୍ଠୀ ଜଂଗଲ ପଟ୍ଟା ପ୍ରଦାନ କରାଯାଉନଥିଲାଛ ଜଂଗଲ ଅଧିକାର ଆଇନ ବଳରେ ସେମାନେ ଏହି ପଟ୍ଟାକୁ ହାସଲ କରିଥିବାରୁ ଖୁସି ଜାହିର କରିଥିଲେଛ ତେବେ ଏହି ପଟ୍ଟା ପାଇବା ପରେ ସେମାନେ ଜଂଗଲର ପରିସୀମା ଜାଣିବା ସହ ଜଂଗଲକୁ ଆହୁରି ବଢାଇବା ସହ ଜଂଗଲି ଜନ୍ତୁର ମଧ୍ୟ ସୁରକ୍ଷା ବଢାଇବେଛ ତେଣୁ ଜିଲ୍ଲାର ଅନ୍ୟ ବ୍ଲକର ଜନଜାତି ମଧ୍ୟ ଏହି ନିୟମ ବଳରେ ନିଜ ନିଜ ଅଂଚଳର ଜଂଗଲକୁ ସୁରକ୍ଷା ଯୋଗାଉଥିବାରୁ ଜଂଗଲ ପଟ୍ଟା ହାସଲ କରିପାରିବେ ବୋଲି କୁହାଯାଇଛି।

ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ

ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜ ଠାରେ ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସଭାପତି ରାମାନୁଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଅର୍ଜୁନ ରଞ୍ଜନ ପଣ୍ଡା, ଅରବିନ୍ଦ ମହାପାତ୍ର ଓ ସମ୍ପାଦକ ରାଜେଶ ବେହେରା ମଞ୍ଚାସୀନ ଥିଲେ । ହୀରାଖଣ୍ଡ ରାଜ୍ୟ ଓ ସମ୍ବଲପୁରୀ ଭାଷାକୁ ନେଇ ଗତ ଦିନରେ କରାଯାଇଥିବା କାର୍ଯ୍ୟକ୍ରମ ସମୀକ୍ଷା କରିବା ସହ ଆଗାମୀ କାର୍ଯ୍ୟ ଯୋଜନା ସମ୍ପର୍କରେ ମତାମତ ଗ୍ରହଣ କରାଯାଇଥିଲା । ହୀରାଖଣ୍ଡ ରାଜ୍ୟ ଓ ସମ୍ବଲପୁରୀ ଭାଷାକୁ ନେଇ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତି ନିଆଯାଇଥିଲା । ସମ୍ବଲପୁରୀ ଭାଷାକୁ ସମ୍ବିଧାନରେ ଅଷ୍ଟମ ସୂଚୀରେ ସାମିଲ, ଚତୁର୍ଥ ଓ ତୃତୀୟ ଶ୍ରେଣୀ ସରକାରୀ କର୍ମଚାରୀ ପଦରେ ସ୍ଥାନୀୟ ନିଯୁକ୍ତି, ସମ୍ବଲପୁରୀ ସାହିତ୍ୟ ଏକାଡେମୀ ଓ ସମ୍ବଲପୁରୀ ସଂସ୍କୃତି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଉପରେ ଆଲୋଚନା ହୋଇଥିଲା । ଏଥିରେ ପ୍ରଫୁଲ୍ଲ ହୋତା, ପ୍ରଶାନ୍ତ ପାଟଯୋଶ. ଶିବପ୍ରସାଦ ମେହେର, ପରେଶଚନ୍ଦ୍ର ଦାନୀ, ଦୀପକ କୁମାର ପଣ୍ଡା, କମଳଲୋଚନ ପଣ୍ଡା, ଲଳିତ ବେବର୍ତ୍ତା, ଦିଲୀପ ବଘାର, ତାପସ କୁମାର ଦାଶ, ନରେନ୍ଦ୍ର ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଯୁକ୍ତି ବିଦ୍ୟା ଛାତ୍ରଛାତ୍ରୀଙ୍କୁ ଇଣ୍ଡଷ୍ଟ୍ରି ଭିଜିଟ ପ୍ରୋଗ୍ରାମ

ଝାରସୁଗୁଡ଼ା, (ସବ୍ୟୁ): ପ୍ରଧାନ ଶିକ୍ଷକ ତନ୍ମୟୀ ଶୁଭଶ୍ରୀ ପିଙ୍ଗ ଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଆଇଟି ଶିକ୍ଷୟତ୍ରୀ ଶାଶ୍ୱତୀ ତ୍ରିପାଠୀ ଏବଂ ଖେଳ ଶିକ୍ଷକ ମୁକ୍ତି ପ୍ରକାଶ କେରକେଟା ବିଦ୍ୟାଳୟରେ ପଢୁଥିବା (ଧନ୍ଦାମୂଳକ) ବିଷୟ ଆଇଟି /ସୂଚନା ପ୍ରଯୁକ୍ତି ବିଦ୍ୟାର ଛାତ୍ର ଛାତ୍ରୀ ମାନଙ୍କୁ ଇଣ୍ଡଷ୍ଟ୍ରି ଭିଜିଟ୍ ପ୍ରୋଗ୍ରାମ ଉଦ୍ଦେଶ୍ୟରେ ସ୍ଥାନୀୟ ହେଡ ପୋଷ୍ଟ ଅଫିସ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପୋଷ୍ଟମାଷ୍ଟର ବସନ୍ତ କୁମାର ପଟେଲ ତଥା ପୋଷ୍ଟ ଅଫିସର ଅନ୍ୟ ସମସ୍ତ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ।

ପୋଷ୍ଟ ଅଫିସରେ ଉପସ୍ଥିତ ବିଦ୍ୟାଳୟର ପୁରାତନ ଛାତ୍ର ସଞ୍ଜୟ କୁମାର ପାଣିଗ୍ରାହୀ ମଧ୍ୟ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରୋଗ୍ରାମର ଉଦ୍ଦେଶ୍ୟ ହେଲା ପିଲାମାନେ ପଢୁଥିବା ସୂଚନା ପ୍ରଯୁକ୍ତି ବିଦ୍ୟାକୁ ବିଭିନ୍ନ କ୍ଷେତ୍ରରେ କିପରି ଉପଯୋଗ କରାଯାଉଛି ସେ ବିଷୟରେ ପ୍ରତ୍ୟକ୍ଷରେ ଜାଣିବେ। ସମସ୍ତେ ଏହି ଇଣ୍ଡଷ୍ଟ୍ରି ଭିଜିଟ୍ କାର୍ଯ୍ୟ କ୍ରମ ପିଲାମାନଙ୍କ ପାଇଁ ବହୁତ ଶିକ୍ଷଣୀୟ ତଥା ପ୍ରେରଣା ଦାୟୀ ହେବ ବୋଲି ମତ ବ୍ୟକ୍ତ କରିଥିଲେ।

ସ୍ୱର୍ଗତ କିଶୋର ମହାନ୍ତିଙ୍କ ଜୟନ୍ତୀ ପାଳିତ

ବ୍ରଜରାଜନଗର, (ସବ୍ୟୁ): ବ୍ରଜରାଜନଗର ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ୬୬ତମ ଜୟନ୍ତୀ ପାଳିତ ହୋଇଯାଇଛି । ଖଲିଆକାନି ଛକ ସ୍ଥିତ ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ବିଜେଡି ନେତା ଓ କର୍ମୀମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ନଗର ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଜୟନ୍ତୀ ପାଳନ ଅବସରରେ ସ୍ୱର୍ଗତ ମହାନ୍ତିଙ୍କ ଧର୍ମପତ୍ନୀ ବିଧାୟିକା ତଥା ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି ଏବଂ ତାଙ୍କ ପୁତ୍ର ଦୁର୍ଗେଶ ମହାନ୍ତି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ବ୍ରଜରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଦଳର ଅସନ୍ତୋଷ ପାଇଁ ବହୁ କାଉନସିଲର, ମାନଙ୍କ ସହିତ ଅନେକ କିଶୋର ପ୍ରେମୀ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ଏହି ବିଜେଡି ଦଳରେ ଅସନ୍ତୋଷ ବୃଦ୍ଧି କରୁଥିବା କେତେକ ମନମୁଖୀ ଅହଙ୍କାରୀ ନେତା ମାନଙ୍କ ପାଇଁ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ଦଳ ଆଜି ଖଣ୍ଡ ଖଣ୍ଡ ହୋଇଯାଇଛି । ଏହି ଖଣ୍ଡ ଖଣ୍ଡ ହୋଇଥିବା ଦଳକୁ ଏକାଠି କରିବେ ବୋଲି ବ୍ରଜରାଜନଗର ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ ପ୍ରକାଶ କରିଛନ୍ତି । ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି ନିର୍ବାଚନ ପୂର୍ବରୁ ଦଳର ନେତା ଓ କର୍ମୀମାନଙ୍କ ସହିତ ସୁସମ୍ପର୍କ ନରଖିଲେ ଦଳ ପାଇଁ ଶୁଭଙ୍କର

ହେବନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । କାର୍ଯ୍ୟକ୍ରମରେ ବ୍ରଜରାଜନଗର ପୋରାଧକ୍ଷା ଯାଜ୍ଞସେନୀ ଓରାମ, ବିଜେଡି ନେତା ପ୍ରସନ୍ନ ଚୌଧୁରୀ, କୁଳମଣି ଦାଶ, ନୃପ ତାଣ୍ଡି, କୃଷ୍ଣ ତ୍ରିପାଠୀ, ଦିବାକର ପଟ୍ଟନାୟକ, ଭଞ୍ଜ ରାଉତ, ବିଜୟ ସିଂହ, ମହେଶ ମୁଲି, ଗଣେଶ ରାମ ବାଗ, ଗୋବିନ୍ଦ ଚନ୍ଦ୍ର ସାହୁ, ଚିନ୍ତାମଣି ସାହୁ, କହ୍ନେୟା ରଜକ, କୋଣାର୍କ ପଟ୍ଟନାୟକ, ରଞ୍ଜନ ରାଉତ, ଲଲିତ ତନ୍ତୀ, ମହିଳା ନେତ୍ରୀ ସାଧନା ସାମନ୍ତରାୟ, ନଳିନୀ ପ୍ରଧାନ, ପ୍ରମିଳା ରାୟ ଚୌଧୁରୀ, ମନୋରମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ବୌଦ୍ଧ ଜିଲ୍ଲାରେ ୧୯୬୦ଶହ ହେକ୍ଟର ଚାଷ ଜମିରେ ରବିଧାନ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି

ବୌଦ୍ଧ,(ସବ୍ୟୁ) : ବୌଦ୍ଧ ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଜିଲ୍ଲାରେ ପ୍ରାୟ ଅଶି ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଶିଳ୍ପ ବିହିନ ଏହି ଜିଲ୍ଲାରେ ଚାଷୀ ଧାନ ଚାଷ ସହିତ ବିଭିନ୍ନ ଡାଲି ଜାତୀୟ ଓ ପରିବା ଜାତୀୟ ଫସଲ ଚାଷ କରି କରି ଦି ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି

ବୌଦ୍ଧ ଜିଲ୍ଲାରେ ବର୍ଷକରେ ୧୧ ହଜାର କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୪୧ ଅଭିଯୁକ୍ତ ଗିରଫ

ବୌଦ୍ଧ,(ସବ୍ୟୁ): ବଣ ଜଙ୍ଗଲ ପ୍ରାକୃତିକ ବୈଭବରେ ଭରା ବୌଦ୍ଧ ଜିଲା ବେଆଇନ ଗଞ୍ଜେଇ ଚାଷକୁ ନେଇ ବଦନାମ ମୁଣ୍ଡାଇଛି । ଏହି ଜିଲାରେ ବେଆଇନ ନିଶା କାରବାର ଠାରୁ ଆରମ୍ଭ କରି ଜୁଆ ଚୋର,ବାଲି ମାଫିଆ,ପଥର ମାଫିଆ ଓ କାଠ ମାଫିଆ ଏଠି ରାଜୁତି କରୁଛନ୍ତି । ଏଥିରେ ପୁଲିସ ମଧ୍ୟ ସହଯୋଗ କରୁଥିବା ଅଭିଯୋଗ ହୋଇଛ। ଫଳରେ ଅନାୟାସରେ ଜିଲାରେ ଏହି ବେଆଇନ ବ୍ୟବସାୟର ଚେର ମାଡିବାରେ ଲାଗିଛି।

ଗଞ୍ଜେଇ ଦ୍ୱାରା ଅପରାଧିକ କାର୍ଯ୍ୟକଳାପ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଗୋଟିଏ ପଟେ ଆଭ୍ୟନ୍ତରୀଣ ଜଙ୍ଗଲରେ ମାଓବାଦୀ ଗତିବିଧି ବୃଦ୍ଧି ପାଇଚାଲିଥିବାବେଳେ ଅନ୍ୟପଟେ ଜିଲାରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଭୁଷୁଡ଼ି ପଡୁଛି । ଜିଲାରେ ପ୍ରତି ବର୍ଷ ଶହ ଶହ ଏକର ଜାଗାରେ ଗଞ୍ଜେଇ ଚାଷ କରାଯାଉଛି। ପ୍ରତି ବର୍ଷ ସରକାରଙ୍କ ନିର୍ଦେଶରେ ଜିଲା ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ନାମକୁ ମାତ୍ର ଚଢାଉ କରି ଶହ ଶହ ଏକର ଜାଗାରେ ହୋଇଥିବା ଲକ୍ଷ ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କରାଯାଉଥିବାର ଦର୍ଶାଯାଉଛି।

ବାସ୍ତବରେ ଜିଲାରୁ ଗଞ୍ଜେଇ ଚାଷ କମୁନାହିଁ। ଜିଲାରେ ପ୍ରତିବର୍ଷ କିପରି ଅଧିକ ଗଞ୍ଜେଇ ଅମଳ ହେବ ସେଥିପାଇଁ ଗଞ୍ଜେଇ ଚାଷୀମାନେ ଉନ୍ନତ ପ୍ରଣାଳୀରେ ଗଞ୍ଜେଇ ଚାଷ କରୁଛନ୍ତ। ବିଶେଷ ଭାବରେ ଜିଲାର ଆଭ୍ୟନ୍ତରୀଣ ଓ ଉପାନ୍ତ ଅଞ୍ଚଳ ଗୁଡିକରେ ଥିବା ଜଙ୍ଗଲ ଜମି ଉପରେ ଗଞ୍ଜେଇ ଚାଷ କରାଯାଉଛି। ଗଞ୍ଜେଇ ଗଛକୁ ଯେପରି ପର୍ଯ୍ୟାପ୍ତ ପରିମାଣର ପାଣି ମିଳିପାରିବ ସେଥିପାଇଁ ନାଳ ଓ ନଦୀ କଡରେ ମଧ୍ୟ ଚାଷ କରାଯାଉଛି। ଏପରିକି ମୋଟର ସାହାଯ୍ୟରେ ଗଂଜେଇ କିଆରିକୁ ପାଣି ମଡାଯାଉଛି। ଗଞ୍ଜେଇ ଚାଷରେ ପ୍ରୟୋଗ ପାଇଁ ସହରରେ ମିଳୁନଥିବା କୀଟନାଶକ ଓ ହରମୋନ ଗ୍ରାମାଞ୍ଚଳରେ ଦୋକାନ ଗୁଡିକରେ ମିଳୁଛି। ବିଭିନ୍ନ ସ୍ଥାନରେ ମଞ୍ଚା କରି ଗଞ୍ଜେଇ କିଆରି ଉପରେ ନଜର ରଖାଯାଉଛି। ଜିଲା ବାହାରୁ ଆସି ମାଫିଆମାନେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଗଂଜେଇ ଚାଷ କରୁଛନ୍ତି। ଅଧିକ ଜାଗାରେ ଗଞ୍ଜେଇ ଚାଷ କିପରି ହେବ ଓ ସେଗୁଡିକୁ କିପରି ବାହାରକୁ ଚଲାଣ କରାଯିବ ସେଥିପାଇଁ ସ୍ଥାନୀୟ ବେକାର ଯୁବକମାନଙ୍କୁ ନିୟୋଜିତ କରାଯାଉଛି। ଅଧିକ ଅର୍ଥ ଉପାର୍ଜନ କରିବା ଆଶାରେ ଯୁବ ପିଢୀ ଗଞ୍ଜେଇ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଜିଲାରୁ ଗଞ୍ଜେଇ ଚାଷକୁ ନିପାତ କରିବା ପାଇଁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଧରପଗଡ କରାଯିବା ସହିତ ଦୀର୍ଘଦିନ ପର୍ଯ୍ୟନ୍ତ ଗଞ୍ଜେଇ ଗଛ କଟା ଯାଉଛି। ହେଲେ ଯେତେପରିମାଣରେ ଗଂଜେଇ ଗଛ ନଷ୍ଟ କରାଯିବା ନେଇ ବିଭାଗ ପକ୍ଷରୁ କୁହାଯାଉଛି, ତାହା କେବଳ କାଗଜ କଲମ ମଧ୍ୟରେ ସୀମିତ ହୋଇ ରହିଯାଉଛି।

ପୁଲିସ ଓ ଅବକାରୀ ବିଭାଗର ଅନେକ କର୍ମଚାରୀଙ୍କ ଗଂଜେଇ ମାଫିଆଙ୍କ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସଂପର୍କ ରହିଥିବାର ଅଭିଯୋଗ ହେଉଛି। ଫଳରେ ଗଞ୍ଜେଇ ମାଫିଆମାନେ ଜିଲାରେ ନିର୍ଭୟରେ ଗଂଜେଇ ଚାଷ କରି ବାହାରକୁ ଚାଲାଣ କରିବାରେ ସଫଳ ହେଉଛନ୍ତି। ମିଳିଥିବା ସୂଚନା ମୁତାବକ ଜିଲାରେ ଏପର୍ଯ୍ୟନ୍ତ ୧୧ ହଜାର କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରାଯାଇଥିବାବେଳେ ୪୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରଯାଯାଇଛି। ଯେତେ ପର୍ଯ୍ୟନ୍ତ ପୁଲିସ ଓ ଅବକାରୀ ବିଭାଗ ଆନ୍ତରିକତାର ସହିତ ଏହି ଚାଷକୁ ବନ୍ଦ କରିବା ପାଇଁ ଉଦ୍ୟମ ଆରମ୍ଭ ନ କରିଛନ୍ତି, ସେତେଦିନ ପର୍ଯ୍ୟନ୍ତ ଜିଲାରେ ଏହି ବେଆଇନ ଗଂଜେଇ ଚାଷ ବନ୍ଦ ହେବା ସମ୍ଭବ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି।

ସୋନିଆଙ୍କୁ ଭେଟିଲେ ନରସିଂହ

ଜାତୀୟ, ରାଜ୍ୟ ରାଜନୀତିକୁ ନେଇ ଆଲୋଚନା

ବଲାଙ୍ଗିର, (ସବ୍ୟୁ): ଶନିବାର ପୂର୍ବାହ୍ନର କଂଗ୍ରେସ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ସହ ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସାକ୍ଷାତ କରିଛନ୍ତି। ୧୦ ଜନପଥ ସ୍ଥିତ ଶ୍ରୀମତୀ ଗାନ୍ଧୀଙ୍କ ବାସଭବନରେ ଅନୁଷ୍ଠିତ ଏହି ସାକ୍ଷାତ ଆଲୋଚନା ଦିର୍ଘ ଏକ ଘଣ୍ଟା ଧରି ଚାଲିଥିଲା । ବର୍ତ୍ତମାନ ଦେଶର ରାଜନୈତିକ ପରିସ୍ଥିତି ରେ ଜନସାଧାରଣ କିପରି ହଇରାଣ ହେଉଛନ୍ତି, କେନ୍ଦ୍ର ସରକାର ରାଜନୈତିକ ଆକ୍ରୋଶ ରଖି କେନ୍ଦ୍ରୀୟ ସଂସ୍ଥା ସିବିଆଇ, ଇଡିକୁ ବ୍ୟବହାର କରି ନିଜର ହୀନ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରିବା ଭଳି ସମସ୍ୟା ବିରୁଦ୍ଧରେ କିପରି ଆଗାମୀ ଦିନରେ କଂଗ୍ରେସ ଲଢେଇ କରିବ, ସେ ଉପରେ ଉଭୟରେ ଆଲୋଚନା କରିଥିଲେ । ରାଜ୍ୟ ରାଜନୀତିରେ କିଭଳି ବିଜେପି ବିଜେଡି ଅଘୋଷିତ ମେଣ୍ଟ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି, ରାଜ୍ୟର ମୁଲ୍ୟବାନ ଖଣିଜ ସମ୍ପଦକୁ ଲୁଟି ନିଜ ଦଳୀୟ ପାଣ୍ଠି ସଂଗ୍ରହ କରୁଛନ୍ତି, ସେସବୁକୁ କିପରି ମୁକାବିଲା କରାଯିବ ତାହାକୁ ନେଇ ଆଲୋଚନା ହୋଇଥିଲା । ତା ସହ ରାଜ୍ୟରେ ଦଳୀୟ ପ୍ରାର୍ଥୀ ଚୟନ ଓ ଆଗାମୀ ଦିନରେ ଦଳ ସାଂଗଠନିକ ସ୍ତରରେ କିପରି ମଜଭୁତ ହୋଇ ଲୋକଙ୍କ ବିଶ୍ୱାସ ଭାଜନ ସହ ଲୋକଙ୍କ ସେବାରେ ନିଜକୁ ଠିକ ଭାବେ ନିୟୋଜିତ କରିପାରିବ ତାହାର ବିସ୍ତୃତ ଆଲୋଚନା ଉଭୟଙ୍କ ମଧ୍ୟରେ ହୋଇଥିଲା ।

ବୃକ୍ଷକୁ ବାହାଘର କରି ସଚେତନତା କଲେ ଦମ୍ପତି

ରାୟଗଡା, (ସବ୍ୟୁ): ଆମ ସମାଜରେ ଆଜି ମଧ୍ୟ ଅନେକ ପରମ୍ପରା ଓ ରୀତିନୀତି ଅଛି । ଯାହାକି ଆମକୁ ବିସ୍ମିତ କରିବା ସହ ଆନନ୍ଦ ଉପଭୋଗ କାରବାର ସହ ସମାଜକୁ ସଚେତନତା ସୃଷ୍ଟି ଏକ ମାଧ୍ୟମ ହୋଇଥାଏ। ରାୟଗଡା ଜିଲ୍ଲା ସଦର ମହକୁମା ସ୍ଥିତ ପ୍ରେମ ପାହାଡ଼ରେ ବଟ ବୃକ୍ଷ ସହ ଓସ୍ତ ବୃକ୍ଷର ବାହାଘର ଆୟୋଜନ ହୋଇଯାଇଛି । ଏହି ଅବସରରେ ବଟବୃକ୍ଷର ବାପା ମାଆ ସାଜିଥିଲେ ରାୟଗଡାର ବ୍ୟବସାୟୀ ବିରା ଶ୍ରବଣମ୍ ଓ ତାଙ୍କ ଧର୍ମପତ୍ନୀ । ସେହିଭଳି ତାଙ୍କ ଝିଅ ମାଧବୀ ଓ ଜ୍ୱାଇଁ ବିନୋଦ ବାବୁ ଝିଅ ଘର ପକ୍ଷ ଭାବରେ ରହି ଏହି ବିବାହ କାର୍ଯ୍ୟ ସମ୍ପାଦନା କରିଥିଲେ । ପାରମ୍ପରିକ ରୀତିନୀତି ଅନୁଯାୟୀ ଏହି ବାହାଘର ହୋଇଥିବା ବେଳେ ଆମର ବିବାହ ଆଇନ୍ ଅନୁଯାୟୀ ୧୮ବର୍ଷ ପୁରଣ ପରେ ଏହି ବାହାଘର ଆୟୋଜନ କରାଯାଇଛି ବୋଲି ବୀର ଶ୍ରବଣମ କହିଛନ୍ତି। ଏହା ଆମ ସମାଜ ପାଇଁ ଏକ ଉପଯୋଗୀ ସନ୍ଦେଶ ଅଟେ । ବୃକ୍ଷକୁ କାଟିବା ଆଗରୁ ବହୁ ଚିନ୍ତା କରିବା ଆବଶ୍ୟକ ଏହି ଜଳବାୟୁ ପରିବର୍ତ୍ତନ ହୋଇଛ। ଏହାର ସୁଧାର ଆଣିବା ପାଇଁ ଗୋଟିଏ ଉପାୟ ସେ ହେଲା ବୃକ୍ଷ ରୋପଣ। ତେଣୁ ଏହି ପରମ୍ପରା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଆମ ଲକ୍ଷ୍ୟ ଅଟେ। ଏହି ଅବସରରେ ବିବାହ ସମ୍ପନ୍ନ କରିଥିବା ପୁରୋହିତ କହିଥିଲେ ଯେ ଏହି ବିବାହ ଉତ୍ସବ ରୀତିନୀତି ତଥା ବାର ସମୟ ନକ୍ଷତ୍ର ଅନୁଯାୟୀ ହେଉଥିବା ବେଳେ ଏହା ଆମ ସମାଜର ମଙ୍ଗଳ ତଥା ଶାନ୍ତି ସ୍ଥାପନ କରିବାର ସହ ଭାଇଚାରା ସନ୍ଦେଶ ବାଣ୍ଟିବାର ଏକ ପ୍ରୟାସ । ଯାହାକି ବଟ ବୃକ୍ଷ ଓ ଓସ୍ତ ବୃକ୍ଷ ମାନବ ସମାଜ ଓ ଆମ ପରିବେଶ ପାଇଁ ସର୍ବଦା ଅତ୍ୟାବଶ୍ୟକ । ଯାହାକି ଏହି ବିବାହ ଉତ୍ସବ ଦ୍ୱାରା ଆମର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ସହ ଆଗାମୀ ପିଢ଼ିକୁ ଆମର ରୀତିନୀତି ବିଷୟରେ ସଚେତନ କରାଇବା ମୁଖ୍ୟ ଲକ୍ଷ୍ୟ । କାର୍ଯ୍ୟକ୍ରମରେ ଡଃ ଦୁଷ୍ମନ୍ତ କୁମାର ମହାନ୍ତି, ସୁନୀଲ କୁମାର ପଣ୍ଡା, ଶଙ୍କର୍ଷଣ ମଙ୍ଗରାଜ, ପ୍ରଭା ଦୋରାଙ୍କ ସହ ଅନେକ ପ୍ରମୁଖ ବ୍ୟକ୍ତିଙ୍କ ସହଯୋଗରେ ପରିଚାଳନା କରିଥିଲେ।

କୋଇଲା ୱାସେରୀରେ ଡକାୟତି ଯୋଜନା ପଣ୍ଡ, ୨ ଗିରଫ

ବ୍ରଜରାଜନଗର, (ସବ୍ୟୁ): ଶୁକ୍ରବାର ରାତିରେ ରାମପୁର ଅଂଚଳର ସୁବ୍ରତ ସାହୁ ଓ ତା ସହଯୋଗୀମାନେ ଛୁଆଲିବେର୍ଣ୍ଣା ରେ ଥିବା ଭାଟିଆ କୋଇଲା ୱାସେରୀରେ ଡକାୟତି ଯୋଜନା କରୁଥିବା ବେଳେ ବ୍ରଜରାଜନଗର ପୁଲିସ ଚଢ଼ାଉ କରି ୨ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାମପୁର କୋଳିଆରୀ ଅଂଚଳର ସୁବ୍ରତ ସାହୁ (୩୧), ଶିବ ରାୟ ଓରଫ ଟିଙ୍କୁ (୩୯)। ସେପଟେ ଚଢ଼ାଉ ବେଳେ ରାତି ଅନ୍ଧକାରର ଫାଇଦା ଉଠାଇ କେତେକ ଫେରାର ହୋଇଯାଇଥିବା ନେଇ ସୂଚନା ମିଳିଛି। ଚଢ଼ାଉ ବେଳେ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ଭୁଜାଲି, ଦୁଇଟି ଲୁହା ରଡ଼, ଦୁଇଟି ଟର୍ଚ୍ଚ ଲାଇଟ, ଗୋଟିଏ ଦଉଡ଼ି ଓ ବୋଲେରୋ ଗାଡି ଜବତ କରିଛି।

ଅଟୋ ଓଲଟି ୧୦ ଆହତ

ସୁନ୍ଦରଗଡ଼, (ସବ୍ୟୁ): ଶନିବାର ସକାଳେ ଏକ ଅଟୋରେ ଗୋଟିଏ ପରିବାରର ୧୦ଜଣ ତେରେଙ୍ଗାମାଳରୁ କୁଚିଣ୍ଡା ଅଭିମୁଖେ ଯାଉଥିଲେ। ସୁନ୍ଦରଗଡ଼ ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ଘୋଡ଼ାବାନ୍ଧୁଣୀ ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଗୋଟିଏ ପରିବାରର ୧୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଅଟୋକୁ ଜବତ କରି ଘଟଣାର ତଦନ୍ତ କରୁଛି।

ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଭବାନୀପାଟଣା, (ସବ୍ୟୁ): ଭାଲୁ ଆକ୍ରମଣରେ ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ ଲାବଣ୍ୟସର ଗାଁର କାନ୍ତ ମାଝୀ ଗୁରୁତର ହୋଇଛନ୍ତି। କାନ୍ତ ଗୁରୁବାର ନିଜ ଜମିକୁ ପାଣି ମଡ଼ାଇବାକୁ ଯାଇଥିବା ବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଧାଇଁଯିବାରୁ ଭାଲୁଟି ତାଙ୍କୁ ଛାଡ଼ି ଚାଲି ଯାଇଥିଲା। ଆକ୍ରମଣରେ ତାଙ୍କର ଗୋଟିଏ ଆଖି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଯାଇଥିବା ବେଳେ ମୁହଁରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ରାମଚରିତ ମାନସ ଉଦ୍‌ଯାପିତ
ପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ରାଜ୍ୟାଭିଷେକ

କଣ୍ଟାମାଳ, (ସବ୍ୟୁ): କଣ୍ଟାମାଳ ଶ୍ରୀରାମ ଚରିତ ମାନସ ପାରାୟଣ ଭକ୍ତବୃନ୍ଦଙ୍କ ପକ୍ଷରୁ କଣ୍ଟାମାଳ ବ୍ଲକଛକ ସ୍ଥିତ ଶ୍ରୀରାମ ମନ୍ଦିର ଠାରେ ୯ଦିନ ବ୍ୟାପି ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶନିବାର ରାତିରେ ଭକ୍ତ ଓ ଶ୍ରଦ୍ଧାଳୁ ଙ୍କ ହୃଦୟରେ ଶ୍ରୀରାମପ୍ରେମ ଜାଗ୍ରତ କରି ଉଦଯାପିତ ହୋଇଯାଇଛି । ଶେଷ ଦିବସରେ ପ୍ରଭୁଶ୍ରୀରାମଙ୍କ ରାବଣ ବଦ୍ଧ ଓ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଏବଂ ରାଜ୍ୟାଭିଷେକର ଅମୃତମୟ କଥା ଶ୍ରବଣ କରିବାପାଇଁ ବହୁସଂଖ୍ୟାରେ ରାମ ପିପାସୁ ଭକ୍ତ ତଥା ସଜ୍ଜନ ମଣ୍ଡଳୀ ଯୋଗଦେଇଥିଲେ । ସୁବର୍ଣ୍ଣପୁର ଜିଲ୍ଲା ତେଲେଣ୍ଡା ଗ୍ରାମର ପାରାୟଣ ବ୍ୟାସ ଗୋବର୍ଦ୍ଧନ ମିଶ୍ର ଓ ସନ୍ଧ୍ୟାରେ ଭୁବନେଶ୍ୱରରୁ ଆଗତ ଶ୍ରୀରାମ କଥା ବାଚକ ବୈଦ୍ୟନାଥ ଦାଶ ପ୍ରବଚନ ବ୍ୟାସ ଭାବେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ବନବାସ ଠାରୁ ଆରମ୍ଭ କରି ପର୍ଯ୍ୟାୟକ୍ରମେ ବଣରେ ରାବଣ ଦ୍ୱାରା ସୀତା ଚୋରି, କୈବଟ ପ୍ରସଙ୍ଗ,ଅହଲ୍ୟା ଉଦ୍ଧାର, ଶବରୀ ଅଇଁଠା କୋଳି, ବାଳି ସୁଗ୍ରୀବ ଯୁଦ୍ଧ, ହନୁମାନଙ୍କ ଲଙ୍କା ଗମନ ଓ ମାତା ସୀତା ଠାବ,ଶୁମ୍ଭ, ନିଶୁମ୍ଭ, କୁମ୍ଭକର୍ଣ୍ଣ ବଦ୍ଧ ସହ ରାବଣ ବଦ୍ଧ ପରେ ପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ରାଜ୍ୟାଭିଷେକ ସମ୍ପର୍କରେ ବିସ୍ତୃତ ଭାବେ ଶ୍ରୋତାଙ୍କୁ ଶୁଣାଇଥିଲେ । ସେହିପରି ପ୍ରତି ସନ୍ଧ୍ୟାରେ ଭୁବନେଶ୍ୱରରୁ ଆଗତ ଶ୍ରୀରାମ କଥା ବାଚକ ବୈଦ୍ୟନାଥ ଦାଶ ପ୍ରବଚନ ବ୍ୟାସ ଭାବେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଅମୃତମୟ କଥା ଶ୍ରୋତା ମାନଙ୍କୁ ଖୁବ ସୁନ୍ଦର ଭାବେ ବୁଝାଇଥିଲେ । କଣ୍ଟାମାଳ ବ୍ଲକଛକ ଶ୍ରୀରାମ ଚରିତ ମାନସ ଆୟୋଜନ କମିଟି ସଭାପତି ସନ୍ତୋଷ କୁମାର ବିଶି, ସମ୍ପାଦକ ଦାମୋଦର ସ୍ୱାଇଁ,ସନତ କୁମାର ମିଶ୍ର,ନୀଳାଞ୍ଚଳ ଗୁରୁ, ରବୀନ୍ଦ୍ର କୁମାର ମହାପାତ୍ର,ହରିବନ୍ଧୁ ପୁରୋହିତ,ରାଜ କିଶୋର ମିଶ୍ର,ମନୋଜ କୁମାର ରାଜହଂସ, ଗୌରାଙ୍ଗ ବଗର୍ତ୍ତୀ, ଅପର୍ତ୍ତି ପ୍ରଧାନ,ପ୍ରଦୀପ ପ୍ରଧାନ ସମେତ ବହୁ ସଂଖ୍ୟାରେ ମହିଳା ଭକ୍ତ ଯୋଗଦେଇଥିଲେ ।

ତାଲିମ ଶିବିର

ଖପ୍ରାଖୋଲ, (ସବ୍ୟୁ): ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ନେଇ ଚାରି ଦିବସୀୟ ସମ୍ପୃକ୍ତି ତାଲିମ ଶିବିର ଉଦଯାପିତ ହୋଇଯାଇଛି। ବ୍ଲକ୍ ସହ ଶିକ୍ଷା ଅଧିକାରୀ ତଥା ବିଆରସିସି ରୁଦ୍ର ଦେବ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ତାଲିମ ଦାତା ରୂପେ ବରିଷ୍ଠ ଶିକ୍ଷକ ଦେବବ୍ରତ ଗିରି, ଗୋପୀନାଥ ସାହୁ, ଗୋଲାପ ବିଶି, ବୃନ୍ଦାବନ ଧରୁଆ, ସୁବାଷ ନାଗ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ ଓ ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା।

ବିଜେଡି ମିଡ଼ିଆ ସେଲ୍ କାର୍ଯ୍ୟାଳୟ ଉଦ୍‌ଘାଟିତ

ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ ଲକ୍ଷ୍ମୀ ଟକିଜ୍ ଛକ ନିକଟରେ ସମ୍ବଲପୁର ବିଜେଡି ମିଡିଆ ସେଲ କାର୍ଯ୍ୟାଳୟ ଉଦ୍ଘାଟିତ ହୋଇଯାଇଛି। ବିଜୁ ଜନତା ଦଳ ମୁଖ୍ୟମାତ୍ର ଲେନିନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦ୍ଘାଟନ କରିଥିଲେ । ଆଗାମୀ ସାଧାରଣ ନିର୍ବାଚନରେ ଦଳର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତ ସୂଚନା ପ୍ରଦାନରେ ଏହି କାର୍ଯ୍ୟାଳୟ ସହଯୋଗ କରିବ। ଉଦ୍ଘାଟନ କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ରାଜେଶରାଜ ସ୍ୱାଇଁ, ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅନମୋଲ ଦାସ, ବିଜୁ ଜନତା ଦଳର ଜିଲ୍ଲା ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ଉପସଭାପତି ମଞ୍ଜୁ ଓରାମ, ସାଧାରଣ ସମ୍ପାଦକ ଉତ୍ତମ ବାଗ, ଜିଲ୍ଲା ଛାତ୍ର ସଭାପତି ଶୁଭ୍ରାଂଶୁ ପାଢୀ, ସମ୍ବଲପୁର ବିଜୁ ଜନତା ଦଳର ଆଇଟି ସଂଯୋଜକ ଚିତ୍ତରଞ୍ଜନ ରାଉଳ, ଜିଲ୍ଲା ଛାତ୍ର ଜନତା ଦଳର ଆଇଟି ସଂଯୋଜକ ସଦାନନ୍ଦ ଦାସ ଓ ସମ୍ବଲପୁର ବିଜେଡି ମିଡିଆ ପ୍ରଭାରୀ ବିରେନ ନାଗ ଉପସ୍ଥିତ ଥିଲେ ।

ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ

କୋକସରା, (ସବ୍ୟୁ) : ନିର୍ବାଚନକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା, ନିରପେକ୍ଷ ଏବଂ ଅବାଧ ସହ ସାଧାରଣ ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରି ଜନ ସାଧାରଣଙ୍କୁ ସଚେତନ କରିବା ପାଇଁ କଳାହାଣ୍ଡି ପ୍ରଶାସନ ନିର୍ଦ୍ଦେଶ କ୍ରମେ କୋକସରା ବ୍ଲକ ଆମପାଣି ପୋଲିସ ପକ୍ଷରୁ କାଉଡୋଳା ଠାରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଆମପାଣି ଥାନା ଅଧିକାରୀ ଗଙ୍ଗାଧର ମେହେର ନେତୃତ୍ୱରେ ସିଆରପିଏଫ୍ ଯବାନ ମାନେ ସାମିଲ ହୋଇ ଏହି ଫ୍ଲାଗ ମାର୍ଚ୍ଚ କରିଥିଲେ । ନିର୍ବାଚନ ସମୟରେ ଲୋକମାନେ କିଭଳି ଶାନ୍ତି ଶୃଙ୍ଖଳା ସହ ଏବଂ ନିର୍ଭୀକ ଭାବରେ ମତଦାନ କେନ୍ଦ୍ରକୁ ଯାଇ ନିଜର ମତଦାନ କରିବେ। ଆଇନଶୃଙ୍ଖଳା ବଜାୟ ରଖିବା, କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ନହେବା ଏବଂ ନିର୍ବାଚନ ଆଚରଣବିଧି ନିୟମ ଉଲ୍ଲଂଘନ ନକରିବା ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

ଝାରସୁଗୁଡ଼ାରେ ଡ଼ିଏମ୍‌ଏଫ୍ ପାଣ୍ଠିର ଅନିୟମିତତା!
ବ୍ୟବହାର ନହୋଇ ଖତ ଖାଉଛି ଆମ୍ବୁଲାନ୍ସ

ଝାରସୁଗୁଡ଼ା, (ସବ୍ୟୁ): ଝାରସୁଗୁଡ଼ାରେ କୋଇଲା ପ୍ରଭାବିତ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରିବା ପାଇଁ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରତିବର୍ଷ ଆମ୍ବୁଲାନ୍ସ ତଥା ମୋବାଇଲ୍ ଡାକ୍ତରୀ ଟିମ୍ ଭ୍ୟାନ୍ କିଣାଯାଉଛିଛ କିନ୍ତୁ, ସେଗୁଡ଼ିକ ଲୋକଙ୍କ ସେବାରେ ଲାଗିପାରୁନି। ସହରର ବିଭିନ୍ନ ଛକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ପଡ଼ିପଡ଼ି ଏହି ଆମ୍ବୁଲାନ୍ସଗୁଡ଼ିକ ଖତ ଖାଉଛି। ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନିକଟରେ ଅଚଳ ହୋଇ ପଡ଼ିଛି ଗୁଡ଼ାଏ ଆମ୍ବୁଲାନ୍ସ । ଅଭିଯୋଗ

ଭାରତୀୟ ସଂସ୍କୃତିରେ ଗଙ୍ଗାଧରଙ୍କ ପ୍ରତିଭା

ଉମାଶଙ୍କର ପ୍ରସାଦ

ଓଡ଼ିଆ ସାହିତ୍ୟାକାଶରେ ଗଙ୍ଗାଧର ଥିଲେ ଉଜ୍ଜ୍ୱଳତମ ନକ୍ଷତ୍ର । ପ୍ରାଚ୍ୟ ପରମ୍ପରା ଓ ଆଦର୍ଶରେ ଅନୁପ୍ରାଣିତ କବି ଗଙ୍ଗାଧର ଭାରତୀୟ ସଂସ୍କୃତି ଓ ସାହିତ୍ୟକୁ ଆଧାରିତ କରି ଅଜସ୍ର କାବ୍ୟ ସୁରଭି ସୃଷ୍ଟି କରିଛନ୍ତି । ଏହି ମହାନ କାବ୍ୟ ପ୍ରତିଭା ୧୮୬୨ ମସିହା ଅଗଷ୍ଟ ମାସ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମାରେ ସମ୍ବଲପୁର ଜିଲ୍ଲାର ବରପାଲିର ଏକ ଭୁଲିଆ ପରିବାରରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଚୈତନ୍ୟ ଓ ମାତାଙ୍କ ନାମ ସେବତୀ ।

ଉତ୍କଟ ଦାରିଦ୍ର୍ୟ ହେତୁ ଗଙ୍ଗାଧର ଉଚ୍ଚଶିକ୍ଷା ଲାଭ କରିପାରିନଥିଲେ । ଏହାସଙ୍ଗେ ସେ ଅଧ୍ୟୟନ ଓ ଜ୍ଞାନ ଆହରଣରୁ ବିରତ ହୋଇ ନଥିଲେ । ବିଦ୍ୟାଳୟ ଛାଡିବା ପରେ ସେ – ଲାବଣ୍ୟବତୀ, ସୁଭଦ୍ରା ପରିଣୟ, ରସିକ ହାରାବଳୀ, ବୈଦେହୀଶ ବିଳାସ ପ୍ରଭୃତି କାବ୍ୟ ଅଧ୍ୟୟନ କରିଥିଲେ । ଉଣା ଅଧିକେ ଇଂରାଜୀ ମଧ ତାଙ୍କୁ ଜଣାଥିଲା । ନିଜ ଦକ୍ଷତାରେ ତମସୁକ ଲେଖି ସେ ଯେଉଁ ଅର୍ଥ ଉପାର୍ଜନ କରୁଥିଲେ ସେଥିରେ ସେ ପୁସ୍ତକ କ୍ରୟକରି ପାଠ କରୁଥିଲେ । ମାତ୍ର ୧୬ ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା । ପିଲାଟି ବେଳରୁ ପରିବାର ପ୍ରତିପୋଷଣର ଭାର ତାଙ୍କୁ ବହନ କରିବାକୁ ପଡିଥିଲା । ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବସ୍ତ୍ର ବୟନ କରିବାରେ ସେ ନିଜକୁ ନିୟୋଜିତ କରୁଥିଲେ । ରାତ୍ରକାଳରେ ଦୀପାଲୋକରେ ସେ ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ କରୁଥିଲେ । ଫଳରେ ତାଙ୍କୁ ବୟନଜନିତ ଶ୍ରମ ବାଧୁନଥିଲା । ୧୮୮୫ ମସିହାରେ ବରପାଲିର ଜମିଦାରଙ୍କ ପାଖରେ ନିଜର ବିଦ୍‌ବତା ଯୋଗୁ ମାସିକ ୭ ଟଙ୍କାରେ ଅମିନ ଚାକିରି କରିଥିଲେ । ୧୮୯୯ ମସିହାରେ ଜୁଡିସିଏଲ ମୋହରିର ଭାବେ ପଦୋନ୍ନତି ପାଇ ମାସକୁ ୧୫ ଟଙ୍କା ବେତନ ପାଇଲେ । ୫୫ବର୍ଷ ବୟସରେ ଅବସର ପରେ ସେ ମାସକୁ ୧୧ ଟଙ୍କା ପେନସନ ପାଉଥିଲେ । ନିଜର ଜୀବନରେ ସେ ବହୁଝଡଝଞ୍ଜାର ସମ୍ମୁଖୀନ ହୋଇଥିଲେ । ନିଜ ଜୀବନର କାହାଣୀକୁ ସେ କବିତାରେ ପ୍ରସ୍ଫୁଟିତ କରଛନ୍ତି ଯାହା ହେଲା।–

' ଦରିଦ୍ରତା ପଙ୍କ ପୂର୍ଣ୍ଣ ମୋ ଜୀବନ ସର–
ଜଞ୍ଜାଳ–ଜଳଦ–ଜଳେ ଆବିଳ ଉଦର ।'

ସେ ଏକଧାରରେ କାବ୍ୟକାର ଓ ଗୀତିକବି ଥିଲେ । ଜଣେ ସ୍ୱଭାବ କବି ଭାବରେ ତାଙ୍କ ପଦ୍ୟଗୁଡିକରେ ପ୍ରାଚ୍ୟ ଭାବଧାରାର ବନ୍ଦନା, ଆଦର୍ଶ ଦାମ୍ପତ୍ୟ ପ୍ରେମର ଉପାସନା, ଆର୍ଯ୍ୟ ଚେତନା ପ୍ରଭୃତି ଦେଖିବାକୁ ମିଳେ । କବିଙ୍କର ଆଦ୍ୟ ରଚନା ହେଲା ରସରତ୍ନାକର । ଉପେନ୍ଦ୍ରଭଞ୍ଜଙ୍କ କଳାକଉତୁକ ଓ ଦୀନକୃଷ୍ଣଙ୍କ ରସକଲ୍ଲୋଳ କାବ୍ୟ ଆଧାରରେ ସେ ତାଙ୍କର ରସରତ୍ନାକରକୁ ଆଦ୍ୟ ଓ ପ୍ରାନ୍ତର ଥାଇ ରଚନା କରିଥିଲେ । ରସରତ୍ନାକର ମେହେର ପ୍ରତିଭାର ଅଙ୍କୁର ମାତ୍ର । ଏହାର ଦୁର୍ବଳତା ଅଙ୍କୁରର ଦୁର୍ବଳତା ହିଁ ଅଟେ । ପରବର୍ତ୍ତୀ ଜୀବନରେ ଏହି ଅଙ୍କୁର ପଲ୍ଲବିତ, କୋରକତ, ପୁଷ୍ପିତ ହୋଇ ବନସ୍ଥତିର ଦୃଢତା ଲାଭ କରି ନିଜର ଅପୂର୍ବ ମହିମାରେ ଦଣ୍ଡାୟମାନ ବୋଲି ଆଲୋଚକ କେଶବ ଚନ୍ଦ୍ର ମେହେର କହିଛନ୍ତି । ୧୮୯୨ ମସିହାରେ ଗଙ୍ଗାଧର ପ୍ରଥମେ ସଂସ୍କୃତ ଛନ୍ଦ ନିୟମରେ ଏହାକୁ ରଚନା କରିଥିଲେ । ତାଙ୍କ କବିଗୁରୁ ରାଧାନାଥ ଏହାକୁ ପାଠକରି ତାଙ୍କର ଅନ୍ତର୍ନିହିତ ପ୍ରତିଭାର ପରିଚୟ ପାଇଥିଲେ ଏବଂ ତାଙ୍କ ଉପଦେଶ ଅନୁସାରେ ସେ ବଙ୍ଗଳାଶ୍ରୀ ଛାନ୍ଦରେ ରଚନା ଆରମ୍ଭ କରିଥିଲେ । ପାପ ପ୍ରଣୟ ହେତୁ ଅଭିଶପ୍ତା ଅହଲ୍ୟା ପ୍ରସ୍ତରରେ ପରିଣତ ହୋଇ ରାମଙ୍କ ଚରଣଲାଗି ମୁକ୍ତିଲାଭ ଓ ତାଙ୍କ ଚରଣ ବନ୍ଦନା ହିଁ ଅହଲ୍ୟା ସ୍ତବର ବିଷୟ ବସ୍ତୁ । ଏହା ଓଡିଆ ସହିତ୍ୟରେ ଭକ୍ତିରସାତ୍ମକର ଏକ ଅନବଦ୍ୟ ସୃଷ୍ଟି । ଗଙ୍ଗାଧରଙ୍କ ପ୍ରଥମ ପ୍ରକାଶିତ କାବ୍ୟ ଥିଲା ଇନ୍ଦୁମତୀ । ଏହା କାଳିଦାସଙ୍କ ରଘୁବଂଶ କାବ୍ୟର ପଞ୍ଚମ ସର୍ଗଠାରୁ ଅଷ୍ଟମ ସର୍ଗ ପର୍ଯ୍ୟନ୍ତ କଥାବସ୍ତୁ ଉପରେ ଆଧାରିତ । କବିବର ରାଧାନାଥ ଇନ୍ଦୁମତୀ ପାଣ୍ଡୁଲିପିଟି ପାଠକରି ଅତ୍ୟନ୍ତ ପ୍ରୀତ ହେବା ସହ ଲେଖିଥିଲେ ମୂଳଚରିତ ରଘୁବଂଶରୁ ସଂଗୃହୀତ ହୋଇଥିଲେ ହେଁ ଏହାର ଭାବ ଓ ଭାଷା ଦୃଷ୍ଟିରୁ ମୁଁ ଏହାକୁ ଅଭିନବ ଏବଂ ଉତ୍କୃଷ୍ଟ କାବ୍ୟ ରୂପେ ଗ୍ରହଣ କରିବାକୁ ଲେଶମାତ୍ର କୁଣ୍ଠିତ ହେବିନାହିଁ । ଯଦିଓ ଗଙ୍ଗାଧର ରଘୁବଂଶରୁ ବିଷୟବସ୍ତୁ ଆହରଣ କରିଥିଲେ ତଥାପି ସେ ସେଥିରେ ତାଙ୍କର ନିଜସ୍ୱ ଓ ସ୍ୱାତନ୍ତ୍ର୍ୟତା ଫୁଟାଇଛନ୍ତି । ତାଙ୍କର ଚରିତ୍ର ଚିତ୍ରଣ ଓ ପ୍ରକୃତି ଚିତ୍ରଣ ମନୋଜ୍ଞ ହୋଇଛି । ଏହି କାବ୍ୟଟି ଉପମା ପ୍ରୟୋଗରେ ମୌଳିକତା ପରିଦୃଷ୍ଟ ହୁଏ । ଯଥା –

'ଚିରସ୍ଥାୟୀ ନୁହେଁ ଶରୀର ପାଦପ /ଭବ
ତରଙ୍ଗିଣୀ ତୀରେ– ପ୍ରାଣ ମୂଳମାଟି ଧୌତ
ହୋଇଗଲେ ଭାସିଯାଏ କାଳ ନୀରେ'

ଇନ୍ଦୁମତୀ ଥିଲା ଗଙ୍ଗାଧରଙ୍କ ପ୍ରତିଭା ସୁମନର ଦିବ୍ୟ ସୁରଭି ବୋଲି ଅସିତ କବି ନିଜର ମତ ବାଢିଛନ୍ତି । ପଲ୍ଲୀକବି ନନ୍ଦକିଶୋର ଇନ୍ଦୁମତୀ ପାଠ କରି ଅଭିଭୂତ ହେବାସହ ନିଜର ପତ୍ରରେ ଲେଖିଥିଲେ–

' ପଢିଅଛି ଇନ୍ଦୁମତୀ କାବ୍ୟ କେତେଥର,
ସେହିଠାରେ ପରିଚୟ ତୁମର ମୋହର ।'

ସେ ଆଉ ମଧ୍ୟ କହିଥିଲେ ଗଙ୍ଗାଧର ଓଡିଶାରେ ଜନ୍ମଗ୍ରହଣ ନକରି ଉନ୍ନତ ଦେଶରେ ଯଦି ଜନ୍ମଗ୍ରହଣ କରିଥାନ୍ତେ ତେବେ ତାଙ୍କର ଯଶ ଚାରିଆଡେ ପରିବ୍ୟାପ୍ତ ହୋଇଥାନ୍ତା । ୧୮୯୪ରେ ଉତ୍କଳଲକ୍ଷ୍ମୀ ବାରିପଦାରୁ ଅସମ୍ପୂର୍ଣ୍ଣ ଭାବରେ ପ୍ରକାଶ ପାଇଥିଲେ ପରେ ତାହା ରାଧାନାଥଙ୍କ ସଂଶୋଧନ ପରେ ୧୯୧୪ ମସିହାରେ ପୂର୍ଣ୍ଣାଙ୍ଗ ଭାବରେ ଆତ୍ମପ୍ରକାଶ ପାଇଲା । ସେ ସମ୍ବଲପୁର ହିତୈଷିଣୀରେ ଭାରତୀ ରୋଦନ ଶୀର୍ଷକ କବିତାରେ ଉତ୍କଳଭାଷୀଙ୍କୁ ସତର୍କ କରାଇ ଦେଇ କହିଥିଲେ ବେଳ ଥାଉ ଥାଉ ବନ୍ଦ ବାନ୍ଧରେ କୁମର ଏବଂ ଓଡିଆ ଭାଷା ଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବାର କଳ୍ପନା କରିଥିଲେ । ଉତ୍କଳଲକ୍ଷ୍ମୀଙ୍କୁ ସମ୍ବୋଧନ କରି ସେ କହିଥିଲେ–କାହିଁ କୁସୁମିତ ଲତା ଦୋଳିମାନ ହୋଇଛନ୍ତି ସୁସଜ୍ଜିତତୋତେ ଦୋଳାୟିତ ପାଇଁ ବିହଙ୍ଗମେ ବସି ଗାଉଛନ୍ତି ଗୀତ । ସମ୍ବଲପୁର ହିତୈଷିଣୀ ୧୮୯୬ ମସିହା ଜାନୁୟାରୀ ପହିଲାରେ ଏକ ଅସମ୍ପୂର୍ଣ୍ଣ କାବ୍ୟର କଠୋର ସମାଲୋଚନା କରିଥିଲା ଯାହା ଗଙ୍ଗାଧରଙ୍କୁ ହତୋତ୍ସାହ କରିଥିଲା ଏବଂ ଦୀର୍ଘକାଳ ସେ ଆଉ କୌଣସି ରଚନାରେ ବ୍ରତୀ ହୋଇନଥିଲେ । ଏହାକୁ ଲକ୍ଷ୍ୟ କରି ନନ୍ଦକିଶୋର ଏକ କବିତାରେ ଲେଖିଥିଲେ–

' ଖଣ୍ଡେ କାବ୍ୟ ଲେଖି ଦେଇ ରହିଲ ନିଶ୍ଚିନ୍ତ
/ ଔଶୀ ଶକ୍ତି ନାଶୀ କର୍ମେ ହେବା କି ଉଚିତ?'

ତାପରେ ଗଙ୍ଗାଧର ନନ୍ଦକିଶୋରଙ୍କ ଅନୁରୋଧରେ ରଚନା ଆରମ୍ଭ କରି ଲେଖିଲେ କୀଚକ–ବଧ । ଏହି କୀଚକ–ବଧ କବିତାରେ ତାଙ୍କର ବସନ୍ତ ବର୍ଣ୍ଣନା ଅତ୍ୟନ୍ତ ଚମକପ୍ରଦ । ଯଥା–

'ବସନ୍ତ ବିଜୟ ବାରତା ପ୍ରଚାରିଲା ଭୂବନେ /
ପାଦପ ଆନୀତ ପତର ପରଭୃତ ପଠନେ /
ଗ୍ରହରାଜ କର୍ଣ୍ଣେ ପଡିଲା ରତୁ ସମ୍ରାଟ ଭାଷା,
ଗମିଲେ ସରଳ ପତରେ ତେଜି ଦକ୍ଷିଣ ଆଶା।

ତାଙ୍କର ପ୍ରକୃତିଥିଲା ସଜୀବ । ତାଙ୍କର ରଚିତ ପଦ୍ମିନୀ, କବିତା କଲ୍ଲୋଳ, ଅଯୋଧ୍ୟା ଦୃଶ୍ୟ ଓ ତପସ୍ୱିନୀ କାବ୍ୟ ଗୁଡିକ ଅତ୍ୟନ୍ତ ମନଲୋଭା।। ଅଯୋଧ୍ୟା ଦୃଶ୍ୟରେ ସେ ରାମଙ୍କର ବନବାସ ପରେ ଅଯୋଧ୍ୟାର ଦୃଶ୍ୟ କୁ ଅତି କରୁଣ ଓ ଜୀବନ୍ତ ଭାବରେ ବର୍ଣ୍ଣନା କରିଚନ୍ତି ଯାହା କେବଳ ତାଙ୍କରି ଭଳି ଶିଳ୍ପୀ ପକ୍ଷେ ସମ୍ଭବ–

'ରାମ ତହିଁ ଚନ୍ଦ୍ର ସୀତା ଚନ୍ଦ୍ରିକା ସୁନ୍ଦର/
ଖେଳୁଥିଲେ ସଉମିତ୍ରୀ ହୋଇ ପିକବର ।'

ମନ୍ଥରା ମନ୍ତ୍ରଣା–

'ମେଘ ଆସି ଅକସ୍ମାତ–
ସବୁ ନଷ୍ଟ କଲା କରି କରକା ନିପାତ ।
ନାହିଁ ଚନ୍ଦ୍ର ନାହିଁ ଆଜ ଚନ୍ଦ୍ରିକାର ଛଟା /
ଘୋଟିଛି କେବଳ ଗାଢ ବିଷାଦର ଘଟା ।'

ତପସ୍ୱିନୀ କାବ୍ୟର ବିଷୟ ବସ୍ତୁ ଆଦର୍ଶ ଓ ବାସ୍ତବର ସଂଘର୍ଷ ଉପରେ ପ୍ରତିଷ୍ଠିତ । ଏ ଦ୍ୱନ୍ଦ ଏ ଚିତ୍ତ ସଂଘର୍ଷ ପରିସ୍ଥିତି ଭେଦରେ ଯେପରି ଶୋକପ୍ରଦ ଓ କରୁଣ ରସସିକ୍ତ, ତାକୁ ରୂପାୟନ କରିବାରେ କବିତା ମଧ ବିଚିତ୍ର ଓ କମନୀୟ । କବିଙ୍କ ରଚିତ 'ପ୍ରଣୟ ବଲ୍ଲରୀ' 'ଅଭିଜ୍ଞାନ ଶକୁନ୍ତଳମ୍'ର କଥାବସ୍ତୁକୁ ନେଇ ରଚିତ । ଏହାର ଆରମ୍ଭରେ ସେ ବ୍ୟାସଦେବ ଓ କାଳିଦାସ ଉଭୟଙ୍କର ସ୍ତୁତି ଗାନ କରିଛନ୍ତି । କବିଙ୍କର ଅର୍ଘ୍ୟଥାଳୀ, କୃଷକ ସଙ୍ଗୀତ, ଭାରତୀ ଭାବନା ଥିଲା କାଳଜୟୀ । ପରିଶେଷରେ ଏତିକି କହିବି ପୃଥିବୀ ବକ୍ଷରେ ଯେତେଦିନ ପର୍ଯ୍ୟନ୍ତ ଓଡିଆ ସାହିତ୍ୟ ବଞ୍ଚି ରହିଥିବ, ଗଙ୍ଗାଧର ସେତେଦିନ ପର୍ଯ୍ୟନ୍ତ କାଳଜୟୀ ହୋଇ ରହିଥିବେ । ସେଥିପାଇଁ ନନ୍ଦକିଶୋର ଲେଖିଥିଲେ–

' ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ ମଣ୍ଡିତ / କାଳ
ବଳେ ହେବେ ସର୍ବେ ଭବୁ ଅନ୍ତର୍ହିତ– କିନ୍ତୁ
ତୁମେ ଦୀନ କବି ରହିବ ଜୀବିତ /
ଯେତେଦିନ ଭବେ ଥିବ ଓଡିଆ ସାହିତ୍ୟ। '

ଖୋର୍ଦ୍ଧା,ମୋ–୬୩୭୦୬ ୭୫୫୬୨

କବିତା

ବିଷୁବ ସଂକ୍ରାନ୍ତି

ରାମଚନ୍ଦ୍ର ବେହେରା

ଉତ୍କଳ ରାଇଜେ ନୂତନ ବରଷ
ଆସିଛି ଚଇତ ଅନ୍ତେ
ବିଷୁବ ରେଖାରେ ତପନଙ୍କ ବାସ
ଧରଣୀ କମ୍ପେ ତପତେ
ଗ୍ରୀଷ୍ମ ରତୁକୁ ନେଇ
ବିଷୁବ ସଂକ୍ରାନ୍ତି ଆସିଛି ମରତେ
ଖୁସିର ପସରା ନେଇ ।
ବୈଶାଖର ଏହି ପବିତ୍ର ପରବ
ଆସଇ ପ୍ରଥମ ଦିନ
ବାଟୋଇଙ୍କ ପାଇଁ ଜଳଛତ୍ର ଖୋଲେ
ହୁଏ ପୁଣ୍ୟ ଜଳଦାନ
ପଣା ସଂକରାନ୍ତି ନାମେ
ସଭିଏଁ ପାଳନ୍ତି ଏ ମହାନ ପର୍ବ
ଶ୍ରଦ୍ଧାଭାବ ରଖି ମନେ ।
ଅସହ୍ୟ ଗରମୀ ଝାଞ୍ଜିର ପ୍ରବାହ
ଦୁଃଖଦିଏ ଅପ୍ରମିତ
ସାରା ଶକ୍ତିପୀଠ ଲୋକାରଣ୍ୟ ହୁଏ
ଶୋଭାପାଏ ଝାମୁ ଯାତ
ପାଟୁଆ କରନ୍ତି ନୃତ୍ୟ
ଜଳନ୍ତା ନିଆଁରେ
ଶ୍ରଦ୍ଧାରେ ଚାଲନ୍ତି
ବ୍ରତକୁ କରନ୍ତି ଅନ୍ତ ।
ସାରା ଦେବାଳୟେ ଭକ୍ତଙ୍କ ଗହଳି
ଦିଶେ ଉତ୍କଳ ଭୂଇଁରେ
ଯଅର ଛତୁଆ କଦଳୀ ନଡିଆ
ପଣା ଲଗାନ୍ତି ଶ୍ରଦ୍ଧାରେ
ତାପରୁ ବଞ୍ଚିବା ପାଇଁ
ପବନ ସୂତଙ୍କ ଜୟନ୍ତୀ ପାଳନ୍ତି
ରାଇଜେ ଭଉଣୀ ଭାଇ ।
ଆମରି ସଂସ୍କୃତି ଆମ ପରମ୍ପରା
ସାରା ଦେଶରେ ନିଆରା
ଏହିଦିନ ଝୁଲେ ବସନ୍ତରା ଠେକି
ହସଇ ଧର୍ମ ଚଉଁରା
ଝରେ ବୁନ୍ଦା ବୁନ୍ଦା ପାଣି
ଜଳର ପରଶେ ହସି ଉଠେ ଆମ
ପବିତ୍ର ତୁଳସୀ ରାଣୀ ।

ତେନ୍ତୁଳିପଦା,ଜଗତସିଂହପୁର,
ମୋ–୭୩୫୫୬୩୪୩୪୬

ବିଷୁବ ବେଳାର ଗୀତ

ସୁହଂସ ଭୋଇ

ଆମ ପରମ୍ପରା ପରବ ନିଆରା
ନାହିଁ ତାର ପଟ୍ଟାନ୍ତର
ବରଷକୁ ତେର ତିହାର ଆମର
ଭାଇ ଚାରା ଭରପୁର
ସରିଲା ଜାଗର ମଉଜେ ମକର
ଦୋଳ ହୋଳି ରଙ୍ଗ ଖେଳ
ବଉଳରୁ କଷି ଧରି ହସେ କେଷୀ
ପୁରିଲା ବସନ୍ତ କାଳ
ତତଲା ବାଲିରେ ଚଇତି ମାଟିରେ
ବିଷୁବ ଥାପିଲା ପାଦ
ଧୀରେ ରବି କର ହୋଇବ ପ୍ରଖର
ଦିନ ଦୀର୍ଘ ରାତି କ୍ଷୁଦ୍ର
ସୁଫଳା ଶ୍ରୀଫଳ ତ୍ରିଶିଖ ରସାଳ
ଦେଇ ଖଣ୍ଡସାର କ୍ଷୀର
ଘରେ ପୁରେ ଆଜ ପଣା ହୁଏ ସଜ
ସେତ ଅମୃତର ଧାର
ଜ୍ୟୋତିଷିକ ବୃତ୍ତ ନକ୍ଷତ୍ରନୁସାରେ
ଓଡ଼ିଆ ବରଷ ମୂଳ
ଶୁଭ ଲଗ୍ନ ଘେନି ଆସିଲେ ପାବନୀ
ମାତୃଗର୍ଭୁ ଧରାତଳ ।

ପହଣ୍ଡି,ବରଗଡ଼
ମୋ–୯୪୩୭୫୨୨୪୫୫

ଚୈତ୍ର ମାସ

ଜଗଦୀଶ ସାହୁ

ଇୟେ ପରା ସେଇ ଚଇତି ମାସ
ମଲ୍ଲୀ ଫୁଲ ଫୁଟି ବିତରେ ବାସ
ଆମ୍ବ ଚଟଣୀ
ସାଙ୍ଗରେ ପଖାଳ ବାସି ତୋରାଣୀ
ଖାଇଛି ଯିଏ
ହୋଇଥିବ ସିଏ ଓଡ଼ିଆଟିଏ !
ଇୟେ ପରା ସେଇ ଚଇତି ମାସ
ତାରିଣୀ ମାଆର ମୁହଁରେ ହସ
ମଙ୍ଗଳବାର
ମନ୍ଦାରଫୁଲର ବଢ଼େ ଆଦର
ଦାଣ୍ଡରେ ପଣା
ଦେଇଥାଏ ମାଆ ଟାଣି ଓଢଣା !
ଇୟେ ପରା ସେଇ ଚଇତି ମାସ
ଶ୍ରୀରାମ ନବମୀ ପାଳିବା ଆସ
ଚଇତି ଯାତ
ଓଡ଼ିଆ ଜାତିର ମାନ ମହତ
ଆମେ ଓଡ଼ିଆ
ଆମ ପରମ୍ପରା ଭାରି ବଢିଆ !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,ମୋ–୯୦୭୮୧୮୫୬୧୬

ଓଡ଼ିଶାରେ ଚୈତ୍ର ପର୍ବ

କବିରତ୍ନ ନୂତନ କୁମାର ବେହେରା

ସରିନି ବସନ୍ତ ଆସିନି ଗ୍ରୀଷ୍ମ ରତୁ
ଆସିଛି ଖୁସିର ପସରା
ନେଇ ଚୈତ୍ର ପର୍ବ
ଓଡ଼ିଶା ମାଟିରେ ଏ ପୁଣ୍ୟ ପବିତ୍ର ତିଥି
ସତେଜ କରିଦିଏ
ପୂର୍ବର ଐତିହ୍ୟ ପରମ୍ପରା
ଯା' ଲାଗି ଓଡ଼ିଆ ଜାତି କରେ ଗର୍ବ
ପୁର ପଲ୍ଲୀ ଗାଁ ଗହଳିରୁ ସହର ବଜାର
ହୋଇ ଉଠିଛି ଉତ୍ସବ ମୁଖର
ଘରେ ଘରେ ଖେଳୁଛି ଖୁସିର ଲହରୀ
ଆସିବ ବୈଶାଖ ଓଡ଼ିଆ
ନୂଆ ବରଷକୁ ଧରି
ଚାଷୀ ଭାଇ ଚାଷ ପାଇଁ
ହେଉଛି ତରତର
ଅକ୍ଷୟ ତୃତୀୟାରେ କରିବ ଅନୁକୂଳ
ଯୋଗ ପାଗ ଦେଖି ବୁଣିବ ଧାନ
ଭଲ ଫସଲ ଅମଳେ ହେବ ସଫଳ
ପଣା ସଂକ୍ରାନ୍ତିରେ
ପୂଜିବାକୁ ହରଗୌରୀ
ଉପାସକ କରେ ଓଷା ବାର ବ୍ରତ
ମଙ୍ଗଳମୟ
ଦେବ ଦେବ ମହାଦେବଙ୍କର
ବିବାହ ହେବ ଦେବୀ ପାର୍ବତୀ ସହିତ
ଶ୍ରଦ୍ଧାଳୁ ଭକତ ରହେ ପାଟ ଭକତା
ଝାମୁ ଜାତ ପାଇଁ ପାଳେ
କଷ୍ଟକର ନୀତି ନିଷ୍ଠା
ପୂଜି ଭବାନୀଶଙ୍କରଙ୍କୁ ଶୁଭ ମନାସେ
ଲଭିବାକୁ ଜୀବନେ ତାର
ସୁଖ୍ୟାତି ପ୍ରତିଷ୍ଠା
ପ୍ରସ୍ତୁତ ହୁଏ ବେଲ
ତରଭୁଜ ଦହିର ପଣା
ଛତୁଆ ସାଥେ ଆମ୍ବ ମହୁଲ ହୁଏ ପୂଜା
ତୁଳସୀ ଚଉରା ଉପରେ
ଟାଙ୍ଗି ମାଟିର ବସୁନ୍ଧରା
ପାଣି ଦିଏ କୁଳବଧୂ ତା'
ମୂଳେ ମାସ ଯାକ
ଓଡ଼ିଆ ଘରେ ଏ ସତୁର
ଚାଲେ ସାଜସଜ୍ଜା
ବାଜେ ବାଜା ଢୋଲ
ମହୁରୀ ସାହାନାଇଁ
ବହୁ ସ୍ଥାନେ ହୁଏ ନାନା ଲୋକ ନୃତ୍ୟ
କ୍ଲାନ୍ତିର ଜୀବନ
ଲାଘବ କରିବ ମନୋରଞ୍ଜନେ
ଘୋଡ଼ା ନାଚ ଗୋଟିପୁଅ
ସଖି କଣ୍ଢେଇ ନାଚ
ପୁଣି ଦଣ୍ଡ ନାଚ ଛଉ ନାଚ
ଆଦି ନାନା ପ୍ରକାର
ଆତ୍ମୀୟଜନ ବନ୍ଧୁ ବାନ୍ଧବଙ୍କ ଗହଣେ
ଚୈତ୍ର ପର୍ବ ଓଡ଼ିଆ
ସଂସ୍କୃତିର ଗର୍ବ ଗୌରବ
ସ୍ମରଣ କରାଇ ଦିଏ
ପୂର୍ବପୁରୁଷଙ୍କ ଗାଥା
ଏ ଜାତି ସୁଖ ଶାନ୍ତିରେ ଦିନ କାଟେ
ବାର ମାସରେ ପାଳି
ତେର ପର୍ବର ପ୍ରଥା ।

କୋହି,ବାରିପଦା,ମୟୂରଭଞ୍ଜ
ମୋ– ୮୦୧୮୩୫୩୩୨୨



ସତ୍ୟବାଦୀ ସାହିତ୍ୟରେ ଉତ୍କଳୀୟ ପ୍ରାଣ–୨

ଡ. ଇଂ ସଞ୍ଜୀୟ କୁମାର ପଣ୍ଡା

ରାଧାନାଥ ଯୁଗର ଅବସାନ ପରେ ଓଡିଆ ସାହିତ୍ୟରେ ସତ୍ୟବାଦୀ ଯୁଗର ଅୟମାରମ୍ଭ ହେଲା । ରାଧାନାଥ ରାୟଙ୍କ ପ୍ରେମରସ ଦିଗରୁ ଅପସରି ସତ୍ୟବାଦୀ ସାହିତ୍ୟ ଆଦର୍ଶବାଦ ଓ ଜାତୀୟ ଚିନ୍ତାଧାରାକୁ ପାଥେୟ କରି ସାହିତ୍ୟର ଭାବଧାରାକୁ ତୀକ୍ଷ୍ଣ କରିବାକୁ ଲାଗିଲା । ସାମାଜିକ ସଂସ୍କାର, ଆଦର୍ଶନୀତି, ପ୍ରପୀଡିତଙ୍କ ଉଦ୍ଧାର, ଓଡିଆ ଭାଷା ପ୍ରୀତିକୁ ଆଧାର କରି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ପୁରୀ ଜିଲ୍ଲା ସତ୍ୟବାଦୀ ତମାଳ, ବକୁଳ ବନ ଘେରା ଛୁରୀଆନା କୁଞ୍ଜରେ ଗଢି ଉଠିଥିଲା ଉତ୍କଳ ସୁଯୋଗ୍ୟ ସନ୍ତାନ ନିର୍ମାଣକାରୀ ବନ ବିଦ୍ୟାଳୟ । ଏହି ବନ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଗଣ ସତ୍ୟବାଦୀ ପଞ୍ଚସଖା ରୂପେ ସୁପ୍ରସିଦ୍ଧ । ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର, କୃପାସିନ୍ଧୁଙ୍କୁ ନେଇ ପଞ୍ଚସଖା ସତ୍ୟବାଦୀ ସାହିତ୍ୟରେ ଅପୂର୍ବ ଭାଷା ପ୍ରୀତି ଜାଗ୍ରତ କରି ଓଡିଆ ଜାତିର ଶୌର୍ଯ୍ୟ ପ୍ରସାରିତ କରିଥିଲେ ।

ଏହି ଯୁଗ ଖ୍ରୀ ୧୯୧୦ରୁ ଆରମ୍ଭ ହୋଇ ଖ୍ରୀ ୧୯୨୧ ପର୍ଯ୍ୟନ୍ତ ସ୍ୱଳ୍প ସମୟରେ ସୀମିତ ଥିଲେ ମଧ ଆନ୍ଦୋଳନାତ୍ମକ, ଦେଶାତ୍ମବୋଧକ ବାଣୀ କେବଳ ସାହିତ୍ୟ ଜଗତକୁ ରୁଦ୍ଧିମନ୍ତ କରିଥିଲା ତାହା ନୁହେଁ ବରଂ ଭାଷା ଓ ସଂସ୍କୃତି ଆଧାରରେ ଓଡିଆ ଜାତିକୁ ସଚେତନ କରାଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାର ଚେତନା ସଂଚାର କରିଥିଲା । ସତ୍ୟବାଦୀ ସାହିତ୍ୟର ସମାଜ ସଂସ୍କାର ମୂଳକ ବୈପ୍ଳବିକ ଚିନ୍ତାଧାରା ଓଡିଆ ପ୍ରାଣକୁ ପୁଲକିତ ଓ ଉଦ୍ଭାଦିତ କରିବାରେ ସକ୍ଷମ ହେଲା । ଏକ ଉନ୍ନତ କାବ୍ୟକଳା ମାଧ୍ୟମରେ ଦୀନ, ହୀନ ଜାତିରେ ପ୍ରାଚୀନ ସମୃଦ୍ଧ ଇତିହାସ ବୋଧ ଉତ୍ତୋଳନ କରି ଉନ୍ନତ ଭବିଷ୍ୟତର ଆଶା ସଞ୍ଚାର କଲା ସତ୍ୟବାଦୀ ସାହିତ୍ୟ । ସୁପ୍ତ ସଂସ୍କୃତିକୁ ଜାଗ୍ରତ କଲା ଆତ୍ମ ଜାଗୃତି ସମ୍ପନ୍ନ ସତ୍ୟବାଦୀ ସାହିତ୍ୟ । ଗୋପବନ୍ଧୁ ଦାସଙ୍କ ରଚିତ ପ୍ରଥମ କବିତା ସଂକଳନ 'ଅବକାଶ ଚିନ୍ତା' ଆଦର୍ଶ ଭାବ ଜାଗ୍ରତ କରିବା ସହ ଜାତୀୟତାବୋଧର ଉତ୍ତାପ ବିତରଣ କରିଥିଲା। 'ବନ୍ଦୀର ଆତ୍ମକଥା' ରୂପକ ଖଣ୍ଡକାବ୍ୟ ଗୋପବନ୍ଧୁ ଦାସଙ୍କ ଅସହଯୋଗ ଆନ୍ଦୋଳନରେ କାରାବରଣ ସମୟର ସୃଷ୍ଟି । ୧୩ଗୋଟି କବିତାକୁ ନେଇ ଏହି କବିତା ସଙ୍କଳନ ଜାତୀୟ ଭାବ ଉଦ୍ରେକ କରିବାରେ ସକ୍ଷମ ହେଲା । କବିଙ୍କ ଭାଷାରେ ...

'କାତରତ ସିନା କାପୁରୁଷ ପଣ
ବୀର ମାରେ ଅବା ମରେ କରି ରଣ
*ପଛଘୁଞ୍ଚା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବଢ଼ିଲା...

କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, କଟକ, କନ୍ଧମାଳ, କୋରାପୁଟ, ମାଲକାନଗିରି, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ସ୍ଥାନେ ଦୁଇସ୍ଥାନେ ଗ୍ରୀଷ୍ମ ଲହରୀ ଲାଗି ଯେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୧୫ ତାରିଖରୁ ରାଜ୍ୟରେ ତାପମାତ୍ରା ୪୦° ଅତିକ୍ରମ କରିବା ସହ ସ୍ଥାନେ ସ୍ଥାନେ ୪୨ରୁ ୪୪° ଛୁଇଁପାରେ । ତେବେ ୧୭ରୁ ୨୦ ତାରିଖ ଅସହ୍ୟ ତାତି ଅନୁଭୂତ ହେବ ।

କଂଗ୍ରେସ...

ଓ ବିଫଳ ହେଉଛନ୍ତି । ତେବେ ନିର୍ବାଚନ ପୂର୍ବରୁ ବା ପରେ କଂଗ୍ରେସ ନେତୃତ୍ୱାଧୀନ ସରକାର ଭାଙ୍ଗିବାର ସମ୍ଭାବନା ନାହିଁ । ଆମ ବିଧାୟକମାନେ କେହି ଦଳ ଛାଡ଼ିବେ ନାହିଁ । ଜଣେ ବି ବିଧାୟକ ଦଳ ଛାଡ଼ି ଯିବାର ପ୍ରଶ୍ନ ଉଠୁନାହିଁ । ସରକାର ୫ ବର୍ଷ ପୂରଣ କରିବ । ୨୦୨୩ ମେ ୨୦ରେ ମୁଖ୍ୟମନ୍ତ୍ରୀ ଭାବେ ସିଦ୍ଧରମେୟା ଶପଥ ନେଇଥିଲେ । ବିଜେପିକୁ କ୍ଷମତାରୁ ହଟାଇ କଂଗ୍ରେସ ଏଠାରେ କ୍ଷମତାସୀନ ହୋଇଥିଲା । ବିଜେପି ଗତ ଲୋକସଭା ନିର୍ବାଚନରେ କର୍ଣ୍ଣାଟକରୁ ୨୫ ଆସନ ପାଇଥିଲା । ସେତେବେଳେ ଜେଡିଏସ୍ ଓ କଂଗ୍ରେସ ମେଣ୍ଟ ଗୋଟିଏ ଆସନ ପାଇଥିଲା । ହେଲେ ଏଥର ଲୋକସଭା ନିର୍ବାଚନର ବର୍ଷକ ପୂର୍ବରୁ କଂଗ୍ରେସ ସରକାର କରିଛି । ଏଥର କଂଗ୍ରେସକୁ ଅଧିକ ଆସନ ମିଳିବ ବୋଲି କୁହାଯାଉଛି ।

ବର୍ଣ୍ଣଭିଟା...

ସୁରକ୍ଷା ଓ ଏଫ୍ଏସ୍ଏସ୍ଏଆଇକୁ ନିର୍ଦ୍ଦେଶ ଦିଆଯାଇଛି ଯେ ଯେଉଁ କମ୍ପାନୀମାନେ ଏହାକୁ ଉଲଂଘନ କରିଛନ୍ତି, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ । ସମସ୍ତ ଇ-କମର୍ସ କମ୍ପାନୀମାନଙ୍କୁ ଦୁଗ୍ଧ, ଶସ୍ୟ କିମ୍ବା ମଲ୍ଟି ଭିଟ୍ରିକ ପାନୀୟ ପଦାର୍ଥକୁ ହେଲ୍ଥ ଡ୍ରିଙ୍କ୍ କିମ୍ବା ଏନର୍ଜି ଡ୍ରିଙ୍କ ଭାବରେ ନାମିତ କରିବାକୁ ଚଳିତ ମାସ ଆରମ୍ଭରୁ ଏଫ୍ଏସ୍ଏସ୍ଏଆଇକୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ବର୍ଣ୍ଣଭିଟା ସ୍ୱାସ୍ଥ୍ୟ ପାଇଁ ନିରାପଦ ନୁହେଁ ବୋଲି ପ୍ରଥମେ ଜଣାପଡ଼ିଛି ।

ସରକାରୀ...

ଓଡ଼ିଶା ବିଜେପି ନେତା ଓ ପ୍ରାର୍ଥୀମାନେ ବେଆଇନ୍ କାର୍ଯ୍ୟକଳାପ ଚଳାଇଛନ୍ତି । ବିଡିଓ, ତହସିଲଦାର, ଡିଏସ୍ପି ଓ ଆଇଆଇସିମାନଙ୍କୁ ବଦଳି ପାଇଁ ଧମକ ଦିଆଯାଉଛି । ବିଜେପି ବ୍ରହ୍ମପୁର ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଗଣମାଧ୍ୟମ ସମ୍ମୁଖରେ ଖୋଲାଖୋଲି ନିର୍ବାଚନ କାର୍ଯ୍ୟରେ ଥିବା ସରକାର ଅଧିକାରୀଙ୍କୁ ଧମକ ଦେଇଛନ୍ତି । ସେ ନିର୍ବାଚନ କମିଶନଙ୍କ ନାମ ନେଇ ବଦଳି ଓ ଦୃଢ଼ କାର୍ଯ୍ୟାନୁଷ୍ଠାନର ଧମକ ଦେଉଛନ୍ତି । ସେହିଭଳି ପଞ୍ଚାୟତରେ ଯେଉଁ ଆଶାକର୍ମୀ କାର୍ଯ୍ୟ କରୁଛନ୍ତି ତାଙ୍କୁ ମଧ୍ୟ ଖୋଲାଖୋଲି ଧମକ ଦିଆଯାଉଛି । ଅଙ୍ଗନୱାଡି କର୍ମୀ, ମିଶନଶକ୍ତି ମୁଖ୍ୟଙ୍କୁ ମଧ୍ୟ ଅନୁରୂପ ଧମକ ମିଳୁଛି । ଗତକାଲି ବିଜେପି ନେତା ପ୍ରଶାନ୍ତ ଜଗଦ୍ଦେବ ଜଣେ ସାମ୍ବାଦିକଙ୍କୁ ମାଡ ମାରିଥିଲେ । ପାଗଳଖାନାରେ ଏତଲା ହୋଇଛି । ହେଲେ ଶ୍ରୀ ଜଗଦ୍ଦେବ ମଦ ପିଇ ଥାନାକୁ ଯାଇ ଥାନା ଅଧିକାରୀଙ୍କୁ ଧମକ ଦେଇଛନ୍ତି । ଆମର ବାରମ୍ବାର ଅନୁରୋଧ ସତ୍ତ୍ୱେ ନିର୍ବାଚନ କମିଶନ ଏହି ବିଜେପି ନେତାଙ୍କୁ ଏହି କାର୍ଯ୍ୟରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେଉନାହାନ୍ତି । ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ଦାବି କରୁଛୁ । ଏହି ପ୍ରତିନିଧି ଦଳରେ ସାଂସଦ ସସ୍ମିତ୍ ପାତ୍ର, ସୁଲତା ଦେଓ, ମଧୁସ୍ମିତା ନାୟକ, ମିହିର ରାୟ, ପ୍ରିୟବ୍ରତ ମାଝୀ, ଅମିତ୍ କୁମାର ମଲ୍ଲିକ୍ ପ୍ରମୁଖ ସାମିଲ ହୋଇଥିଲେ ।

ସମଲେଶ୍ୱରୀ...

କରାଯାଇଛି । ତେବେ ଏହି ପ୍ରକଳ୍ପ ଲୋକାର୍ପଣ ପରେ ପୂର୍ବାପେକ୍ଷା ଭକ୍ତଙ୍କ ଆଗମନ ବୃଦ୍ଧି ପାଇଛି । ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ କିଛି ଭକ୍ତ ପାନ ଓ ଗୁଟ୍‌ଖା ଆଦି ମାଦକ ଦ୍ରବ୍ୟ ସେବନ କରି ଆସୁଥିବା ବେଳେ ଛେପ ପକାଇ ଏହାର ପରିସରକୁ ଅପରିଷ୍କାର କରୁଛନ୍ତି । ଏଭଳିସ୍ଥଳେ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ପାନ ଗୁଟ୍‌ଖାକୁ ନିଷେଧ କରିବା ସହ ଶ୍ରଦ୍ଧାଳୁଙ୍କ ସଚେତନ କରିବାକୁ ସୁରକ୍ଷାକର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି ।

ଏବେବି...

ପଛକୁ ରହିଛି । ବିଜେପି ୨୧ ଲୋକସଭା ଆସନ ଲାଗି ପ୍ରାର୍ଥୀ ବୁଡ଼ାନ୍ତ କରିଥିଲେ ହେଁ ୩୫ ବିଧାନସଭା ଆସନ ଏବେବି ଝୁଲୁଛି । ଅନ୍ୟ ଦଳରୁ ଆସୁଥିବା ନେତା ଓ ଦଳର ସ୍ଥାନୀୟ ଅଞ୍ଚଳର ପୁରୁଖା ନେତାଙ୍କୁ ନେଇ ଅଙ୍କ ଛିଡୁନାହିଁ । ଅଧିକାଂଶ ସ୍ଥାନରେ ବିଜେପିର ଘୋଷିତ ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ ଲାଗି ରହିଛି । କେତେକ ନିର୍ବାଚନମଣ୍ଡଳୀରେ ମଧ୍ୟ ଦଳର ଘୋଷିତ ପ୍ରାର୍ଥୀଙ୍କୁ ଖୋଲାଖୋଲି ବିରୋଧ କରାଯାଉଛି । ତାଙ୍କୁ ପ୍ରଚାର କରିବାକୁ ଦିଆଯାଉନାହିଁ । ଅନ୍ୟ ପକ୍ଷରେ ରାଜଧାନୀରେ ଥିବା ବିଜେପି ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଶକ୍ତି ପ୍ରଦର୍ଶନ ଡ୍ରାମା ଚାଲିଛି । ଆଶାୟୀମାନେ ନିଜନିଜ ସମର୍ଥକଙ୍କ ସହ ରାଜଧାନୀ ଆସି ସମ୍ପୃକ୍ତ ପ୍ରାର୍ଥୀଙ୍କ ସପକ୍ଷରେ ଲବି କରୁଛନ୍ତି ।

ସେହିଭଳି ୪ ପର୍ଯ୍ୟାୟରେ ବିଜେଡି ୨୧ ଲୋକସଭା ଆସନ ଓ ୧୧୭ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି । ଆଉ ୩୦ ଆସନ ବାକି ରହିଛି । ଦ୍ୱନ୍ଦ୍ୱ ଲାଗିଥିବା ଭୁବନେଶ୍ୱରର ମଧ୍ୟ ଆସନ ଲାଗି ମଧ୍ୟ ପ୍ରାର୍ଥୀ ଘୋଷଣା ସରିଛି । ଆଉ ଯେଉଁ ୩୦ ଆସନ ବାକି ରହିଛି, ସେଥିଲାଗି କସରତ ଚାଲୁଛି । ବିଶେଷକରି ବିଜୟ ସମ୍ଭାବନାକୁ ଗୁରୁତ୍ୱ ଦିଆଯାଇ ଦଳ ପ୍ରାର୍ଥୀ କରୁଛି ବୋଲି କୁହାଯାଇଛି । ତେବେ ଏହି ଅନିଶ୍ଚିତତା ଆସନ୍ତା ସପ୍ତାହ ସୁଦ୍ଧା ବିଜେଡ଼ିର ଶେଷ ହେବ ବୋଲି କୁହାଯାଉଛି । ତେବେ ୩ ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ଆସନ୍ତା ସପ୍ତାହରେ ବୃଡ଼ାନ୍ତ ହୋଇପାରେ ବୋଲି ଆଶା ପ୍ରକାଶ ପାଉଛି ।

ନିଷ୍ଠାର ପର୍ବ ଦଣ୍ଡ ଉପାସନାକୁ ନେଇ ଶ୍ରଦ୍ଧାଳୁଙ୍କ ଅଗାଢ଼ ବିଶ୍ୱାସ

ନୟାଗଡ଼, (ସବ୍ୟୁ): ନିଷ୍ଠା, ଭକ୍ତି ଓ ବିଶ୍ୱାସର ସହିତ ପୁରପଲ୍ଲୀରେ ପାଳିତ ହୋଇଯାଇଛି ପବିତ୍ର ଦଣ୍ଡ ଉପାସନା। ଭକ୍ତି ଓ ପରାକାଷ୍ଠାକୁ ଦୃଢ଼ତାର ସହ ପ୍ରତିପାଦନ କରି ନୟାଗଡ଼ ଜିଲ୍ଲାର ହଜାର ହଜାରସଂଖ୍ୟାରେ ଦଣ୍ଡ ଉପାସକ ପବିତ୍ର ଦଣ୍ଡ ବ୍ରତ ପାଳନ କରିଛନ୍ତି। ମାନସିକ କାମନା ପୂରଣ ଲାଗି ଦୀର୍ଘ ୧୫ ଦିନଧରିଅର୍ଣ୍ଣ ଓ ବ୍ୟଞ୍ଜନ ପରିତ୍ୟାଗ କରି ନିଷ୍ଠାର ସହ ବ୍ରତଧାରୀମାନେ ଶ୍ରୀଶଙ୍କରଗୌରୀଙ୍କ କଠୋର ଦଣ୍ଡବ୍ରତ ପାଳନକରି ଆତ୍ମସନ୍ତୋଷ ଉପଲବ୍ଧ କରିଥିବା ପ୍ରକାଶ କରିଛନ୍ତି।ଉତ୍କଳୀୟ ପୂଜା ବ୍ରତ ପରଂପରା ମଧ୍ୟରେ ବାରମାସରେ ତେରପର୍ବ ଓ ଉତ୍ସବର ବ୍ୟବସ୍ଥା ବେଶ୍ ସ୍ୱତନ୍ତ୍ର। ସେଥି ମଧ୍ୟରେଚୈତ୍ର ମାସର ଦଣ୍ଡ ପର୍ବ ଅନ୍ୟତମ। ଅନନ୍ୟ ଦଣ୍ଡବ୍ରତ ପାଳନ ପରଂପରା ନୟାଗଡ଼ ଜିଲ୍ଲାର ବହୁ ପୁରାତନକାଳରୁ ପ୍ରଚଳିତ ହୋଇ ଆସୁଛି। ଚଳିତ ଚୈତ୍ର ମାସ କୃଷ୍ଣପକ୍ଷ ପ୍ରଥମା ତିଥିରୁ ଗାଁ ଗାଁରେଶ୍ରଦ୍ଧାଳୁମାନେ ଶୈବପୀଠ ଓ ଦେବୀ କାମନା ଦଣ୍ଡ କୋଠି ରେ ଶ୍ରଦ୍ଧା ଓ ବିଶ୍ୱାସର ଦଣ୍ଡ ପର୍ବ ପାଳନ କରିଛନ୍ତି।ଦୀର୍ଘ ୧୪ ଦିନ ବ୍ରତପାଳନ ପରେ ପବିତ୍ର ମହାବିଷୁବ ସଂକ୍ରାନ୍ତୀର ଦିନକ ପୂର୍ବରୁ 'ମେରୁ' ତିଥିରେ ଶୋଭାଯାତ୍ରା ରେ ନଗର ପରିକ୍ରମା କରିଛନ୍ତି ଶ୍ରୀଶଙ୍କରଗୌରୀ। ପଣା ସଂକ୍ରାନ୍ତିରେ ବ୍ରତଧାରୀମାନେ ଶ୍ରୀହରଗୌରୀଙ୍କୁ ପୂଜା ଆରାଧନା କରି ବ୍ରତ ସମାପନ କରିବା ବିଦ୍ଧି ରହିଛି। କଠୋର ଦଣ୍ଡ ଉପାସନାର ନୀତି ଓ ନିୟମ ଅନୁଯାୟୀ ବ୍ରତଧାରୀମାନେ ଦିନତମାମ ଅନ୍ନ କିମ୍ବା ଜଳ ଭକ୍ଷଣ ନ କରି ଦଣ୍ଡଛତ୍ର ଧାରଣ ପୂର୍ବକ ଶ୍ରୀଶଙ୍କରଗୌରୀଙ୍କ ନାମ ଓ ମହିମା ଗାନ କରି ନଗର ପରିକ୍ରମା କରିଥାନ୍ତି। ସନ୍ଧ୍ୟାରେ ସ୍ନାନ କରି ଦେବ ଦର୍ଶନ ପରେ ଗୋଟିଏ ଥର ଜଳ ଭକ୍ଷଣ କରିଥାନ୍ତି। ବ୍ରତଧାରୀମାନେ ଗାଁ ଗାଁରେ ଲୋକଙ୍କ ମଧ୍ୟରେ ଶିବ ପାର୍ବତୀଙ୍କ ଚରିତ ନାଟ୍ୟରଂଗ ପ୍ରଦର୍ଶନ ବେଶ୍ ମନୋହର। ଲୋକଙ୍କ ମଧ୍ୟରେ ଶ୍ରୀଶଙ୍କରଗୌରୀ ଙ୍କ ମହିମା ପ୍ରଚାର ଓ ପ୍ରସାର କରିବା ସହିତ ବ୍ରତଧାରୀମାନେ କଠୋର ତପ ପଦର୍ଶନ କରିଥାନ୍ତି। ନିଆଁ ଗାଡ଼ରେ ଚଲିବା, କଣ୍ଟାରେ ଗଡ଼ିବା, ଶରୀର ବିଭିନ୍ନ ସ୍ଥାନରେ କୁଶ ବିଦ୍ଧ କରି ଅରଟିରେ ଘୁରିବା ଭଳି ଅସାଧରଣ କ୍ରୀୟା ପ୍ରଦର୍ଶନ ପୂର୍ବକ ଶ୍ରୀଶିବପାର୍ବତୀଙ୍କ ମହିମାମଣ୍ଡନ କରିଛନ୍ତି। ଦଣ୍ଡପର୍ବ ପାଳନକୁ ନେଇ ଇଟାମାଟି, ସିନ୍ଦୁରୀଆ, ଦୁର୍ଗାପ୍ରସାଦ, ଲାଠିପଡ଼ା, କଇଥଗାଡ଼ିଆ ସମେତ ଜିଲ୍ଲାର ଗାଁ ଗାଁରେ ଭାବ, ଭକ୍ତି ଓ ଉତ୍ସବର ପରିବେଶ ସୃଷ୍ଟି ହୋଇଛି।

ଓଡ଼ିଆ ନବବର୍ଷ ଅବସରରେ ବହୁବିଧ କାର୍ଯ୍ୟକ୍ରମ

ବାଲେଶ୍ୱର, (ସବ୍ୟୁ) : ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତୀ ଅବସରରେ ଆଜି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡ଼ିଆ ପରିବାର ପକ୍ଷରୁ ତୁଳସୀ ଚୌରାରେ ବସନ୍ତରା ହାଣ୍ଡିରେ ଜଳ, ଆମ୍ରପତ୍ର ଦିଆଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଘରେ ଘରେ ବେଲପଣା ପ୍ରସ୍ତୁତ କରାଯାଇଥିଲା। ପଣା ସଂକ୍ରାନ୍ତୀ ଅବସରରେ ବିଭିନ୍ନ ଗ୍ରାମରେ ଥିବା ଗ୍ରାମଦେବତୀ, ବେଲ ମଙ୍ଗଳା, ମା ତାରିଣୀ, ବୁଢୀ ମଙ୍ଗଳା, ବିଲ୍ୱ ମଙ୍ଗଳା, ତେନ୍ତୁଳିଆ ଠାକୁରାଣୀଙ୍କ ପୀଠରେ ଚଣ୍ଡୀପାଠ, ଷୋଡ଼ଶ ଉପଚାର ପୂଜା, ଯଜ୍ଞ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ଆଜି ଠାରୁ ବୈଶାଖମାସ ଆରମ୍ଭ ହେଉଥିବାରୁ ବିଭିନ୍ନ ସ୍ଥାନରେ ବୈଶାଖୀ ମହୋତ୍ସବ, ପୁସ୍ତକ ଉନ୍ମୋଚନ ଆଦି କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଯାଇଛି । ବଙ୍ଗୀୟ ପରିବାର ପକ୍ଷରୁ ପହିଲା ବୈଶାଖ ଓ ଶିଖ ସମ୍ପ୍ରଦାୟ ପକ୍ଷରୁ ବୈଶାଖି ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗୁରୁଦ୍ୱାରରେ କୀର୍ତ୍ତନ, ଗୁରୁଗ୍ରନ୍ଥ ସାହିବ ପାଠ, ସର୍ବତବଣ୍ଟନ ଓ ଲଙ୍ଗର ବ୍ୟବସ୍ଥା କରାଯାଇଥିଲା । ତେଲଗୁ ଭାଷାଭାଷୀମାନେ ଉଗାଡ଼ି ପର୍ବପାଳନ କରିବା ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ନବବର୍ଷର ପରିଧାନ କରି ଦେବଦର୍ଶନ କରିଥିଲେ । ପଣା ସଂକ୍ରାନ୍ତୀ ଅବସରରେ ଫୁଲାଡ଼ି ଠାରେ ଉଡ଼ାପର୍ବ ଓ କଣ୍ଟାପାଟ ଉତ୍ସବ ପାଳନ କରାଯାଇଥିଲା ।

ଭୁବନେଶ୍ୱରର କେଶରୀ ହୋଟେଲରେ ଅନୁଷ୍ଠିତ ଏକ ପୁରସ୍କାର ପ୍ରଦାନ ଉତ୍ସବରେ କଟକର ସିମରିଙ୍ଗ ଷ୍ଟାର ସ୍କୁଲର ଏଲକେଜି ଛାତ୍ର ହିମାଂଶ ସାହୁଙ୍କୁ ଜି-ସନ ଅଲିମ୍ପିଆଡ ରାଜ୍ୟ ଚମ୍ପିଆନସିପ୍ ପୁରସ୍କାର ୨୦୨୩-୨୪ରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ସାର୍ଟିଫିକେଟ ଅଫ ମେରିଟ ପ୍ରଦାନ କରାଯାଇଛି ।

ବୋଲେରୋ-ବାଇକ୍ ଧକ୍କା : ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

କେନ୍ଦୁଝର,(ସ୍ୱପ୍ର) : କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନୟର ଜାତୀୟ ରାଜପଥର ହାତୀବାରି ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ସହ ବୋଲେରୋର ମୁହାଁମୁହିଁ ଧକ୍କା ହେବାରୁ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିଲିଦା ଗ୍ରାମର ପ୍ରକାଶ ଚନ୍ଦ୍ର ନାଏକ ଓ ତାଙ୍କ ପତ୍ନୀ ଏକ ବାଇକ୍ରେ ତୁରୁମୁଙ୍ଗାରୁ ନିଜ ଘରକୁ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ବୋଲେରୋ ସହ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ପ୍ରକାଶଙ୍କମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଘଟଣାରେସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବାରୁ ତୁରୁମୁଙ୍ଗା ପୁଲିସ ପହଞ୍ଚି ଉଭ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା।

ବ୍ୟକ୍ତିଗତ ଜାଗା ଉପରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ବିରୋଧ

ତିହିଡି,(ସବ୍ୟୁ): ତିହିଡି ବ୍ଲକ ଅନ୍ତର୍ଗତ ମହରମପୁର ପଞ୍ଚାୟତ ବଳସାହିରେ ବ୍ୟକ୍ତିଗତ ଜାଗା ଉପରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ବିରୋଧ କରାଯାଇଛି । ଏଥିନେଇ ତିହିଡି ବିଡିଓଙ୍କ ଠାରେ ଲିଖିତ ଭାବେ ଅଭିଯୋଗ କରାଯାଇଛି । ପ୍ରକାଶ ଯେ, ମହରମପୁର ବଳସାହିରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ୨ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଉଛି । ତେବେ ଏହା ସେମାନଙ୍କ ବ୍ୟକ୍ତିଗତ ଜାଗା ଉପରେ ନିର୍ମାଣ କରାଯାଉଛି ବୋଲି ଅଲେଖ ଚରଣ ବେହେରା ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ ସେମାନେ ହେଉଛନ୍ତି ୩ ଭାଇ ଏବଂ ପ୍ଲଟ ନଂ-୧୪୪୯, ଖାତା ନଂ-୭୯ରେ ଏକ ଜାଗା ସେମାନଙ୍କ ନାଁରେ ରହିଛି । ଏହି ଜାଗାକୁ ନେଇ ଏକ ପାର୍ଟିସନ କେସ ନଂ-୧୫୦୬/୨୩ ମଧ୍ୟ ଏବେ କୋର୍ଟରେ ବିଚାରାଧୀନ ରହିଛି । ତେବେ ଏଭଳି ସ୍ଥିତିରେ ସରକାରୀ ଗାଇଡ ଲାଇନକୁ ସଂପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଇ କେଉଁ ପରିସ୍ଥିତିରେ ଓ କାହା ସ୍ୱାର୍ଥରେ ବ୍ୟକ୍ତିଗତ ଜାଗା ଉପରେ ସରକାରୀ ଅର୍ଥର ବିନିଯୋଗ କରାଯାଉଛି ତାହା ସେମାନଙ୍କୁ ଚକିତ କରିଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି । ଏଭଳି ବେଆଇନ ନିର୍ମାଣକୁ ସେ ବିରୋଧ କରୁଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁନାହାନ୍ତି । ତେଣୁ ବାଧ୍ୟହୋଇ ଶ୍ରୀ ବେହେରା ଏଥିନେଇ ବିଡିଓଙ୍କ ସମେତ ଜିଲ୍ଲାପାଳ, ପିଡି ଓ ତହସିଲଦାରଙ୍କ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଖଇରା ବ୍ଲକରେ ହନୁମାନ ଜୟନ୍ତୀ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଅଧୀନ ଖଇରା ବ୍ଲକରେ ପବିତ୍ର ମହାବିଷୁବ ସଂକ୍ରାନ୍ତୀ ଓ ହନୁମାନ ଜୟନ୍ତୀ ଭକ୍ତିଭାବଭରା ପରିବେଶ ମଧ୍ୟରେ ପାଳିତ ହୋଇ ଯାଇଛି । ସାରୁଗାଁ ବାସୁଳି ପୀଠରେ ୫୦୦ବର୍ଷ ଧରି ପାରମ୍ପରିକ ଭାବେ ପୂଜା ଓ ଉଡାପର୍ବ ପାଳିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ସଂକ୍ରାନ୍ତି ସଂଧ୍ୟାରେ ଦୀପଯଜ୍ଞ ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା । ଶ୍ରୀଧର ପଣ୍ଡା,ନିରଞ୍ଜନ ଦାସ,ନରସିଂହ ଶତପଥି ପ୍ରମୁଖ ମାଙ୍କର ପୂଜାର୍ଚ୍ଚନା କରିଥିଲେ । ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ବିଶିଷ୍ଟ ଆଇନଜୀବୀ ହରେକୃଷ୍ଣ ଦାସ ଉପସ୍ଥିତ ଥିଲେ । ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପୁଷ୍ଟିରା ହନୁମାନ ମନ୍ଦିରରେ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ ପୂଜା ଓ ଯଜ୍ଞକର୍ମ ସମ୍ପୂର୍ଣ୍ଣହୋଇ ଯାଇଛି । ପ୍ରଥମେ ବ୍ରତୀ ମାନଙ୍କ ଦ୍ୱାରା ଗ୍ରାମପୋଖରୀରୁ କଳସ ଅଣାଯାଇଥିଲା । ଜଗନ୍ନାଥ ପଣ୍ଡାଙ୍କ ରାମସୀତା,ହନୁମାନ ଓ ଶିବପାର୍ବତୀଙ୍କ ପୂଜା ସାଙ୍ଗକୁ ହୋମଯଜ୍ଞାଦି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ପର୍ଶୁରାମ ବେହେରା,ରତ୍ନାକର ବେହେରା,ଶିଶିର କୁମାର ନାୟକ,ଶଙ୍କର୍ଷଣ ରାୟ,ବାସନ୍ତୀଲତା ମହାପାତ୍ର,ତପନ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ସେହିଭଳି କାକୁଡିଆ ଠାରେ ମଧ୍ୟ ବଜରଙ୍ଗବଳୀଙ୍କ ପୂଜାର୍ଚ୍ଚନା ପାରମ୍ପରିକ ରିତିରେ ପାଳିତ ହୋଇ ଯାଇଛି । ଭୀମଚରଣ ନାୟକଙ୍କ ଦ୍ୱାରା କଳସ ଅଣାଯାଇଥିବା ବେଳେ କାଳିଆ ପଣ୍ଡା ଓ କୁନା ପଣ୍ଡାଙ୍କ ଦ୍ୱାରା ସଙ୍କଟମୋଚନଙ୍କୁ ଆରାଧନା କରାଯାଇଥିଲା ।

AFFIDAVIT

By virtue of an affidavit sworn before the court of the Executive Magistrate BBSR, dated. 12.04.2024. I Chanda Mani Singh, W/o- Ranjit Purty, Vill-Badam Talia, Po-Talgaon, P.S-Jamda, Dist-Mayurbhanj, Odisha declare that I have changed my surname from Chanda Mani Purty to Chanda Mani Singh. Henceforth I shall be known as Chanda Mani Singh for all purposes.

Sd/- Chanda Mani Singh

AFFIDAVIT

I Manoj kumar Khemka aged 54 yrs old S/O :Late Ramawatar Agrawal Residence:At C-1 Samleswari Apartment Badabazar Po/Ps :Khetrajpur,dist/Tehsil : Sambalpur,Odisha,Pin- 768003,do hereby solemnly affirm and declare by this affidavit no.248 , dated of 08.05.2023 that Manoj kumar Khemka and Manoj Khemka stands for same person myself.Hereforth from now I shall be known as Manoj kumar Khemka for all purpose.

Sd/- Manoj Kumar Khemka

LOST

I V Samir Kumar Raju, Rajnagar Street, Digapahandi, Ganjam-761012, have lost the Original Sale Deed-21765/2009, Previous Sale Deed-11608/2008 and Patta for Plot No.306/1697/4602 of Mauza-Patia, Bhubaneswar while travelling. If anyone finds, please inform me on 9861899999.

ଲାୟନ୍ସ କ୍ଲବ୍ ପକ୍ଷରୁ ଜଳଛତ୍ର ଶିବିର ଆରମ୍ଭ

ଭଦ୍ରକ,(ସବ୍ୟୁ): ଭଦ୍ରକର ଅଗ୍ରଣୀ ସେବା ସଂଗଠନ ଭାବେ ପରିଚିତ ଲାୟନ୍ସ କ୍ଲବ୍ ପକ୍ଷରୁ ଏକ ଜଳଛତ୍ର ଶିବିର ଶନିବାର ଠାରୁ ଆରମ୍ଭ ହୋଇଛି । ଦୀର୍ଘ ୪୫ଦିନ ଧରି ଏହି ଜଳଛତ୍ର ଚାଲୁ ରହିବ ବୋଲି ଲାୟାନ୍ସ କ୍ଲବର ସଭାପତି ଅଶୋକ ମହାନ୍ତି କହିଛନ୍ତି। ତେବେ ଆଜି ଏହି ଜଳଛତ୍ରକୁ ଭଦ୍

ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ପୋଲିସ ଡିଜି ଅରୁଣ ଷଡଙ୍ଗୀ

ଡକାୟତଙ୍କ ପାଖରୁ ମିଳିଲା

୧ କିଲୋ ସୁନା ଅଳଙ୍କାର, ନଗଦ ୩ ଲକ୍ଷ ଟଙ୍କା

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ୍ ୩ ଜଣ ଡକାୟତ ଓ ଜଣେ ଅଳଙ୍କାର ଦୋକାନୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧ କିଲୋ ସୁନା ଅଳଙ୍କାର, ୧୩୦୦ ଗ୍ରାମ୍ ରୁପା ଅଳଙ୍କାର ଓ ନଗର ୩ ଲକ୍ଷ ୨୫ ହଜାର ଟଙ୍କା ଜବତ କରିଛି। ଗିରଫ ୩ ଜଣ ଅପରାଧୀ ଡକାୟତି, ଚୋରି ଓ ଲୁଟ୍ ଭଳି ଅପରାଧ କରନ୍ତି ବୋଲି ପୋଲିସ୍ କମିଶନର ସଞ୍ଜୀବ ପଣ୍ଡା ସମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଶନରଙ୍କ ସହ ଡିସିପି ପ୍ରତୀକ ସିଂ ଉପସ୍ଥିତ ଥିଲେ।

ଜଗତସିଂହପୁର ପାରାଦୀପ ଅଞ୍ଚଳର ଶୁଭ୍ରକାନ୍ତ ବେହେରା ଓରଫ କାଜଲ (୩୩), ସେହି ଜଗତସିଂହପୁର ଜିଲ୍ଲାର ବାରଗଦ। ଖଣ୍ଡିଆସାହିର ମଧୁସୂଦନ ମହାନ୍ତି ଓରଫ ମଧୁ (୩୪) ଓ ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ବିଶ୍ୱଜିତ୍ ଦାସ ଓରଫ ବିଟୁ (୩୨) ମିଶି ଅପରାଧ ଘଟାଇଥାନ୍ତି। ଏହି ଗ୍ୟାଙ୍ଗ୍ ଡକାୟତି, ଚୋରି ଓ ଲୁଟରୁ ଯେଉଁ ସୁନା ଓ ରୁପା ଅଳଙ୍କାର ପାଆନ୍ତି ତାକୁ ନେଇ ପାରାଦୀପ ଜଗନ୍ନାଥ ଜ୍ୱେଲାରୀର ମାଲିକ ସୁଦାମ ଚରଣ ସାହୁଙ୍କୁ ବିକ୍ରି କରିଥାନ୍ତି। ଚୋରି ଜିନିଷ କିଣିବା ଅଭିଯୋଗରେ ଏମାନଙ୍କ ସହ ସୁଦାମ ମଧ ଗିରଫ ହୋଇଛି।

ଏହି ତିନିଜଣିଆ ଗ୍ୟାଙ୍ଗ୍ ସହ ଅନ୍ୟ କେଉଁମାନେ ଅଛନ୍ତି ତା' ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଗିରଫ ୩ ଜଣ ଅପରାଧୀଙ୍କୁ ରିମାଣ୍ଡରେ ଆଣିବ ପୋଲିସ। ଏମାନେ କିପରି ଚୋରି, ଡକାୟତି କରନ୍ତି ରିକ୍ରିଏସନ୍ ମାଧ୍ୟମରେ ପୋଲିସକୁ ଦେଖାଇବା ପରେ ୪ ଜଣଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏହି ଗ୍ୟାଙ୍ଗ୍ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ନନ୍ଦନକାନନ, ଇନ୍‌ଫୋସିଟି ଥାନା ଅଞ୍ଚଳରେ ଚୋରି ଓ ଲୁଟ୍ କରିଥିବା ପୋଲିସ୍ କହିଛି। ଭୁବନେଶ୍ୱର ସମେତ ଅସ୍ତରଙ୍ଗ, ବଳଙ୍ଗା, କୋଣାର୍କ, ଭଣ୍ଡାରୀପୋଖରୀ ପ୍ରଭୃତି ଥାନାରେ ଏମାନଙ୍କ ନାମରେ ମାମଲା ରହିଛି। ଓଡ଼ିଶାର ଖୋର୍ଦ୍ଧା, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼ ଜିଲ୍ଲାରେ ଏମାନଙ୍କ ନାଁରେ ଚୋରି, ଡକାୟତି ଓ ଲୁଟ୍ ମାମଲା ରହିଛି।

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର କାନନବିହାରରେ ରହୁଥିବା ଉମାକାନ୍ତ ନାୟକ ଓ ତାଙ୍କ ସାଙ୍ଗଙ୍କ ଘରୁ ଗତ ୩୦ ତାରିଖ ଦିନ ଚୋରି କରିଥିବା ପୋଲିସ କହିଛି। ଉମାକାନ୍ତ ନାୟକଙ୍କ ଏତଲାକୁ ଭିତ୍ତି କରି ଚନ୍ଦ୍ରଶେଖରପୁର ଥାନା ପୋଲିସ ଓ ଡିସିପିଙ୍କ ସ୍କ୍ୱାଡ ତଦନ୍ତ କରୁଥିବାବେଳେ କାଜଲ ଓ ମଧୁ ଗ୍ୟାଙ୍ଗର ସନ୍ଧାନ ମିଳିଥିଲା। ଏମାନଙ୍କୁ ରିମାଣ୍ଡରେ ଆଣି ପଚରା ଉଚରା କରିବା ପରେ ଅଧିକ ଅପରାଧ ରହସ୍ୟ ଜଣାପଡ଼ିବ ବୋଲି ପୋଲିସ କମିଶନର କହିଛନ୍ତି। କୋର୍ଟଚାଲାଣ ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ୪ ଜଣଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

ଫିକି ଫ୍ଲୋ-ଭୁବନେଶ୍ୱରର ଏକ ଅଭିନବ କାର୍ଯ୍ୟକ୍ରମ : 'ସଂଯୋଗ ରୁ ବିଜୟ'

ଭୁବନେଶ୍ୱର (ସବ୍ୟୁ): ଫିକି ଫ୍ଲୋ-ଭୁବନେଶ୍ୱର ଆନୁକୂଲ୍ୟରେ ଚଳିତ ଆର୍ଥିକ ବର୍ଷର ପ୍ରଥମ କାର୍ଯ୍ୟକ୍ରମ 'ସଂଯୋଗରୁ ବିଜୟ' (କନେକ୍ଟ ଏବଂ କନ୍‌କ୍ୟୁୟର-ନୋ ଏବଂ ଗେଟ୍ ନୋନ୍) ୨୦୨୪ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ରଶ୍ମି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ଓଡ଼ିଶା ଦକ୍ଷତା ବିକାଶ କେନ୍ଦ୍ରର ଅଧକ୍ଷା ତଥା ଭ୍ୟାଲୁ ସ୍କିଲ୍ ସେଣ୍ଟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଣୀ ଶ୍ରୀମତୀ ଅଳକା ମିଶ୍ର। ଚଳିତ ଆର୍ଥିକ ବର୍ଷରେ ଫିକି ଫ୍ଲୋ-ଭୁବନେଶ୍ୱର ର ଏହା ପ୍ରଥମ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏହାର ଥିମ୍ ଥିଲା 'ସଂଯୋଗରୁ ବିଜୟ'। ସମ୍ପର୍କ ଗଢିବା ଓ ଜ୍ଞାନ ବାଢ଼ିବା ବିଷୟ ବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ଏକ ସ୍ୱତନ୍ତ୍ର ନୃତ୍ୟରୁ। ଗୁରୁ ଗଙ୍ଗାଧର ଗୋଟିପୁଅ ଗୁରୁକୁଳର ନୃତ୍ୟଶିଳ୍ପୀ ମାନେ ଏହି ନୃତ୍ୟ ମାଧ୍ୟମରେ ସୂଚିତ କରିଥିଲେ ଯେ ନାରୀ ଯେ କୌଣସି ଗୁଣରେ କମ୍ ନୁହେଁ। ଆଉ ନାରୀ ହିଁ ସକଳ ଶକ୍ତିର ଆଧାର । ନିଜ ଭିତରେ ଥିବା ପ୍ରତିଭାକୁ ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦକ୍ଷତାର ସହ ବିକାଶ କରିବା ପାଇଁ ପ୍ରଚୁର ଆତ୍ମବିଶ୍ୱାସ ଓ ଉତ୍ସାହର ଆବଶ୍ୟକତା ଅଛି ବୋଲି ପ୍ରକାଶ କରିଥିଲେ ମୁଖ୍ୟ ଅତିଥି ଶ୍ରୀମତୀ ମିଶ୍ର। ଏହି କାର୍ଯ୍ୟକ୍ରମରେ ଫିକି ଫ୍ଲୋ-ଭୁବନେଶ୍ୱରର ପ୍ରତିଷ୍ଠାତା ଅଧକ୍ଷା ଧରିତ୍ରୀ ପଟ୍ଟନାୟକ ଚଳିତବର୍ଷର ଅଧକ୍ଷା ପଟ୍ଟନାୟକ ସଂପାଦିକା, ଓ ଶ୍ରୀମତୀ ଗୁନ ଚନ୍ଦକ୍ ଯୁଗ୍ମ- ସଂପାଦିକା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଅଧକ୍ଷା ଶ୍ରୀମତୀ ସାହୁ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକଳାପ ପରେ ଆଲୋକପାତ

ଶ୍ରୀମତୀ ରଶ୍ମି ସାହୁ ଙ୍କୁ ସ୍ୱର୍ଣ୍ଣ ପଦକ ପିନ୍ଧାଇ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ, ଓଡ଼ିଶାର ବିଶିଷ୍ଟ ମହିଳା ଉଦ୍ୟୋଗପତୀ ଶ୍ରୀମତୀ ରଶ୍ମି ସାହୁ ୨୦୨୪-୨୫ ବର୍ଷରେ ଏହି ଅନୁଷ୍ଠାନକୁ ବହୁ ଆଗକୁ ନେଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଏତଦ୍‌ବ୍ୟତୀତ ଚଳିତବର୍ଷ ଡ଼ା.ପ୍ରଜ୍ଞା ପାରମିତା ମିଶ୍ର ବରିଷ୍ଠ ଉପାଧକ୍ଷା, ଶ୍ରୀମତୀ ପଦ୍ମମୀ ମାନୁ ଉକିଲ ଉପାଧକ୍ଷା, ଶ୍ରମତୀ ଅପର୍ଣ୍ଣା ମିଶ୍ର କୋଷାଧକ୍ଷା, ଶ୍ରୀମତୀ ସୋନିଆ ଗୁଗ୍‌ନାନୀ ଯୁଗ୍ମ-କୋଷାଧକ୍ଷା, ଶ୍ରୀମତୀ ଶ୍ରାବଣୀ କରିବା ସହ ଓଡ଼ିଶାର ଗ୍ରାମୀଣ ମହିଳା ମାନଙ୍କର ଦକ୍ଷତା ବିକାଶ ପାଇଁ ଅନେକ ଅନୁଷ୍ଠାନ ସହ ସହବନ୍ଧିତ ହୋଇ କାର୍ଯ୍ୟକ୍ରମ କରିବା ସହ ମିଲେଟ୍ ମିସନ୍, ମିଶନ୍ ଶକ୍ତି, ଓର୍‌ମାସ୍ ସହାୟତା ମାଧ୍ୟମରେ ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରକାଶ କରିଥିଲେ। ୧୦୦ ରୁ ଉର୍ଦ୍ଧ୍ୱ ଫିକି ଫ୍ଲୋ ସଦସ୍ୟା ମାନଙ୍କ ନେଟ୍‌ୱାର୍କ, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ଏହି କାର୍ଯ୍ୟକ୍ରମରେ ଅନେକ ଆଲୋଚନା ମଧ୍ୟ ହୋଇଥିଲା।

ବିଜେଡ଼ିର ମହିଳା ସମାବେଶ

୩ ଟିପ୍ପରେ ଆମେ ଜିତିବା ନିର୍ବାଚନ : ସଂତୃପ୍ତ

କଟକ(ସବ୍ୟୁ): ବର୍ତ୍ତମାନ ନିର୍ବାଚନ ପୂର୍ବରୁ ଏଥିପାଇଁ ପ୍ରସ୍ତୁତି ଚାଲିଛି। ଏହି ପ୍ରସ୍ତୁତି ଆପଣମାନେ କିପରି କରିବେ? ତିନୋଟି କଥାକୁ ମନେ ରଖିବାକୁ ପଡ଼ିବ। ପ୍ରଥମ କଥା ହେଲା ଜାଣନ୍ତୁ। କାହାକୁ? ନିଜ ପ୍ରାର୍ଥୀଙ୍କୁ। ନିଜ ପ୍ରାର୍ଥୀଙ୍କ ବିଷୟରେ। ଦ୍ୱିତୀୟରେ କୁହନ୍ତୁ। କଣ କହିବେ? ନିଜ ଦଳ ବିଷୟରେ। ଦଳ ବା ସରକାରରେ ଥିଲାବେଳେ ଆମ ଦଳ ଯେଉଁସବୁ ଯୋଜନା କରିଥିଲା ସେ ସମ୍ପର୍କରେ। ନିଜ ପ୍ରାର୍ଥୀଙ୍କ ସମ୍ପର୍କରେ। ନିଜ ପ୍ରାର୍ଥୀଙ୍କ ସମ୍ପର୍କରେ କେହି ଯଦି ୟାଡୁସ୍ୟାଡୁ କହୁଛି ତାହାର ମଧ୍ୟ ଜବାବ ଦିଅନ୍ତୁ। ତୃତୀୟରେ ବା ଶେଷରେ ପଛରେ ପଡ଼ିଯାଆନ୍ତୁ। ଯାହାକି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରଥମ ଦୁଇଟି କଥା ପରେ ଶେଷଟି ହେଉଛି ଶଙ୍ଖ ଚିହ୍ନରେ କିପରି ସାଧାରଣ ଭୋଟର ଭୋଟ୍ ଦେବେ ସେନେଇ ସେମାନଙ୍କ ପଛରେ ପଡ଼ିଯାଆନ୍ତୁ । ଶନିବାର ମହିଳା ସମାବେଶରେ ନିର୍ବାଚନ ଜିତିବାର ଏହିଭଳି ଏକ ମନ୍ତ୍ର ଦେଇଛନ୍ତି କଟକର ବିଜେଡ଼ି ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର। ଶାରଳା ଭବନଠାରେ ଜିଲ୍ଲା ସଭାପତି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହିଳା ସମାବେଶରେ ସାଂସଦ ସତୃପ୍ତ ମିଶ୍ର ସେଠାରେ ଉପସ୍ଥିତ ମହିଳା କର୍ମୀଙ୍କୁ ଜିତିବାର କଳା ଶିଖାଇବା ସହ ତୃଣମୂଳ ସ୍ତରରେ କିପରି କାର୍ଯ୍ୟ କରିବେ ସେ ନେଇ ଟିପ୍ସ ଦେଇଥିଲେ । ବିଜେଡ଼ିର ବାରବାଟୀ-କଟକରୁ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା । ଏହି ଅବସରରେ ମହିଳା କର୍ମୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ବିଜେଡ଼ିର ଯଦି ସବୁଠାରୁ କୌଣସି ବଡ଼ଶକ୍ତି ଥାଏ ତାହା ହେଉଛନ୍ତି ମହିଳା । ମହିଳାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ବିଜେଡ଼ି ସବୁଠାରୁ ଅଧିକ ସମ୍ମାନ ଦେଇଆସିଛି। ବିଜେଡ଼ି ମଧ୍ୟ ମହିଳାଙ୍କ ଉପରେ ଅଧିକ ଭରସା କରିଛି। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ ଏହିମହିଳା ସମାବେଶରେ ଶ୍ରୀ ବେହେରା କହିଥିଲେ ଯେ, ବିରୋଧୀ ଦଳମାନେ ତାଙ୍କ ବିରୋଧରେ ଏବଂ ଏମ୍‌ପି ପ୍ରାର୍ଥୀଙ୍କ ବିରୋଧରେ ବିଭିନ୍ନ ଅପପ୍ରଚାର କରୁଛନ୍ତି। କାହାକୁ ବ୍ୟକ୍ତିଗତ ଭାବେ ଆପେକ୍ଷ ନକରି ଏହାର କଡ଼ା ଜବାବ ଦେବାକୁ ସେ ମହିଳା କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କେବଳ କଟକ ସହରର ବିକାଶର କଥା, ଦଳର କଥା, ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆମର ଶକ୍ତି ହେଉଛନ୍ତି ମହିଳା : ପ୍ରକାଶ

ବାରବାଟୀ-କଟକରୁ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ମହିଳା କର୍ମୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ବିଜେଡ଼ିର ଯଦି ସବୁଠାରୁ କୌଣସି ବଡ଼ଶକ୍ତି ଥାଏ ତାହା ହେଉଛନ୍ତି ମହିଳା । ମହିଳାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ବିଜେଡ଼ି ସବୁଠାରୁ ଅଧିକ ସମ୍ମାନ ଦେଇଆସିଛି। ବିଜେଡ଼ି ମଧ୍ୟ ମହିଳାଙ୍କ ଉପରେ ଅଧିକ ଭରସା କରିଛି। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ ଏହିମହିଳା ସମାବେଶରେ ଶ୍ରୀ ବେହେରା କହିଥିଲେ ଯେ, ବିରୋଧୀ ଦଳମାନେ ତାଙ୍କ ବିରୋଧରେ ଏବଂ ଏମ୍‌ପି ପ୍ରାର୍ଥୀଙ୍କ ବିରୋଧରେ ବିଭିନ୍ନ ଅପପ୍ରଚାର କରୁଛନ୍ତି। କାହାକୁ ବ୍ୟକ୍ତିଗତ ଭାବେ ଆପେକ୍ଷ ନକରି ଏହାର କଡ଼ା ଜବାବ ଦେବାକୁ ସେ ମହିଳା କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କେବଳ କଟକ ସହରର ବିକାଶର କଥା, ଦଳର କଥା, ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସେ କହିଥିଲେ।

ଏହି ସମାବେଶରେ କଟକ ମହାନଗର ସଭାପତି ମଧୁସୂଦନ ସାହୁ, କଟକ ମହିଳା ଜିଲ୍ଲା ସଭାପତି ଜ୍ୟୋସ୍ନା ବେହେରା, କଟକ ନଗର ମହିଳା ସଭାପତି ପୂର୍ଣ୍ଣିମା ସିଂହ, ଜିଲ୍ଲାପରିଷଦ ଉପାଧକ୍ଷା ସୁଭଦ୍ରା ଦାସ, ରାଜ୍ୟ ଉପସଭାପତି ସମ୍ପନ୍ନି ମୋଡା ଓ ବିଜୁ ଜନତା ଦଳର ମହାସଚିବ ଇପସିତା ଦାସ ଏବଂ ମହିଳା କର୍ପାରେଟରମାନେ ଉପସ୍ଥିତ ଥିଲେ ।

ଆଲମଣ୍ଡର ଉତ୍କୃଷ୍ଟତା ସହିତ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ

ଭୁବନେଶ୍ୱର (ସବ୍ୟୁ) : ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପ୍ରତ୍ୟେକ ବର୍ଷ ଅପ୍ରେଲ ୭ତାରିଖରେ ପାଳନ କରାଯାଏ ଏବଂ ଚଳିତ ବର୍ଷର ମୁଖ୍ୟ ପ୍ରସଙ୍ଗ ରହିଛି 'ମୋ ସ୍ୱାସ୍ଥ୍ୟ ମୋ ଅଧିକାର' । ପୁଷ୍ଟିକର ଆଲମଣ୍ଡକୁ ଆମ ଖାଦ୍ୟ ଧାରାରେ ସଂଯୋଗ କରିବା ଦ୍ୱାରା ଏହା ଆମକୁ ଅନେକ ଗୁଡ଼ିଏ ସ୍ୱାସ୍ଥ୍ୟ ଜନିତ ଉପକାରିତା ପ୍ରଦାନ କରିଥାଏ ଯେପରିକି ରକ୍ତ ଶର୍କରା ନିୟନ୍ତ୍ରଣରେ ଉନ୍ନତି, ହୃଦ୍‌ରୋଗ ଜନିତ ସ୍ୱାସ୍ଥ୍ୟ, ଚର୍ମ ସ୍ୱାସ୍ଥ୍ୟ ତଥା ଓଜନର ପରିଚାଳନାରେ ସାହାଯ୍ୟ କରିଥାଏ। ଭିଟାମିନ୍ ଇ, ମାଗ୍ନେସିୟମ, ପ୍ରୋଟିନ, ରାଇବୋଫ୍ଲାବିନ୍ ତଥା ଜିଙ୍କ ଭଳି ୧୫ଟି ଅତ୍ୟାବଶ୍ୟକ ପୋଷଣରେ ଭରପୂର ଆଲମଣ୍ଡ ସାମଗ୍ରିକ ସୁସ୍ଥତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭାବେ କାର୍ଯ୍ୟ କରିଥାଏ। ଆଲମଣ୍ଡରେ ଭରି ରହିଥିବା ମାଗ୍ନେସିୟମ, ପ୍ରୋଟିନ ଏବଂ ଭିଟାମିନ୍ ବି୨ ଏବଂ ଭିଟାମିନ-ଇ ଶରୀରର ଶକ୍ତିସ୍ତର ବଜାୟ ରଖୁଥିବାବେଳେ ଏଥିରେ ରହିଥିବା କପର, ଜିଙ୍କ, ଫୋଲେଟ୍ ଏବଂ ଆଇରନ ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାନ୍ତି ।

ଚିକିତ୍ସା କ୍ଷେତ୍ରରେ ଟେଲିମେଡିସିନ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ହିଁ ଭବିଷ୍ୟତ ନିର୍ଦ୍ଧାରଣ କରିବ

ଭୁବନେଶ୍ୱର (ସବ୍ୟୁ): ଅପହଞ୍ଚ ଇଲାକାରେ ଟେଲିମେଡିସିନ୍ ହିଁ ଜନସାଧାରଣଙ୍କର ଚିକିତ୍ସା କ୍ଷେତ୍ରରେ ସହାୟକ ହୋଇପାରିବ। ଏଥି ନିମନ୍ତେ ଚିକିତ୍ସା ବିଜ୍ଞାନ (ମେଡିସିନ୍) ଓ ଇଞ୍ଜିନିୟରିଂ ଏକତ୍ର ହୋଇ ସମାଜର ହିତ ପାଇଁ କାର୍ଯ୍ୟ କରିବା ଉଚିତ୍ ବୋଲି ଚିକିତ୍ସା ବିଶେଷଜ୍ଞ ତଥା ଟେଲିମେଡିସିନ୍ ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ଡାକ୍ତର ରାମାସାମୀ କିମ୍ କହିଛନ୍ତି । ଟେଲିମେଡିସିନ ସୋସାଇଟି ଅଫ୍ ଇଣ୍ଡିଆ (ଓଡ଼ିଶା ଚାପ୍ଟର) ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମିଳିତ ଆନୁକୂଲ୍ୟରେ ଟିଏସ୍‌ଆଇ ଓଡ଼ିଶା ଶାଖାର ୧୨ ତମ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡାକ୍ତର କିମ୍ କହିଛନ୍ତି ଯେ କୋଭିଡ ମହାମାରୀର ପରିସ୍ଥିତି ଟେଲି ମେଡିସିନ୍‌କୁ ପ୍ରତ୍ୟେକ ବ୍ୟକ୍ତିଙ୍କ ସହ ଯୋଡିଛି। ଯଦିଓ ଏ କ୍ଷେତ୍ରରେ ଅନେକ ଆହ୍ୱାନ ରହିଛି ତଥାପି ଏହାର ସମାଧାନ କିପରି କରାଯାଇପାରିବ ସେ ଦିଗରେ ଆମେ ସଚେତନ ହେବା ଆବଶ୍ୟକ। ତେବେ ଏ କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଅନେକ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି ।

ସେହିପରି ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଡାକ୍ତର କିମ୍ କହିଛନ୍ତି ଯେ ସେମାନେ ଯେଉଁ ସ୍ମାର୍ଟଫୋନ୍ ହାତରେ ଧରିଛନ୍ତି ତାହାର ଅନ୍ୟ ବ୍ୟବହାର ନ କରି ସମାଜର ହିତ ପାଇଁ କାର୍ଯ୍ୟରେ ଲଗାନ୍ତୁ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗଦେଇଥିଲେ । ଗ୍ରାମାଂଚଳରେ ଟେଲି ମେଡିସିନ୍‌ର ଅନେକ ଆବଶ୍ୟକତା ରହିଛି ବୋଲି କହିବା ସହ କୋଭିଡ ସମୟରେ ଟେଲିମେଡିସିନ୍ ଅନେକ ଜୀବନ ବଂଚାଇ ପାରିଛି ବୋଲି ସେ କହିଛନ୍ତି । ଏହି ଅବସରରେ ଟିଏସ୍‌ଆଇ ଓଡ଼ିଶା ଶାଖାର ସଭାପତି ଡାକ୍ତର ରାମନାଥ ମିଶ୍ର ମେଡିକାଲ୍ କଲେଜ ଗୁଡ଼ିକରେ ଚିକିତ୍ସା ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଟେଲିମେଡିସିନ୍‌ର ଅନେକ ଗୁରୁତ୍ୱ ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଟେଲିମେଡିସିନ୍ ନେଟ୍‌ୱାର୍କ ନିମନ୍ତେ ଉପଦେଷ୍ଟା ତଥା ଏହି ସମ୍ମିଳନୀର ସଂଯୋଜକ ଡକ୍ଟର ବିଶ୍ୱ ନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ।

ଆମ୍‌ପ୍ରଚାର କରିବାକୁ କଳାକାରଙ୍କୁ ବ୍ୟବହାର କରୁଛି ବିଜେଡ଼ି

ଭୁବନେଶ୍ୱର (ସବ୍ୟୁ): ବର୍ଷର ବିଜେଡି ଶାସନରେ ସର୍ବାଧିକ ଅବହେଳିତ ହୋଇଛନ୍ତି କଳା ଜଗତ ଓ ମନୋରଞ୍ଜନ ଶିଳ୍ପ ସହିତ ଜଡିତ ରାଜ୍ୟର ଅଗଣିତ କଳାକାର ଭାଇ ଭଉଣୀମାନେ । ରାଜ୍ୟରେ ଚଳଚିତ୍ର ଜଗତ ସମେତ ପ୍ରଭୁ ଶ୍ରୀ ଜଗନ୍ନାଥ ସଂସ୍କୃତି ସହ ଜଡିତ ଥିବା ଓ ବଂଚାଇ ରଖିଥିବା ସଂକୀର୍ତନ, ପାଲା, ଦାସକାଠିଆ କଳାକାରମାନେ ବିଜେଡି ସରକାରର ଅବହେଳା ଓ ପ୍ରତାରଣାର ଶିକାର ହୋଇ ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି । ଆତ୍ମପ୍ରଚାର ପାଇଁ ବିଜେଡ଼ି କଳାକାର ଜଗତର ବ୍ୟବହାର କରୁଛି । କଳାଜଗତ ସହ ଜଡିତ କଳାକାର ଭାଇଭଉଣୀଙ୍କ

ପାଇଁ କିଛି କରିନାହାଁନ୍ତି। ଶୁକ୍ରବାର ହଠାତ୍ ମୁଖ୍ୟମନ୍ତ୍ରୀ ସିନେ କଳାକାରଙ୍କୁ ଭେଟି ଆଲୋଚନା କରିବା ପ୍ରସଙ୍ଗ ସଂପୂର୍ଣ୍ଣ ଛଳନାତ୍ମକ ଥିଲା । ଓଡିଶାରେ କେବଳ ଜଣେ ତାରକା ଏବଂ ସେ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୋଲି ବିଜେଡି ବାରମ୍ବାର କହିଆସିଛି। ତାହେଲେ ଆଜି ରିୟଲ ତାରକାଙ୍କ ଆବଶ୍ୟକ କାହିଁକି କରୁଛି ? ବିଜେଡି ଏବେ ସେଲିବ୍ରିଟି ଶୂନ୍ୟ। ଦଳୀୟ ଆଧାରରେ କଳାକାରଙ୍କୁ ଭାଗ ଭାଗ ପାଇଁ ଚେଷ୍ଟା କରୁଛି ଶାସକ ବିଜେଡି ବୋଲି ଶ୍ରୀମତୀ ପିଙ୍କି ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜି କଳାକାରମାନଙ୍କୁ ୪୫୦୦ଟଙ୍କା ଭତା ଦେଉଥିବାବେଳେ ଓଡିଆ କଲାକାରଙ୍କୁ ନବୀନ ବାବୁ ଦେଉଛନ୍ତି ମାତ୍ର ୨୦୦୦ଟଙ୍କା, ଯାହା ଅତ୍ୟନ୍ତ ଲଜ୍ୟାର ବିଷୟ। ପଡୋଶୀ ଆନ୍ଧ୍ର, ତେଲେଙ୍ଗାନା, ତାମିଲନାଡୁ ରାଜ୍ୟ ସରକାର କଳାକାରଙ୍କ ପା

ଅମିତ ଶାହଙ୍କ ବିରୋଧରେ ଲଢିବେ ସୋନଲ ପଟେଲ୍

ଗାନ୍ଧିନଗର: ଗୁଜରାଟର ଗାନ୍ଧିନଗର ଆସନରୁ ଲଢୁଛନ୍ତି ବିଜେପି ନଂ୨ ନେତା ଅମିତ ଶାହା । ତାଙ୍କ ବିପକ୍ଷରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ସୋନଲ ପଟେଲ । ଏହି ଲଢେଇ ସଂପର୍କରେ ସୋନାଲ ପଟେଲ କହିଛନ୍ତି ଯେ ଏହି ଆସନରୁ ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ଅମିତ ଶାହାଙ୍କ ବିରୋଧରେ ଲଢିବାକୁ ତାଙ୍କର କୌଣସି ଦ୍ୱିଧା ନାହିଁ । ଏଆଇସିସି ସମ୍ପାଦକ ତଥା ମୁମ୍ବାଇ ଓ ପଶ୍ଚିମ ମହାରାଷ୍ଟ୍ର ପାଇଁ ଦଳର ସହ ପ୍ରଭାରୀ ସୋନାଲ ପଟେଲ (୬୨) ଦାବି କରିଛନ୍ତି ଯେ ବିଜେପି ଲୋକଙ୍କ ଆକାଂକ୍ଷା ପୂରଣ କରିବାରେ ବିଫଳ ହୋଇଥିବାରୁ ବିଜେପି ବିରୋଧରେ ସରକାର ବିରୋଧୀ ଲହର ଚାଲିଛି । ଶାସକ ଦଳ ତାଙ୍କ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ କର୍ମୀଙ୍କୁ ଭୟଭୀତ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି । ମୁଁ ମହାରାଷ୍ଟ୍ରରେ କଂଗ୍ରେସ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ମୁଁ ଦଳରୁ ଟିକେଟ ମାଗିନଥିଲି । କିନ୍ତୁ ଦଳ ମୋତେ ଗାନ୍ଧୀନଗରରୁ ପ୍ରାର୍ଥୀ କରିଥିଲା ଏବଂ ମୁଁ ଏହାକୁ ଗ୍ରହଣ କରିଥିଲି । ସେ ଅଭିଯୋଗ କରିଛନ୍ତି, ଆମ କର୍ମୀମାନଙ୍କୁ ଭୟଭୀତ କରାଯାଉଛି, କେହି ଆମ ଦଳର କର୍ମକର୍ତ୍ତାମାନଙ୍କ ସଭା ପାଇଁ ଜାଗା ଭଡ଼ାରେ ଦେବାକୁ ରାଜି ନୁହଁନ୍ତି ।

୪ ଭାରତୀୟ ବଂଶୋଦ୍ଭବଙ୍କୁ ଆଜୀବନ

ଲଣ୍ଡନ: ବ୍ରିଟେନରେ ଚାରିଜଣ ଭାରତୀୟ ବଂଶୋଦ୍ଭବଙ୍କୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଛି । ଜଣେ ୨୩ ବର୍ଷୀୟ ଡ୍ରାଇଭରଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସେମାନଙ୍କୁ ଦଣ୍ଡିତ କରିଛନ୍ତି ବ୍ରିଟେନ କୋର୍ଟ । ସୂଚନା ମୁତାବକ, ମୃତ ଯୁବକ ଜଣକ ମଧ୍ୟ ଭାରତୀୟ ବଂଶୋଦ୍ଭବ, ତାଙ୍କ ନାମ ଅରମାନ ସିଂହ । ସେ ଡେଲିଭରି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ । ଗତ ବର୍ଷ ଅଗଷ୍ଟରେ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ମାମଲାରେ ବ୍ରିଟେନର ପଶ୍ଚିମ ମର୍କିଆ ପୁଲିସ ଚାରି ଜଣଙ୍କୁ ଗିରଫ କରିଥିଲା । ଗିରଫ ଚାରିଜଣ ହେଉଛନ୍ତି ଅର୍ଶଦୀପ ସିଂହ, ଜଗଦୀପ ସିଂହ, ଶିବଦୀପ ସିଂହ ଏବଂ ମଞ୍ଜୋତ୍ ସିଂହ । ଏମାନଙ୍କ ନାଁରେ ମାମଲା ଚାଲିବା ପରେ ଷ୍ଟାଫର୍ଡ କ୍ରାଉନ୍ କୋର୍ଟରେ ବିଚାର ହୋଇଥିଲା ।

ଘରେ ବସି ଭୋଟ୍ ଦେବେ ବୟସ୍କ ଓ ଭିନ୍ନକ୍ଷମ

ଇତିହାସ ସୃଷ୍ଟି କରିଛି ୧୮ଶହ ଲୋକସଭା ନିର୍ବାଚନ

୧.୬ କୋଟି ଭୋଟର ପାଇବେ ଏହି ସୁବିଧା

ନୂଆଦିଲ୍ଲୀ: ଲୋକସଭା ନିର୍ବାଚନରେ ପ୍ରଥମ ଥର ପାଇଁ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ୨୦୨୪ ଲୋକସଭା ନିର୍ବାଚନରେ ବୟସ୍କ ଓ ଭିନ୍ନକ୍ଷମଙ୍କ ପାଇଁ ହୋମ୍ ଭୋଟିଂର ସୁବିଧା ପ୍ରଦାନ କରିଛି । ୮୫ ବର୍ଷରୁ ଅଧିକ ବୟସ୍କ ଓ ୪୦% ଭିନ୍ନକ୍ଷମ ଭିନ୍ନକ୍ଷମ ଭୋଟର ମାନେ ଏହି ବିକଳ୍ପ ଗୃହ ମତଦାନ ସୁବିଧା ପାଇପାରିବେ । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଏହି ବର୍ଗର ଭୋଟରମାନେ ମତଦାନ ଆରମ୍ଭ କରି ସାରିଛନ୍ତି । ନିର୍ବାଚନ ପ୍ରକ୍ରିୟାର ଅନ୍ତର୍ଭୁକ୍ତୀକରଣ ଏବଂ ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ଗଣତାନ୍ତ୍ରିକ ଅଂଶଗ୍ରହଣକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସମଗ୍ର ଦେଶରେ ୮୧ ଲକ୍ଷ ୮୫ରୁ ଅଧିକ ବୟସ୍କ ଭୋଟର ଏବଂ ୯୦ ଲକ୍ଷରୁ ଅଧିକ ଭିନ୍ନକ୍ଷମ ଭୋଟର ପଞ୍ଜୀକୃତ ହୋଇଛନ୍ତି ।

(ଛତିଶଗଡ଼, ତାମିଲନାଡୁ ଓ ରାଜସ୍ଥାନରେ ୮୫ରୁ ଅଧିକ ବୟସ୍କ ଭୋଟର ହୋମ୍ ଭୋଟିଂ ସୁବିଧା ବ୍ୟବହାର କରି ମତଦାନ କରୁଛନ୍ତି)

ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ରାଜୀବ କୁମାର, ନିର୍ବାଚନ କମିଶନର ଶ୍ରୀ ଜ୍ଞାନେଶ କୁମାର ଏବଂ ଡ. ସୁଖବୀର ସିଂ ସାନ୍ଧୁ ଘୋଷଣା କରିଥିଲେ ଯେ ବୟସ୍କ ଏବଂ ଦିବ୍ୟାଙ୍ଗମାନଙ୍କୁ ଗୃହ ମତଦାନ ସୁବିଧା ପ୍ରଦାନ କରିବା ଆୟୋଗର ସେମାନଙ୍କ ପ୍ରତି ଯତ୍ନ ଏବଂ ସମ୍ମାନର ଅଭିବ୍ୟକ୍ତି ଏବଂ ଦୈନନ୍ଦିନ ଜୀବନରେ ଏହାକୁ ଗ୍ରହଣ କରିବା ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିବ । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ହୋମ୍ ଭୋଟିଂ ସୁବିଧା ପାଇଥିବା ଭୋଟରମାନେ ନିର୍ବାଚନ କମିସନଙ୍କ ପଦକ୍ଷେପ ପାଇଁ କୃତଜ୍ଞତା ଓ ସନ୍ତୋଷ ବ୍ୟକ୍ତ କରିଛନ୍ତି । ମତଦାନର ଗୋପନୀୟତା ବଜାୟ ରଖିବା ସହ ପୋଲିଂ କର୍ମଚାରୀ ଏବଂ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରି ଘରୁ ମତଦାନ ହୋଇଥାଏ । ଏହା ସହିତ ନିର୍ବାଚନ କମିଶନ ଏକ ଅଧିକ ସମାନ ଏବଂ ପ୍ରତିନିଧିତ୍ୱପୂର୍ଣ୍ଣ ଗଣତନ୍ତ୍ରକୁ ସୁଗମ କରିବା ଦିଗରେ ଆଉ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଛନ୍ତି, ଯେଉଁଠାରେ ଶାରୀରିକ ସୀମା କିମ୍ବା ବୟସ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କ ସ୍ୱର ଗୁରୁତ୍ୱପୂର୍ଣ୍ଣ । ରାଜସ୍ଥାନର ଚୁରୁରେ ଗୋଟିଏ ପରିବାରର ୮ ଜଣ ଭିନ୍ନକ୍ଷମ ଭୋଟର ଭାରତର ନିର୍ବାଚନୀ ଗଣତନ୍ତ୍ରର ଶକ୍ତିକୁ ଦର୍ଶାଇ ହୋମ ଭୋଟିଂ ସୁବିଧା ବ୍ୟବହାର କରିଥିଲେ । ଛତିଶଗଡ଼ର ବସ୍ତର ଓ ସୁକମା ଆଦିବାସୀ ଜିଲ୍ଲାର ୮୭ ବର୍ଷୀୟ ଇନ୍ଦୁମତୀ ପାଣ୍ଡେ ଓ ୮୬ ବର୍ଷୀୟା ସୋନମତୀ ବାଘେଲ ଘରେ ବସି ପୋଷ୍ଟାଲ ବାଲଟ୍ ବ୍ୟବହାର କରି ନିଜର ମତାଧିକାର ସାବ୍ୟସ୍ତ କରିବା ସହ ଏହି ସୁବିଧା ପାଇଁ ନିର୍ବାଚନ କମିଶନଙ୍କୁ କୃତଜ୍ଞତା ଜଣାଇଛନ୍ତି । ମହାରାଷ୍ଟ୍ରର ଗଡଚିରୋଲି ଜିଲ୍ଲାର ସିରୋଞ୍ଚା ସହରରେ ଦୁଇ ଜଣ ବୟସ୍କ ଭୋଟରଙ୍କୁ ଗୃହ ମତଦାନ ସୁବିଧା ଯୋଗାଇ ଦେବା ପାଇଁ ଇସିଆଇ ପୋଲିଂ ଟିମ୍ ୧୦୭ କିଲୋମିଟର ଯାତ୍ରା କରିଛନ୍ତି ।

କଙ୍ଗନାଙ୍କ ବିପକ୍ଷରେ ଲଢ଼ିବେ ବିକ୍ରମାଦିତ୍ୟ

ମଣ୍ଡି: କଂଗ୍ରେସ ପକ୍ଷରୁ ମଣ୍ଡି ଆସନରୁ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବିକ୍ରମାଦିତ୍ୟ ସିଂ । ହିମାଚଳ ପ୍ରଦେଶର କଂଗ୍ରେସ ସଭାପତି ପ୍ରତିଭା ସିଂ ଏହି ଘୋଷଣା କରିଛନ୍ତି । ତାଙ୍କ ନାମ ଏପର୍ଯ୍ୟନ୍ତ ଦଳ ପକ୍ଷରୁ ଅଧିକାରୀକ ଭାବେ ଘୋଷଣା କରାଯାଇ ନାହିଁ । ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ମଧ୍ୟ ଏହାର ସଙ୍କେତ ଦେଇଛନ୍ତି । ସେ କହିଛନ୍ତି, ଏହା ନିଶ୍ଚିତ ଯେ ମଣ୍ଡିରେ ଜଣେ ଯୁବ ନେତା ନିର୍ବାଚନ ଲଢ଼ିବେ । ଅନ୍ୟପକ୍ଷରେ ପ୍ରତୀଭା ସିଂ କହିଛନ୍ତି ଯେ, ଏହି ଆସନ ପାଇଁ ବିକ୍ରମାଦିତ୍ୟ ସିଂ ଜଣେ ଶକ୍ତିଶାଳୀ ପ୍ରାର୍ଥୀ ହେବେ । କଙ୍ଗନା କ'ଣ କରୁଛନ୍ତି କିମ୍ବା କହୁଛନ୍ତି, ଆମେ ସେ ବିଷୟରେ ଚିନ୍ତା କରୁନାହୁଁ । ମଣ୍ଡିର ଲୋକମାନେ ସବୁବେଳେ ଆମ ସହ ଅଛନ୍ତି । ମୁଁ କଠିନ ସମୟରେ ବି ନିର୍ବାଚନ ଜିତିଛି । ଏବେ ମୁଁ ଆଉ ନିର୍ବାଚନ ଲଢ଼ିବାକୁ ଚାହୁନାହିଁ । ସେଥିପାଇଁ ମୋ ପୁଅକୁ ପ୍ରାର୍ଥୀ କରିବାକୁ ଚାହୁଁଛି । ତେବେ ହିମାଚଳ ପ୍ରଦେଶର ମଣ୍ଡିରୁ କଙ୍ଗନା ରାନାୱତଙ୍କୁ ପ୍ରାର୍ଥୀ କରିଛି ବିଜେପି । ଏବେ ସେ ମଣ୍ଡିରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଅଛନ୍ତି । କଙ୍ଗନା ପ୍ରାର୍ଥୀ ହେବା ଆଶ୍ଚର୍ଯ୍ୟଜନକ ନୁହେଁ । କାରଣ ସେ ଆରମ୍ଭରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଜଣେ ବଡ଼ ପ୍ରଶଂସକ ରହିଆସିଛନ୍ତି । ସେ ଦୁଇ ବର୍ଷରୁ ଅଧିକ ସମୟ ଧରି ରାଜନୀତିରେ କ୍ୟାରିୟର କରିବାକୁ ଇଙ୍ଗିତ କରୁଥିଲେ । ଶେଷରେ ବିଜେପି ତାଙ୍କୁ ଟିକେଟ ଦେଇଛି ।

ଷ୍ଟାର ପ୍ରଚାରକ ତାଲିକାରୁ ହଟିଲା ଏକନାଥ ଓ ଅଜିତ ପାୱାରଙ୍କ ନାମ

ମୁମ୍ବାଇ: ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ଚିଠିରେ ନିଜ ଦଳରୁ ହିଁ ଷ୍ଟାର୍ ପ୍ରଚାରକ ରହିପାରିବେ ବୋଲି ଘୋଷଣା ହେବା ପରେ ବିଜେପି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କୁ ଏହି ତାଲିକାରୁ ହଟାଇଛି । ସମ୍ପ୍ରତି ସମସ୍ତ ଜିଲ୍ଲା କଲେକ୍ଟର ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଲେଖିଥିବା ଚିଠିରେ ସିଇଓ ଏହା ଦର୍ଶାଇଛନ୍ତି ଯେ ଲୋକସଭାର ପ୍ରତିନିଧୀ ଅଧିନିୟମ, ୧୯୫୦ ଅନୁସାରେ ଷ୍ଟାର ପ୍ରଚାରକମାନେ ସେହି ଦଳରୁ ହେବା ଆବଶ୍ୟକ । ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୪୦ ତାରକା ପ୍ରଚାରକଙ୍କ ସଂଶୋଧିତ ତାଲିକା ଭାରତର ନିର୍ବାଚନ ଆୟୋଗରେ ଦାଖଲ କରାଯାଇଛ । ତେବେ ପୂର୍ବରୁ ଷ୍ଟାର୍ ବା ତାରକା ପ୍ରଚାରକ ତାଲିକାରେ ଶିବସେନା ଏବଂ ମହାରାଷ୍ଟ୍ର ବିଜେପିରେ ଅନ୍ୟ ଦଳର ନେତାଙ୍କ ନାମ ରହିଥିଲା । ଶିବସେନାର ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏବଂ ଅଜିତ ପାୱାରଙ୍କୁ ଷ୍ଟାର ପ୍ରଚାରକ ଭାବରେ ତାଲିକାଭୁକ୍ତ କରାଯାଇଥିଲା । ରାଜ୍ୟ ବିଜେପି ତାଲିକାରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବ୍ୟତୀତ କେନ୍ଦ୍ର ମନ୍ତ୍ରୀ ରାମଦାସ ଅଟୱାଲେ ମଧ୍ୟ ରହିଥିଲେ । ଶିବସେନା (ସିନ୍ଦେ ଦଳ) ଏବଂ ବିଜେପିର ପ୍ରଚାରକ ତାଲିକା ସମ୍ପର୍କରେ ଏନସିପି (ଏସପି) ନିର୍ବାଚନ ଆୟୋଗରେ ଅଭିଯୋଗ କରିବାର କିଛି ଦିନ ପରେ ବିଜେପି ଏପରି ପଦକ୍ଷେପ ନେଇଛି ।

ଇରାନର ୯ କ୍ଷେପଣାସ୍ତ୍ର ଇସ୍ରାଏଲ ମୁହାଁ

ତେହେରାନ୍: ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏନେଇ କହି ସାରିଛନ୍ତି ଇରାନ ଇସ୍ରାଏଲର ତାଣ୍ଡବ ରଚିବାକୁ ଯାଉଛି । ଇରାନର ଆଇଏସଏନଏ ନ୍ୟୁଜ୍ ଏଜେନ୍ସି କହିଛି ଆମ ପାଖରେ ୯ ଏଭଳି କ୍ଷେପଣାସ୍ତ୍ର ଅଛି ଯାହା ଇସ୍ରାଏଲ୍ ପର୍ଯ୍ୟନ୍ତ ଆକ୍ରମଣ କରିବାକୁ ଏବଂ ଧ୍ୱଂସର ତାଣ୍ଡବ ରଚିବାକୁ ସକ୍ଷମ । ଏସବୁ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୧୪୦୦ କିଲୋମିଟରରୁ ୨୫୦୦ କିଲୋମିଟର ରହିଛି । ସେଥିମଧ୍ୟରୁ ସେଜ୍ଜିଲ୍ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୨୦୦୦ରୁ ୨୫୦୦ କିଲୋମିଟର ରହିଛି । ଏହାର ପେଲୋଡ୍ କ୍ଷମତା ୭୦୦ କିଲୋଗ୍ରାମ୍ ରହିଛି । ଖୋର୍ସମସହର-୪ କ୍ଷେପଣାସ୍ତ୍ରର କ୍ଷମତା ୨୦୦୦ କିଲୋମିଟର ରହିଛି । ଏହା ୧୫୦୦ କିଲୋଗ୍ରାମ୍ ଅସ୍ତ୍ରଶସ୍ତ୍ର ବୋହି ନେବାକୁ ସକ୍ଷମ । ହମାଦ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୨୦୦୦ କିଲୋମିଟର ରହିଛି । ଏହାର ପେଲୋଡ୍ କ୍ଷମତା ୭୫୦ କିଲୋଗ୍ରାମ୍ ସାହାବ-୩ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୨୦୦୦ କିଲୋମିଟର ଥିବାବେଳେ ଏହାର ପେଲୋଡ୍ କ୍ଷମତା ୧୧୨,୦୦ କିଲୋଗ୍ରାମ୍ ରହିଛି । ୧୧୦ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ ସୀମା ୧୯୫୦ କିଲୋମିଟରର ରହିଛି । ଏହା ୬୫୦ରୁ ୧୦୦୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ପେଲୋଡ୍ ବୋହି ନେବାକୁ ସକ୍ଷମ । ପାଓ୍ୱେହ କ୍ଷେପଣାସ୍ତ୍ର ୬୦୦ରୁ୯୦୦ କିଲୋଗ୍ରାମ୍ ଅସ୍ତ୍ରଶସ୍ତ୍ର ବୋହି ନେବା ସହ ୧୬୫୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାକୁ ସକ୍ଷମ । ଖେବର ଶେକନ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୧୪୫୦ କିଲୋମିଟର । ଫତହ-୨ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୧୪୦୦ କିଲୋମିଟର ଥିବାବେଳେ ହଜ୍ କାସିମ୍ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୧୪୦୦ କିଲୋମିଟର ରହିଛି ।

ସପିଂ ମଲ୍‌ରେ ଯୁବକଙ୍କ ଉନ୍ମୁକ୍ତ କାଣ୍ଡ: ୬ ମୃତ

ସିଡ୍ନୀ: ସପିଂ ମଲ୍ ଭିତରେ ଫୁଟିଲା ଗୁଳି । କେବଳ ସେତିକି ନୁହେଁ ଛୁରାମାଡ ମଧ୍ୟ ହୋଇଛି । ଏଥିରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଅଷ୍ଟ୍ରେଲିଆର ସିଡ୍ନୀରେ ଥିବା ଏକ ସପିଂ ମଲରେ ଘଟିଛି ଏଭଳି କିଛି ଘଟଣା । ଫଳରେ ଏହାକୁ ନେଇ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି । ରିପୋର୍ଟ ମୁତାବକ, ଶୁକ୍ରବାର ୱେଷ୍ଟଫିଲ୍ଡ ବୋନି ଜଙ୍କସନ ସପିଂ ସେଣ୍ଟରରେ ଏହି ଘଟଣା ଘଟିଛି । ଏଠାରେ ଜଣେ ଦୁର୍ବୃତ୍ତ ସପିଂ ମଲରେ ଥିବା ଲୋକଙ୍କ ଉପରୁ ଛୁରା ମାଡ କରିଥିଲେ । ଏଥିରେ ଜଣେ ମହିଳା ଓ ତାଙ୍କର ଦୁଇଟି ଛୁଆ ଓ ଜଣେ ଦୋକାନୀଙ୍କ ସମେତ ଅନ୍ୟ ୨ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ଅନେକ ଆହତ ହୋଇଛନ୍ତି । ତେବେ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ଗୁଳିରେ ଆକ୍ରମଣକାରୀ ମଧ୍ୟ ନିହତ ହୋଇଛି । ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ଶୁକ୍ରବାର ଅପରାହ୍ନ ୪ଟା ବେଳେ ଏହି ଘଟଣା ଘଟିଥିଲା । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣକାରୀଙ୍କୁ ଗୁଳି କରିବା ସହ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି । ସେହିପରି ସପିଂ ମଲ୍ ଭିତରେ ଥିବା ଅନ୍ୟ ଲୋକଙ୍କୁ ସୁରକ୍ଷିତ ଭାବେ ବାହରକୁ ବାହାର କରାଯାଇଛି । ଏଥିସହ ଲୋକଙ୍କୁ ସପିଂ ମଲ ଅଞ୍ଚଳରୁ ୧୦୦ ମିଟର ଯାଏ ଦୂରରେ ରହିବାକୁ ଅନୁରୋଧ କରାଯାଇଛି ।

ମିଳିଲାନି ଟିକେଟ୍, ଭୋ ଭୋ ହୋଇ କାନ୍ଦିଲେ ନେତା

ନୂଆଦିଲ୍ଲୀ: ୨୦୨୪ ଲୋକସଭା ନିର୍ବାଚନ । ମୈଦାନରେ ସମସ୍ତ ରାଜନୈତିକ ଦଳ । ଲଢ଼େଇ ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି । ଏଥିପାଇଁ ବିଭିନ୍ନ ବିଭିନ୍ନ ଦଳଙ୍କ ପ୍ରାର୍ଥୀ ଘୋଷଣା ମଧ୍ୟ ଜାରି ରହିଛି । ଏହାରି ଭିତରେ ଅନେକ ନେତାଙ୍କ ଟିକେଟ୍ କଟିଛି । ସେହିପରି ନୂଆ ଚେହାରାଙ୍କୁ ମିଳିଛି ଟିକେଟ୍ । ତେବେ ଟିକେଟ୍ କଟିବା ଦୁଃଖ କିଛି ନେତା ସହି ପାରି ନାହାନ୍ତି । ଛାତିର କୋହକୁ ସର୍ବସଂଗ୍ଭୁଖରେ ରୋକି ପାରି ନାହାନ୍ତି । ଏପରିକି ଲୋକଙ୍କ ଆଗରେ ଭୋ ଭୋ ହୋଇ କାନ୍ଦି ପକାଇଛନ୍ତି ପୂର୍ବତନ ସାଂସଦ । ବିହାରର ଆର୍ଜେଡି ନେତା ତଥା ପୂର୍ବତନ ସାଂସଦ ସରଫରାଜ ଆଲମଙ୍କୁ ଦଳ ଏଥର ଟିକେଟ୍ ଦେଇନି । ଏହାକୁ ସେ ସହ୍ୟ କରି ପାରି ନାହାନ୍ତି । ଅରରିୟାରେ ଏକ ଜନସଭାକୁ ସମ୍ବୋଧକ କରିବା ସମୟରେ ଲୋକଙ୍କ ଆଗରେ ସେ କାନ୍ଦି ପକାଇଛନ୍ତି । ପୂର୍ବତନ ସାଂସଦଙ୍କ ଏହି କାନ୍ଥୁଥିବା ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସରଫରାଜ ଆଲମ ନିଜ ସମର୍ଥକଙ୍କ ସହ ଶୁକବ୍ରାର ଏକ ଜନସଭାକୁ ସମ୍ବୋଧିତ କରିଥିଲେ । ଏହି ସମୟରେ ସେ ଭାବୁକ ହୋଇ ପଡିଥିଲେ । ସେ ନିଜ ବାପା ତଥା ପୂର୍ବତନ କେନ୍ଦ୍ର ଗୃହ ରାଜ୍ୟ ମନ୍ତ୍ରୀ ତସଲିମୁଦ୍ଦିନଙ୍କୁ ମନେ ପକାଇ ସେ କାନ୍ଦି ପକାଇଥିଲେ । ତେବେ ତାଙ୍କୁ ତାଙ୍କ ସମର୍ଥକମାନେ ସମ୍ଭାଳିଥିଲେ । ନେତାଙ୍କ ଆଖିରୁ ଝରୁଥିବା ଲୁହକୁ ସମର୍ଥକମାନେ ପୋଛିବା ସହ ତାଙ୍କ ସାନ୍ତ୍ୱନା ଦେଇଥିଲେ । ଏହି ସମୟରେ ସରଫରାଜ ଆରଜେଡି ମୁଖ୍ୟ ଲାଲୁ ଯାଦବ ଓ ତେଜସ୍ୱୀ ଯାଦବଙ୍କ ଉପରେ ଅସନ୍ତୋଷ ଝାଡିଥିଲେ । ଆର୍ଜେଡି ଏଥର ସରଫରାଜଙ୍କ ଟିକେଟ୍ କାଟି ତାଙ୍କ ସାନ ଭାଇ ଶାହନବାଜ ଆଲମଙ୍କୁ ଟିକେଟ୍ ଦେଇଛି । ଏଥିଯୋଗୁ ସରଫରାଜ ରାଗି ଯାଇଛନ୍ତି । ସେ ନିଜକୁ ତସଲିମୁଦ୍ଦିନଙ୍କ ଉତ୍ତରାଧିକାରୀ ଘୋଷଣା କରିବା ସହ ବିହାର ବିଶେଷକରି ସୀମାଞ୍ଚଳର ମୁସଲମାନମାନେ ଆରଜେଡିର ଶ୍ରମିକ ନୁହଁନ୍ତି ବୋଲି କହିଛନ୍ତି । ଆରଜେଡି ସର୍ବଦା ମୁସଲମାନମାନଙ୍କୁ ଭୋଟ୍ ବ୍ୟାଙ୍କ ଭାବରେ ବ୍ୟବହାର କରି ଆସୁଥିବା ସେ ଅଭିଯୋଗ ଆଣିଛନ୍ତି ।

ପଳାତକ ଭାରତୀୟ ଯୁବକ ପାଇଁ ଏଫ୍‌ବିଆଇ ଘୋଷଣା କଲା ପୁରସ୍କାର

ୱାଶିଂଟନ: ଭାରତୀୟ ଯୁବକ ଭଦ୍ରେଶ କୁମାର ଚେତନଭାଇ ପଟେଲଙ୍କ ସମ୍ପର୍କରେ ତଥ୍ୟ ଦେଲେ ଆମେରିକାର ସବୁଠାରୁ ବଡ଼ ତଦନ୍ତକାରୀ ସଂସ୍ଥା ଏଫବିଆଇ ଦେବ ୨.୧ କୋଟି ଟଙ୍କାର ପୁରସ୍କାର । ଏଫବିଆଇର ୧୦ ମୋଷ୍ଟୱାଣ୍ଟେଡ ଅପରାଧୀଙ୍କ ତାଲିକାରେ ଭଦ୍ରେଶ କୁମାରଙ୍କ ନାଁ ରହିଛି । ତେଣୁ ତାଙ୍କୁ ଧରିବା ପାଇଁ ଏବେ ଏଫବିଆଇ ଲୋକଙ୍କ ସହାୟତା ଲୋଡ଼ିଛି । ଏଫବିଆଇ ଭଦ୍ରେଶ କୁମାରଙ୍କ ଏକାଧିକ ଫଟୋ ଜାରି କରି କହିଛି ଯେ ୧୦ ମୋଷ୍ଟୱାଣ୍ଟେଡ ପଳାତକଙ୍କ ମଧ୍ୟରେ ଥିବା ଏହି ଯୁବକଙ୍କ ସମ୍ପର୍କରେ ତଥ୍ୟ ଦେଲେ ୨୫୦,୦୦୦ ଡଲାର ପୁରସ୍କାର ମିଳିବ । ସେ ତାଙ୍କ ପତ୍ନୀଙ୍କୁ ଡନଟ(ମିଠା ବରା) ଦୋକାନରେ ହତ୍ୟା କରିଥିଲେ । ୨୦୧୫ ଏପ୍ରିଲ ୧୨ରେ ହାନଓଭର ଠାରେ ଏହି ଘଟଣା ଘଟିଥିଲା ବୋଲି ଏଫବିଆଇ କହିଛି । ୨୦୧୫ରେ ଭଦ୍ରେଶ କୁମାର ଓ ତାଙ୍କ ପତ୍ନୀ ପଲକ ମିଳିତ ଭାବେ ହାନଓଭର ଠାରେ ଥିବା ମିଠା ବରା ଦୋକାନରେ କାମ କରୁଥିଲେ । ଏପ୍ରିଲ ୧୨ ତାରିଖ ରାତିରେ ଭଦ୍ରେଶ କୁମାର ଦୋକାନ ପଛରେ ଥିବା ରୁମରେ ପଲକଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ ।

ଜଜ୍‌ଙ୍କ ଉପରକ

ବଞ୍ଚାଇ ଦେଲେ ହେଟମେୟାର

ମୁଲାନପୁର,୧୩।୪(ଏଜେନ୍ସି): ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ଲଢୁଆ ବିଜୟ ହାସଲ କରିଛି। ଶେଷ ଭାଗରେ ସିମରନ୍ ହେଟମେୟାର ୧୦ ବଲରୁ ୨୭ ରନ୍ କରି ରାଜସ୍ଥାନ ରୟାଲ୍ସକୁ ୩ ୱିକେଟ୍ରେ ବିଜୟୀ କରିଛନ୍ତି। ଚଳିତ ସଂସ୍କରଣରେ ଏହା ରାଜସ୍ଥାନ ରୟାଲ୍ସର ପଞ୍ଚମ ବିଜୟ। ରାଜସ୍ଥାନ ୬ ମ୍ୟାଚରୁ ୧୦ ପଏଣ୍ଟ ହାସଲ କରି ପୂର୍ବପରି ପଏଣ୍ଟ ସାରଣୀର ଶୀର୍ଷ ସ୍ଥାନ ବଜାୟ ରଖିଛି। ଏହି ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୭ ରନ୍ କରିଥିଲା। ଜବାବରେ ରାଜସ୍ଥାନ ରୟାଲ୍ସ ୧୯.୪ ଓଭରରେ ୭ ୱିକେଟ୍ ହରାଇ ୧୪୯ ରନ୍ କରି ବିଜୟ ହାସଲ କରିଥିଲା। ଓପନର ଅର୍ଥବ ତାଇଡେ ୧୨ ବଲ୍ରୁ ୧୫ ରନ୍, ଜନୀ ବେୟାରଷ୍ଟୋ ୧୯ ବଲ୍ରୁ ୧୫, ପ୍ରଭସିମରନ୍ ସିଂ (ଇମ୍ପାକ୍ଟ ଖେଳାଳି) ୧୪ ବଲ୍ରୁ ୧୦, ଅଧିନାୟକ ସାମ କୁରନ ୬ ରନ୍, ଜିତେଶ ଶର୍ମା ୨୯ ରନ୍, ଶଶାଙ୍କ ସିଂ ୯ ରନ୍, ଲିଆମ୍ ଲିଭିଂ ଷ୍ଟୋନ୍ ୨୧, ଆଶୁତୋଷ ଶର୍ମା ୩୧ ରନ୍ କରିବାରୁ ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୭ ରନ୍ କରିଥିଲା। ବୋଲିଂରେ ରାଜସ୍ଥାନ ରୟାଲ୍ସର ଆଭେସ ଖାନ୍ ଓ କେଶବ ମହାରାଜ ୨ଟି ଲେଖାଏଁ ତଥା ଟ୍ରେଣ୍ଟ ବୋଲ୍ଟ, କୁଲଦୀପ ସେନ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ। ୧୪୮ ରନ୍ର ବିଜୟଲକ୍ଷ୍ୟକୁ ପିଛା କରିଥିବା ରାଜସ୍ଥାନ ରୟାଲ୍ସ ପାଇଁ ଇମ୍ପାକ୍ଟଖେଳାଳି ଯଶସ୍ୱୀ ଜୟସ୍ୱାଲଙ୍କ ସହ ତନୁଶ କୋଟିଆନ୍ ପାଳି ଆରମ୍ଭ କରିଥିଲେ। ପ୍ରଥମ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୮.୨ ଓଭରରେ ୫୬ ରନ୍ର ପାର୍ଟନରସିପ୍ ହୋଇଥିଲା। ଜୟସ୍ୱାଲ ୨୮ ବଲ୍ରୁ ୩୯, ତନୁସ କୋଟିଆନ୍ ୨୪, ଅଧିନାୟକ ସଞ୍ଜୁ ସାମସନ ୧୮, ରିଆନ୍ ପରାଗ ୨୩ ଓ ଧ୍ରୁବ ଜୁରେଲ ୬ ରନ୍ କରି ଆଉଟ୍ ହୋଇଥିଲେ। ମ୍ୟାଚର ଶେଷ ଭାଗରେ ରୋଚକତା ବଢ଼ିଯାଇଥିଲା। ବଲ ଗୁଳନାରେ ରନ୍ ହାର ଅଧିକ ଥିବାରୁ ସିମରନ୍ ହେଟମେୟାର ବିସ୍ଫୋରକ ଇନିଂସ ଖେଳିଥିଲେ। ସେ ୧୦ ବଲ୍ରୁ ୩ଟି ଛକା ଓ ଗୋଟିଏ ଛକା ସହାୟତାରେ ଅପରାଜିତ ୨୭ ରନ୍ କରି ମ୍ୟାଚ ମୁଣ୍ଡି ମାରିଥିଲେ। ଏପରିକି ଜିତିବା ପାଇଁ ଶେଷ ରନ୍ର ଆବଶ୍ୟକତା ଥିଲା। ଅର୍ଶଦୀପ ସିଂଙ୍କୁ ଦୁଇଟି ଛକା ମାରି ମ୍ୟାଚ ଫିନିସ କରିଥିଲେ ହେଟମେୟାର।

ଆଇପିଏଲ୍ ମହାସମର

ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ
ରାଜସ୍ଥାନ	୬	୫	୧	୧୦
କୋଲକାତା	୪	୩	୧	୬
ଚେନ୍ନାଇ	୫	୩	୨	୬
ଲକ୍ଷ୍ନୌ	୫	୩	୨	୬
ସନ୍‌ରାଇଜର୍ସ	୫	୩	୨	୬
ଗୁଜରାଟ	୬	୩	୩	୬
ମୁମ୍ବାଇ	୫	୨	୩	୪
ପଞ୍ଜାବ	୬	୨	୪	୪
ଦିଲ୍ଲୀ	୬	୨	୪	୪
ବେଙ୍ଗାଲୁରୁ	୬	୧	୫	୨

ଆଜିର ମ୍ୟାଚ

କୋଲକାତା–ଲକ୍ଷ୍ନୌ	ମୁମ୍ବାଇ–ଚେନ୍ନାଇ
ସମୟ: ଅପରାହ୍ନ ୩.୩୦	ସମୟ: ରାତି ୭.୩୦
ସ୍ଥାନ: ଇଡେନ୍	ସ୍ଥାନ: ୱାଙ୍ଖେଡେ

ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

ଉତ୍କଳ ଯୁବ ପରିଷଦ କ୍ରିକେଟ୍: ବିସି ମଧୁ ଟିମ୍ ଚାମ୍ପିଅନ

ନିଶ୍ଚିନ୍ତକୋଇଲି,୧୩।୪(ସବୁ୍ୟ): କଟକଟା ପଞ୍ଚାୟତରେ ଥିବା ଉତ୍କଳ ଯୁବ ପରିଷଦ ଆନୁକୂଲ୍ୟରେ ୩୦ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏହାର ପ୍ରଥମ ଫାଇନାଲ ମ୍ୟାଚରେ ସାଲେପୁର ଡ଼ିଡ଼ିଏଲ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ ହରାଇ ୧୯୯ ରନ୍ କରିଥିଲା ଜବାବରେ ଅର୍ଡମୂଲ କ୍ରିକେଟ ଟିମ୍ ୧୨ ଓଭରରେ ୮ ୱିକେଟ ହରାଇ ୧୭୦ରନ୍ କରି ରନର୍ସଅପ ହୋଇଥିଲା । ଦ୍ୱିତୀୟ ଫାଇନାଲ ମ୍ୟାଚରେ ବିସି ମଧୁ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୮ ୱିକେଟ ହରାଇ ୧୩୭ ରନ କରିଥିଲା ଜବାବରେ ହାଇଡ଼ା କ୍ରିକେଟ୍ ଟିମ୍ ୧୦ଓଭରରେ ସମସ୍ତ ୱିକେଟ ହରାଇ ୮୭ରନ୍ କରି ରନର୍ସଅପ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ପରିଷଦର ସଭାପତି ସାୟାଦିକ ମନୋରଞ୍ଜନ ଭୂୟାଁଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଚିତ୍ତରଞ୍ଜନ ମଲିକ, ସମାଜସେବୀ ସନ୍ତୋଷ ସିହ୍ନା, ଶିକ୍ଷାବିତ୍ ଶରତ ମହାନ୍ତି, ପରିଷଦର ସଭାପତି ରଘୁନାଥ ସିଂ,ଅରୁଣ କୁମାର ସିଂ ପ୍ରମୁଖ ଯୋଗ ଦେଇ ଚାମ୍ପିଅନ ଏବଂ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ପରିଷଦର ସମସ୍ତ କର୍ମକର୍ତ୍ତା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

ପନ୍ତଙ୍କ ବିରଳ ରେକର୍ଡ଼

ନୂଆଦିଲ୍ଲୀ,୧୩।୪(ଏଜେନ୍ସି): ଆଇପିଏଲ୍ ଇତିହାସର ବିରଳ ରେକର୍ଡ କ୍ଲବରେ ନିଜକୁ ସାମିଲ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ । ଲଗାତାର ଦୁଇଟି ମ୍ୟାଚ ହାରିବା ପରେ ଦିଲ୍ଲୀ ପୁଣି ବିଜୟ ଟ୍ରାକ୍କୁ ଫେରିଛି। ଲକ୍ଷ୍ନୌ ବିପକ୍ଷରେ ମ୍ୟାଚରେ ଦିଲ୍ଲୀ ୬ ୱିକେଟ୍ରେ ବିଜୟୀ ହୋଇଥିବା ବେଳେ ଅଧିନାୟକ ରିଷଭ ପନ୍ତ ୨୪ ବଲ୍ରୁ ୪୧ ରନ୍ର ଇନିଂସ ଖେଳି ବିରଳ କ୍ଲବ୍ରେ ସାମିଲ ହୋଇଛନ୍ତି । ସେ ତୃତୀୟ ସର୍ବକନିଷ୍ଠ ଖେଳାଳି ଭାବେ ଆଇପିଏଲ୍ରେ ୩୦୦୦ ରନ୍ ପୁରଣ କରିଛନ୍ତି। ୨୬ ବର୍ଷ ୧୯୯ ଦିନ ବୟସରେ ପନ୍ତ ୩୦୦୦ ରନ୍ ପୁରଣ କରିଛନ୍ତି। ତାଲିକାର ନଂ.୧ ସ୍ଥାନରେ ଶୁଭମନ ଗିଲ ଓ ଦ୍ୱିତୀୟ ସ୍ଥାନରେ ବିରାଟ କୋହଲି ଅଛନ୍ତି। ଗିଲ ୨୪ ବର୍ଷ ୨୧୫ ଦିନ ବୟସ, ବିରାଟ କୋହଲି ୨୬ ବର୍ଷ ୧୮୬ ଦିନ, ପନ୍ତ ୨୬ ବର୍ଷ ୧୯୧ ଦିନ, ସଞ୍ଜୁ ସାମସନ ୨୬ ବର୍ଷ ୩୨୦ ଦିନ ଓ ସୁରେଶ ରାଇନା ୨୬ ବର୍ଷ ୧୬୧ ଦିନ ବୟସରେ ଆଇପିଏଲ୍ର ୩୦୦୦ ରନ୍ ହାସଲ କରିଥିଲେ। ୩୦୦୦ ରନ୍ ପୁରୁଣ କରିଥିବା ୨୫ ଜଣ ଖେଳାଳିଙ୍କ ଷ୍ଟ୍ରାଇକ୍ରେଟ୍ ଦେଖିଲେ ପନ୍ତ ତୃତୀୟ ସ୍ଥାନରେ ଅଛନ୍ତି। ପନ୍ତଙ୍କ ଷ୍ଟାଇକ୍ରେଟ ୧୪୮.୪। ଏଭି ଡିଭିଲିୟର୍ସଙ୍କ ଷ୍ଟାଇକରେଟ୍ ସର୍ବାଧିକ ୧୫୧.୬୮ ଓ କ୍ରିସ୍ ଗେଲ୍ ୧୪୮.୬ ଷ୍ଟ୍ରାଇକ୍ରେଟ୍ରେ ରନ୍ ସଂଗ୍ରହ କରିଛନ୍ତି।

କବୀର ହଂସଙ୍କୁ ଡବଲ୍ସ ଟାଇଟଲ

ଭୁବନେଶ୍ୱର,୧୩।୪(ସବୁ୍ୟ): କିଟ୍ର ଛାତ୍ର କବୀର ହଂସ ଆଇଟା ପୁରୁଷ ୫ ଲକ୍ଷ ଟୁର୍ଣ୍ଣାମେଣ୍ଟ ଡବଲ୍ସ ଟାଇଟଲ ହାତେଇଛନ୍ତି। ତେଲେଙ୍ଗାନା ଟେନିସ୍ ଆସୋସିଏସନ୍ ଏବଂ ଆଇଟା ପକ୍ଷରୁ ହାଇଦ୍ରାବାଦର ଫ୍ଲିମନଗର କଲଚରାଲ ସେଣ୍ଟର ଏବଂ ଜୁଗଲି ହିଲ ଇଣ୍ଟରନ୍ୟାସନାଲ କ୍ଲବ୍ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୁଷ ଡବଲ୍ସ ଫାଇନାଲରେ କବୀର ହଂସ ଓ ଗୁଜରାଟର ଦେବ ଜାଭିଆ ୭-୫, ୬-୨ ସିଧାସଳଖ ସେଟ୍ରେ ଉତ୍ତରପ୍ରଦେଶର ମାନ୍ କେଶରୱାନି, ରିକି ଚୌଧୁରୀ (ହରିୟାଣା)ଙ୍କୁ ହରାଇ ଚାମ୍ପିଅନ୍ ହୋଇଥିଲେ । କ୍ରୀଡା କୋଟାରେ କବୀର ହଂସ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏହି ସଫଳତା ପାଇଁ କବୀର ପ୍ରଫେସର ଅଚ୍ୟୁତ ସାମନ୍ତ ତଥା କିଟ୍ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

ପୁରୀ ବକ୍ସିଂ ଏକାଡେମୀ ତରଫରୁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୩।୪(ସବୁ୍ୟ): ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ସମସ୍ତ ଖେଳାଳି ଶ୍ରୀମନ୍ଦିରଠାରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବିନୋଦ ସିଂ, ଭାଗୀରଥି ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିର ମେ' ୧୫ ତାରିଖରେ ଶେଷ ହେବ। ଶିବିରରେ ଯୋଗଦେବାକୁ ଆଗ୍ରହୀ ଥିବା ଖେଳାଳିମାନେ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁଙ୍କୁ ଯୋଗଯୋଗ କରିବାକୁ ଅନୁରୋଧ କରାଯାଇଛି।

ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ଫେଡେରେସନ୍ କପ୍ ବିଜେତାଙ୍କୁ ସମ୍ବର୍ଦ୍ଧନା

ନୂଆଦିଲ୍ଲୀ,୧୩।୪(ଏଜେନ୍ସି): ଗୋଆରେ ୧୩ତମ ଜାତୀୟ ପୁରୁଷ ସୁନ୍ଦର ସ୍ୱାସ୍ଥ୍ୟ ଫେଡେରେସନ୍ କପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବଡ଼ି ବିଲ୍ଡିଂ ଆସୋସିଏସନ୍ର ଅମିତ କୁମାର ଭୂୟାଁ ସ୍ୱର୍ଣ୍ଣ ଓ ବାଦଳ ବେହେରା ରୌପ୍ୟ ପଦକ ତଥା ବିନ୍ଧୁ ସାଗର କଳସ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି କୃତିପ୍ରତିଯୋଗୀଙ୍କୁ ଓଡ଼ିଶା ସୁନ୍ଦରସ୍ୱାସ୍ଥ୍ୟ ସଂଘ ପକ୍ଷରୁ ସ୍ଥାନୀୟ ଉତ୍କଳ କରାଟେ ଠାରେ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର, କାର୍ଯ୍ୟ ନିର୍ବାହୀ ଉପସଭାପତି ବାବୁଲି ସ୍ୱାଇଁ, ଉପଦେଷ୍ଟା ହରିପ୍ରସାଦ ପଟ୍ଟନାୟକ, ଚିତରଞ୍ଜନ ସ୍ୱାଇଁ, ମନ୍ମଥ ମିଶ୍ର, ରାଜେଶ ବାବୁ ଆଚାରୀ, ପ୍ରଫୁଲ ଗୁରୁ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ପ୍ରଶଂସା କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରାଯାଇଥିଲା।

ପିସିଏଲ୍ର ଦ୍ୱିତୀୟ ସଂସ୍କରଣ: ଜିଡିସି କ୍ଲାଷ୍ଟର ଚାମ୍ପିଅନ

ପାରାଦୀପ,୧୩।୪(ଜି.ପ୍ର): ଶୁକ୍ରବାର ଦିନ ଉଦଯାପନ ହୋଇଛି ପାରାଦୀପ କ୍ରିକେଟ୍ ଲିଗ୍ (ପି.ସି.ଏଲ୍) ଟୁର୍ଣ୍ଣାମେଣ୍ଟ। ୧୪ ଦିନ ବ୍ୟାପୀ ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିଲା ବେଳେ ଆଜି ଉଦଯାପନୀ ମ୍ୟାଚରେ ଜି.ଡି.ସି କ୍ଲାଷ୍ଟର ଓ ଶ୍ରୀରାମ ସ୍ପୋର୍ଟିଂ ମୁହାଁ ମୁହିଁ ହୋଇଥିଲେ। ଟସ୍ ଜିତି ଜିଡିସି କ୍ଲାଷ୍ଟର ବ୍ୟାଟିଂର ନିଷ୍ପତ୍ତି ନେଇଥିଲା। ୧୯ ଓଭର ୧ଟି ବଲରେ ଚାର ମୂଲ୍ୟବାନ ୧୦ ଟି ୱିକେଟ୍ ହରେଇ ଜିଡିସି କ୍ଲାଷ୍ଟର ୧୫୨ ରନ୍ କରିଥିଲା । ଶ୍ରୀରାମ ସ୍ପୋର୍ଟିଂ ୧୬ ଓଭର ସୁଧା ଅଲ୍ ଆଉଟ୍ ହୋଇ ମାତ୍ର ୧୦୪ ରନ୍ କରି ପାରିଥିଲା। ଏହି ମ୍ୟାଚରେ ମ୍ୟାନ ଅଫ୍ ଦି ମ୍ୟାଚ୍ ଜିଡିସି କ୍ଲାଷ୍ଟରର କ୍ୟାପଟେନ୍ ଶମ୍ଭୁନାଥ ବେହେରା ହୋଇଥିଲା। ବେଳେ ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରୀରାମ ସ୍ପୋର୍ଟିଂର ଅମିତ ସାହୁ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହୋଇଛନ୍ତି । ଡୁଇ ଅମ୍ପୟାର୍ ନିହାର ରଞ୍ଜନ ବଳିଆର ସିଂହ ଓ ଦେବେନ୍ଦ୍ର ନାୟକ ଏହି ମ୍ୟାଚ୍ କୁ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ପାରାଦୀପ ପୌର ପରିଷଦର ଅଧକ୍ଷ ବସନ୍ତ କୁମାର ବିଶ୍ୱାଳ, ବରୁଣ ମିଶ୍ର, ଡ଼ଃ ଦୁର୍ଗା ପ୍ରସାଦ ସେଠୀ ,ଉପଯାତାୟାତ ପ୍ରବନ୍ଧକ ଶ୍ରୀମନ ନାରାୟଣ ମିଶ୍ର, ଅକ୍ଷୁ ପଟେଲ ସିଆଇଏସଏଫ୍ କମାଣ୍ଡାଣ୍ଟ ,ସୁବାଷ ଆଚାର୍ଯ୍ୟ ଙ୍କ ସହିତ ପିସିଏଲ୍ ର ସଭାପତି ରବି ଦାସ, ଉପ ସଭାପତି ସୁବାସ ଆଚାର୍ଯ୍ୟ/ ଅକ୍ଷୟ କୁମାର ସୁତାର, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ପତୀ, ସାଧାରଣ ସମ୍ପାଦକ ଚୁନିତ କୁମାର ଦାସ, ଯୁଗ୍ମ ସଭାପତି ଭରଦ୍ୱାଜ ସାହୁ/ ଅଧିର ରଞ୍ଜନ ସାହୁଙ୍କ ନେତୃତ୍ୱରେ ପାରାଦୀପ ମଧୁବନ ଏନ୍ଏସି ପଡ଼ିଆ ଠାରେ ଏହି ୧୪ ଦିନିକିଆ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି ।

କିଙ୍ଗ୍ସ କପ୍: ଭାରତର ପ୍ଲେ ଅଫ୍ ଆଶାରେ ପୂର୍ଣ୍ଣଚ୍ଛେଦ

ଭୁବନେଶ୍ୱର,୧୩।୪(ସବୁ୍ୟ): ଚୀନ୍ର ଚାଙ୍ଗଶାରେ ଚାଲିଥିବା ଏସିଆ ଓସେନିଆ ଗ୍ରୁପ୍ ଏ' ବିଲିଜଙ୍ଗ କିଙ୍ଗ୍ସ କପ୍ରେ ଶନିବାର ଭାରତ ଶେଷ ଗ୍ରୁପ୍ ମ୍ୟାଚରେ ନ୍ୟୁଜିଲାଣ୍ଡ ନିକଟରୁ ୧-୨ ବ୍ୟବଧାନରେ ପରାଜିତ ହେବା ସହ ଐତିହାସିକ ପ୍ଲେ ଅଫ୍ ଆଶାରେ ପୂର୍ଣ୍ଣଚ୍ଛେଦ ପଡିଛି। ପ୍ରଥମ ମ୍ୟାଚରେ ଭାରତର ରୁତୁଜା ଭୋଶଲେ ୬-୨, ୭-୬ ସେଟ୍ରେ ନ୍ୟୁଜିଲାଣ୍ଡର ମୋନିକ୍ୟୁ ବେରିଙ୍କୁ ହରାଇ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ପରବର୍ତ୍ତୀ ଦୁଇଟି ମ୍ୟାଚରେ ଭାରତ ପରାଜୟର ସମ୍ମୁଖୀନ ହୋଇଥିଲା। ସିଙ୍ଗଲ୍ସ ମୁକାବିଲାରେ ଅଙ୍କିତା ରାଇନା ୨-୬, ୦-୬ ସେଟ୍ରେ ଏଲ୍ ଲୁଲୁ ସନ୍ଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ତୃତୀୟ ମ୍ୟାଚ ତଥା ଡବଲ୍ସରେ ଅଙ୍କିତା ରାଇନା ଓ ପ୍ରାର୍ଥନାଙ୍କ ଯୋଡି ୧-୬, ୫-୭ ସେଟ୍ରେ ପାଇଜି ହୋରିଗାନ ଓ ଏରିନ ରୁଟଲାଇଫ୍ଙ୍କ ଠାରୁ ପରାଜିତ ହେବା ସହ ପ୍ଲେ ଅଫ୍ ଆଶାରେ ପୂର୍ଣ୍ଣଚ୍ଛେଦ ପଡିଛି।

ଗୋଟିଏ ଓଭରରେ ୬ ଛକା ମାରିଲେ ନେପାଳ କ୍ରିକେଟର

କାଠମାଣ୍ଡୁ,୧୩।୪(ଏଜେନ୍ସି): ନେପାଳର ଉଦୀୟମାନ କ୍ରିକେଟର ଦିପେନ୍ଦ୍ର ସିଂ ଆୟରି ଗୋଟିଏ ଓଭରରେ ୬ ଛକା ମାରିବାର କୀର୍ତ୍ତିମାନ କରିଛନ୍ତି । ଟି-୨୦ କ୍ରିକେଟ୍ରେ ଯୁବରାଜ ସିଂ ଓ କିରଣ ପୋଲାର୍ଡଙ୍କ ପରେ ଏହି ସଫଳତା ହାସଲ କରିଛନ୍ତି ଦୀପେନ୍ଦର । ଅଲଆମିରଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏସିସି ପୁରୁଷ ପ୍ରିମିୟର ଲିଗ୍ ଟି-୨୦ରେ କାତାର ବିପକ୍ଷରେ ଦୀପେନ୍ଦର ଏହି ୬ଟି ଛକା ମାରିଥିଲେ । ଏହି ମ୍ୟାଚରେ ସେ ୨୧ ବଲ୍ରେ ୬୪ ରନ୍ କରି ଅପରାଜିତ ରହିଥିଲେ । କମରାନ୍ ଖାନ୍ଙ୍କ ଓଭରରେ ଦୀପେନ୍ଦର ୬ଟି ଛକା ମାରିଥିଲେ । ନେପାଳ ପ୍ରଥମେ ବ୍ୟାଟିଂ କରି ୨୧୦ ରନ୍ ସଂଗ୍ରହ କରିଥିଲା । କୁଶଲ ମଲ୍ଲ ୧୮ ବଲ୍ରେ ୩୫ ରନ୍ ଓ ଆଶିଫ ଶେଖ ୪୧ ବଲ୍ରେ ୫୨ ରନ୍ କରିଥିଲେ ।

କଳାହାଣ୍ଡି କପ୍: ଭଦ୍ରକ, ପାରାଦୀପ, ଅନୁଗୁଳ ବିଜୟୀ

ଭୁବନେଶ୍ୱର,୧୩।୪(ସବୁ୍ୟ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ଘରୋଇ ପ୍ରତିଯୋଗିତା କଳାହାଣ୍ଡି କପ୍ ସିନିୟର ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ପ୍ରିଲିମିନାରୀ ଲିଗ୍ ଚତୁର୍ଥ ପର୍ଯ୍ୟାୟ ଗୋଲ୍ଡ ଏ' ବର୍ଗରେ ଶନିବାର ଭଦ୍ରକ, ପାରାଦୀପ ଏବଂ ଅନୁଗୁଳ ବିଜୟୀ ହୋଇଛନ୍ତି।

ଡ୍ରିମ୍ସ ଷ୍ଟାଡିୟମ୍ରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୧୨୧ ରନ୍ ବ୍ୟବଧାନରେ ବରଗଡ଼କୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଭଦ୍ରକ ୫୦ ଓଭରରେ ୫ ୱିକେଟ୍ ହରାଇ ୩୩୮ ରନ୍ କରିଥିଲା। ଆକାଶ ମହାପାତ୍ର ୧୬୬ ରନ୍ ଓ ସ୍ୱୟମ୍ଭୁ ପଲେଇ ୫୧ ରନ୍ କରିଥିଲେ। ଜବାବରେ ବରଗଡ଼ ୪୮.୨ ଓଭରରେ ୨୧୭ ରନ କରି ସମସ୍ତ ୱିକେଟ୍ ହରାଇଥିଲା। ପ୍ରବୀଣ କୁମାର ଲୁହା ୬୩ ରନ୍ ଓ ରାକେଶ କିଶାନ ୩୯ ରନ୍ କରିଥିଲେ।

ରେଭେନ୍ସା ନଂ.୧ ପଡିଆରେ ଅନୁଷ୍ଠିତ ମ୍ୟାଚରେ ପାରାଦୀପ ୪ ୱିକେଟ୍ରେ କିଟ୍କୁ ହରାଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି କିଟ୍ ୪୮.୧ ଓଭରରେ ୨୬୩ ରନ୍ କରିଥିଲା। ସୁଦର୍ଶନ ସ୍ୱାଇଁ ୭୯ ରନ୍ ଓ ମାରୋକୁ ପ୍ରଶାନ୍ତ ୬୬ ରନ୍ କରିଥିଲେ । ଜବାବରେ ପାରାଦୀପ ୪୮.୨ ଓଭରରେ ୨୬୬/୬ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା। ଶାଶ୍ୱତ ମହାନ୍ତି ୧୧୮ ରନ୍ର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଅମିତ ସାହୁ ୫୬ ରନ୍ କରିଥିଲେ।

ବାରବାଟୀ ଷ୍ଟାଡିୟମ୍ରେ ମ୍ୟାଚରେ ଅନୁଗୁଳ ୮୬ ରନ୍ ବ୍ୟବଧାନରେ ବୌଦ୍ଧକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଅନୁଗୁଳ ୪୪ ଓଭରରେ ୧୮୨ ରନ୍ କରି ଅଲ୍ଆଉଟ୍ ହୋଇଥିଲା। ଟୁକୁନା ସାହୁ ସର୍ବାଧିକ ୬୮ ରନ୍ କରିଥିଲେ। ଜବାବରେ ବୌଦ୍ଧ ୨୬ ଓଭରରେ ୯୬ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା।

SALE SALE SALE

Flex Printing Machine (10 feet)
As on Where Basis.

Company Name:
"MONOTECH"
Systems PVT.LTD.
For Contact : 8917518606



Meera's COURTYARD

AT KURANGA PHULNAKHARA



Huge lush green happening space situated in between Cuttack and Bhubaneswar.

- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking,

WILL perfectly match to your dream to make your event a memorable one.

For:
- Wedding • Star night • Conference and work shops
- Birthday party • Musical events • Corporate meet

Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

ସୂଚନା

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ୟୁସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠା